ମୟୂରଭଞ୍ଜ-ମୁକ୍ତିସଂଗ୍ରାମର ସଂକ୍ଷିପ୍ତ ଇତିହାସ

ଶ୍ରୀ ପ୍ରବନ୍ଧ କୁମାର ଦାସ

Digitized by srujanika@gmail.com

ମୟୂରଭଞ୍ଜ-ମୁକ୍ତି ସଂଗ୍ରାମର ସଂକ୍ଷିପ୍ତ ଇତିହାସ

ଶ୍ରୀ ପ୍ରସନ୍ନ କୁମାର ଦାସ

Digitized by srujanika@gmail.com

ସନ୍ତୋଷ
ପବ୍ଲିକେଶନ୍ସ୍

ପ୍ରକାଶକ

ଶ୍ରୀ ଉମେଶପ୍ରସାଦ ସାହୁ
ସନ୍ତୋଷ ପବ୍ଲିକେଶନ୍ସ୍
ରାଷ୍ଟ୍ରଭାଷା ରୋଡ୍, କଟକ-୭୫୩୦୦୧
ଗୋସାଣିନୂଆଗାଁ, ବ୍ରହ୍ମପୁର-୭୬୦୦୦୩

ପ୍ରଥମ ପ୍ରକାଶ
୧୯୮୭

ମୁଦ୍ରାକର

ଶ୍ରୀ ଗୋପୀନାଥ ସାହୁ
ରାଷ୍ଟ୍ରଭାଷା ସମବାୟ ପ୍ରେସ୍
ରାଷ୍ଟ୍ରଭାଷା ରୋଡ୍, କଟକ-୭୫୩୦୦୧

ମୂଲ୍ୟ
ଦଶ ଟଙ୍କା

Digitized by srujanika@gmail.com

ମୁଖବନ୍ଧ

ମୟୂରଭଞ୍ଜ ଷ୍ଟେଟ୍‌ର ଶାସନ-ବ୍ୟବସ୍ଥା ଓଡ଼ିଶାର ଅନ୍ୟାନ୍ୟ ଷ୍ଟେଟ୍‌ମାନଙ୍କ ତୁଳନାରେ ନାନାଭାବରେ ମାର୍ଜିତ ଥିଲା । ଏହି ଷ୍ଟେଟ୍‌ର ଅଧିବାସୀମାନଙ୍କ ମଧ୍ୟରୁ ହରିଜନ ଓ ଆଦିବାସୀଙ୍କ ସଂଖ୍ୟା ଶତକଡ଼ା ୭୦ ଭାଗରୁ ଊଣା ନୁହେଁ । ଗଡ଼ଜାତ ଶାସନ ସମୟରେ ଏହି ରାଜ୍ୟର ଶିକ୍ଷା ବ୍ୟବସ୍ଥା ବିଶେଷ ଉନ୍ନତ ନ ଥିଲା । ସରକାରୀ କର୍ମଚାରୀମାନଙ୍କର ପ୍ରଜା-ମାନଙ୍କ ଉପରେ ଅତ୍ୟାଚାର, ରାଜ୍ୟରେ ବେଠି ପ୍ରଥା ଏବଂ ପୋଲିସ୍, ଫରେଷ୍ଟର, ସର୍ଦ୍ଦାର, ପ୍ରଧାନ ଓ ତହସିଲ୍ ମେମ୍ବର୍‌ମାନଙ୍କର ଅତ୍ୟାଚାର ମଧ୍ୟ ଥିଲା ।

ଏ ସମସ୍ତ ଅତ୍ୟାଚାର ଅତି ସୀମିତ ଥିଲା । କାରଣ ଏ ରାଜ୍ୟର ମହାରାଜା ବା ତାଙ୍କର ପରିବାରବର୍ଗଙ୍କର ସେଭଳି କିଛି ନଗ୍ନ ଅତ୍ୟାଚାର ନ ଥିଲା । ରାଜ୍ୟରେ ଆଇନ କାନୁନ୍ ଓ ନ୍ୟାୟାଳୟ ଥିଲା ଏବଂ ଲୋକେ ବହୁ କ୍ଷେତ୍ରରେ ନିରପେକ୍ଷ ବିଚାର ମଧ୍ୟ ପାଉଥିଲେ ।

ଏହି ମୟୂରଭଞ୍ଜର ପୂର୍ବତନ ରାଜାମାନେ ଅତି ଉଚ୍ଚକୋଟୀର ଲୋକ ଥିବାର ଜଣାଯାଏ ।

ସେମାନେ ସ୍ୱାଧୀନତା ପୂର୍ବରୁ ପ୍ରଶାସନିକ ବ୍ୟବସ୍ଥାକୁ ଭାଙ୍ଗିବାପାଇଁ କେବେ ସାହସ କରିପାରି ନ ଥିଲେ । ଏତଦ୍‌ବ୍ୟତୀତ ଅତି ଯୋଗ୍ୟତାସମ୍ପନ୍ନ ବ୍ୟକ୍ତିମାନେ ମୟୂରଭଞ୍ଜକୁ ଦେୱାନ୍ ଓ ଅନ୍ୟାନ୍ୟ ଉଚ୍ଚ ପଦବୀଧାରୀ କର୍ମଚାରୀ ହୋଇ ଆସୁଥିଲେ । ଇଂରେଜ ଶାସନାଧୀନ ଥିବା ଅଞ୍ଚଳରେ ସେତେବେଳର ପ୍ରଚଳିତ ପ୍ରଶାସନିକ ବ୍ୟବସ୍ଥାଅପେକ୍ଷା ଏ ରାଜ୍ୟରେ ଶାସନ ବ୍ୟବସ୍ଥା ଉନ୍ନତ ଥିଲା । ତଥାପି କର୍ମଚାରୀଙ୍କର ଅତ୍ୟାଚାର ଥିଲା । ଲୋକଙ୍କର ସଭା ସମିତି କରିବା ବା ସ୍ୱାଧୀନଭାବରେ ମତବ୍ୟକ୍ତ କରିବାର ସୁଯୋଗ ନ ଥିଲା । ଧନୀ, ମହାଜନ, ସର୍ଦ୍ଦାର, ପୋଲିସ୍ ଓ ଫରେଷ୍ଟର୍-ମାନଙ୍କର ପ୍ରଭୁତ୍ୱ ସବୁ କ୍ଷେତ୍ରରେ ରହିଥିଲା ।

ଏହା ଫଳରେ ଏ ରାଜ୍ୟରେ ସ୍ୱାଧୀନତା ଆନ୍ଦୋଳନ ପୂର୍ବରୁ ଦୁଇ ଥର ମେଳି ବା ଗଣବିଦ୍ରୋହ ହୋଇଥିଲା । ଉପରୋକ୍ତ ମେଳିକୁ ଅତି ନିର୍ମମ ଭାବରେ ତତ୍‌କାଳୀନ ସରକାର ଦମନ କରିଥିଲେ । ସେହି ମେଳି ପାଞ୍ଚପିଡ଼, ବାମନଘାଟି ଓ ସଦର ସବ୍‌ଡିଭିଜନ୍‌ରେ ଦେଖାଦେଇଥିଲା । ମେଳିକୁ

Digitized by srujanika@gmail.com

ଜଣେ ଆଦିବାସୀ ଲୋକ ପରିଚାଳନା କରୁଥିଲେ । ମେଳିଆମାନେ ଜଣେ ଅତ୍ୟାଚାରୀ ଲୋକକୁ ହାଣି ପକାଇଥିଲେ ଏବଂ ଜଣେ ସର୍ଦ୍ଦାରର ଘର ନିଆଁ ଲଗାଇ ପୋଡ଼ିଦେଇଥିଲେ । ବେତନଟୀର କେତେକ ଦୋକାନ ଲୁଟି କରିବା ଫଳରେ ସେତେବେଳର ଷ୍ଟେଟ୍ ସରକାର ଏହି ମେଳକୁ ଦମନ କରିବାର ସୁଯୋଗ ପାଇଥିଲେ ।

ପ୍ରଥମେ ଲୋକଶକ୍ତିକୁ ସଂଗଠିତ କରିବାଲାଗି ସ୍ୱର୍ଗୀୟ ଶରତଚନ୍ଦ୍ର ଦାସଙ୍କ ନେତୃତ୍ୱ ରାଜନୈତିକ ଘନ ଅନ୍ଧକାରମଧ୍ୟରେ ଲୋକଙ୍କ ମନରେ ନୂତନ ଚେତନା ସୃଷ୍ଟି କଲା । ସେ ଜଣେ ଅତି ନିଷ୍ଠାପର ଗାନ୍ଧିବାଦୀ ଲୋକ ଥିବାରୁ ଜନଶକ୍ତିକୁ ସଂଗଠିତ କରିବାପାଇଁ ଗାନ୍ଧିଜୀଙ୍କ ରଚନାତ୍ମକ ବା ଗଠନ-ମୂଳକ କାର୍ଯ୍ୟମାଧ୍ୟମରେ ଗ୍ରାମାଞ୍ଚଳର ଲୋକଙ୍କୁ ଆନ୍ଦୋଳନ ପ୍ରତି ଆକୃଷ୍ଟ କରି ସଂଗଠନକୁ ମଜଭୁତ କରିବାର ରାଜନୈତିକ କାଇଦା ତାଙ୍କୁ ଜଣାଥିଲା । ସେଥିପାଇଁ ମୟୂରଭଞ୍ଜର ପ୍ରଜା ଆନ୍ଦୋଳନ ପ୍ରଥମେ ଗ୍ରାମାଞ୍ଚଳରୁ ହିଁ ଆରମ୍ଭ ହୋଇଲା ଏବଂ ସେଥିରେ ବିଶେଷ କରି ଗାଁ'ର ସାଧାରଣ ଗରିବ ଲୋକ ନିପ୍ପେଷିତ ଆଦିବାସୀ ଏବଂ ହରିଜନ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ମୟୂରଭଞ୍ଜ ଷ୍ଟେଟ୍‌ରେ ବିଧିବଦ୍ଧଭାବରେ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହେବାର ପ୍ରାୟ ଏକ ମାସ ପରେ ସନ ୧୯୩୯ ମସିହା ଏପ୍ରିଲ୍ ମାସଠାରୁ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ମୁଁ ଶରତ ବାବୁଙ୍କ ସହିତ ଆନ୍ଦୋଳନରେ ଓତଃପ୍ରୋତଭାବରେ ଜଡ଼ିତ ଥିଲି । ମୋର ରାଜନୈତିକ ଜୀବନ ଗଢ଼ିବାରେ ଶରତ ବାବୁଙ୍କର ଅବଦାନ ଅବିସ୍ମରଣୀୟ । ତାଙ୍କ ସହିତ ମୋର ସମ୍ପର୍କ ନେତା ଓ କର୍ମୀଭାବରେ ନ ହୋଇ ପିତା-ପୁତ୍ରସ୍ୱରେ ବନ୍ଧିତ ହୋଇଥିଲା । ସନ୍ ୧୯୫୦ ମସିହା ପହିଲାଦିନ ବାରିପଦା ହସ୍‌ପିଟାଲରେ ସେ ଚିକିତ୍ସିତ ହେଉଥିବାବେଳେ ମୁଁ ତାଙ୍କ ପାଖରେ ଥାଇ ଔଷଧ କିଣିବାରେ ଦୈନିକ ତତ୍ତ୍ୱ ନେଉଥିଲି । ଦୁଃଖର କଥା ସେହି ସ୍ୱର୍ଗୀୟ ଶରତ ବାବୁ ପ୍ରାୟ ଦଶ ମାସ ମୟୂରଭଞ୍ଜ ଷ୍ଟେଟ୍‌ରେ ପ୍ରଧାନମନ୍ତ୍ରୀ ଥିଲେ ସୁଦ୍ଧା ତା'ର ଏକ ବର୍ଷ ପରେ ରୋଗଶଯ୍ୟାରେ ପଡ଼ିଥିବାବେଳେ ଔଷଧ କିଣିବାପାଇଁ ତାଙ୍କ ପାଖରେ ପଇସା ନ ଥିଲା । ତେଣୁ ମୁଁ କେତେକ ଲୋକଙ୍କ ପାଖରୁ ପଇସା ମାଗି ତାଙ୍କପାଇଁ ଔଷଧ ଖରିଦ କରିଥିଲି । ଚିରନମସ୍ୟ ସେହି ମହାନ୍ ବ୍ୟକ୍ତିଙ୍କୁ ମୁଁ ମୋର ବିନମ୍ର ପ୍ରଣତି ଜଣାଉଛି ।

ବେତନଟୀ

ଶ୍ରୀ ପ୍ରସନ୍ନ କୁମାର ଦାସ

Digitized by srujanika@gmail.com

ପୂର୍ବକଥା

ବର୍ତ୍ତମାନର ମୟୂରଭଞ୍ଜ ଜିଲ୍ଲା ୧୯୪୭ରେ ଭାରତ ସ୍ୱାଧୀନ ହେବା ପୂର୍ବରୁ ଓଡ଼ିଶା ରାଜ୍ୟ ଶାସନାଧୀନ ଏକ ଷ୍ଟେଟ୍ ଥିଲା । ଓଡ଼ିଶାର ତଦାନୀନ୍ତନ ଗଡ଼ଜାତ ରାଜ୍ୟଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ ଯେ କେବଳ ଆୟତନରେ ବୃହତ୍ତମ ଥିଲା, କେବଳ ସେତିକି ନୁହେଁ; ୪୨୪୩ ବର୍ଗ ମାଇଲ ଆୟତନ ବିଶିଷ୍ଟ ଏହି ରାଜ୍ୟ ଜନ ସଂଖ୍ୟା, ଅରଣ୍ୟ-ସଂପଦ ଓ ଖଣିଜ-ସଂପଦ ପ୍ରଭୃତି ଦୃଷ୍ଟିରୁ ଉଲ୍ଲେଖଯୋଗ୍ୟ ଥିଲା । ଶାସନ ପରିଚାଳନା କ୍ଷେତ୍ରରେ ମଧ୍ୟ ଓଡ଼ିଶାର ଅନ୍ୟାନ୍ୟ ତଦାନୀନ୍ତନ ଦେଶୀୟ ରାଜ୍ୟମାନଙ୍କ ତୁଳନାରେ ଏହା ଅଧିକ ସୁଶୃଙ୍ଖଳ ଓ ଉନ୍ନତ ଥିଲା । ସ୍ୱର୍ଗୀୟ ପୁଣ୍ୟଶ୍ଳୋକ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଙ୍କ ରାଜତ୍ୱ ସମୟରେ ପ୍ରଜାମାନେ ନାନାବିଧ ସୁଖ ସମୃଦ୍ଧି ଲାଭକରି ନିଜକୁ ରାମରାଜ୍ୟର ଅଧିବାସୀ ବୋଲି ମନେ କରୁଥିଲେ ।

ସ୍ୱଦେଶ ପ୍ରେମରେ ଉଦ୍‌ବୁଦ୍ଧ ମହାରାଜା ଶ୍ରୀ ରାମଚନ୍ଦ୍ର ପ୍ରଜାମାନଙ୍କ ହିତ ସାଧନ ବ୍ରତରେ ବ୍ରତୀ ହୋଇ ରାଜ୍ୟରେ ଯେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ, ସେଥିପାଇଁ ସେ କେବଳ ମୟୂରଭଞ୍ଜର କାହିଁକି, ସମଗ୍ର ଜାତିର ଆଜି ଚିରସ୍ମରଣୀୟ । ସେ ଥିଲେ ବହୁ ସଦ୍‌ଗୁଣର ଆଧାର । କବିବର ରାଧାନାଥ ରାୟ ତାଙ୍କର ପ୍ରସିଦ୍ଧ "ମହାଯାତ୍ରା" କାବ୍ୟରେ ଲେଖି ଯାଇଛନ୍ତି, "ଗୁଣାରାମ ରାମଚନ୍ଦ୍ର ଭଞ୍ଜ-କଞ୍ଜ ରବି ।" ନିଜର ଶାସନ-କୁଶଳତା, ପ୍ରଜା-ବତ୍ସଳତା ତଥା ଓଡ଼ିଆ ଜାତିର ପ୍ରଗତି ଦିଗରେ ତାଙ୍କର ଅମୂଲ୍ୟ ଅବଦାନ ହେତୁ ମୟୂରଭଞ୍ଜର ତଥା

Digitized by srujanika@gmail.com

ଉତ୍କଳର ଇତିହାସ ପୃଷ୍ଠାରେ ତାଙ୍କର ମହନୀୟ ନାମ ଅମରାକ୍ଷରରେ ଲିପିବଦ୍ଧହୋଇ ରହିଛି । ଉତ୍କଳଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କ ମିଳିତ ଉଦ୍ୟମରେ ୧୯୦୩ ଖ୍ରୀଷ୍ଟାବ୍ଦରେ କଟକ ନଗରରେ ଉତ୍କଳ-ସମ୍ମିଳନୀର ଯେଉଁ ପ୍ରଥମ ଅଧିବେଶନ ହୋଇଥିଲା, ମହାରାଜା ଶ୍ରୀ ରାମଚନ୍ଦ୍ର ତହିଁରେ ସଭାପତି ଆସନ ଅଳଂକୃତ କରିଥିଲେ । ଉତ୍କଳର ନେତୃସ୍ଥାନୀୟ ବ୍ୟକ୍ତିବୃନ୍ଦଙ୍କର ମହାରାଜା ରାମଚନ୍ଦ୍ରଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନର ଏହା ହିଁ ଥିଲି ଜ୍ୱଳନ୍ତ ଦୃଷ୍ଟାନ୍ତ । ଓଡ଼ିଶା ତଥା ନିଜ ରାଜ୍ୟ ମୟୂରଭଞ୍ଜର ଶିକ୍ଷା ଓ ସଂସ୍କୃତିର ବିକାଶ ନିମନ୍ତେ ତାଙ୍କର ଅବଦାନ ଅବିସ୍ମରଣୀୟ ।

ମୟୂରଭଞ୍ଜର ମେଳି ବା ଗଣବିଦ୍ରୋହ

ମହାରାଜା ଶ୍ରୀ ରାମଚନ୍ଦ୍ର ରାଜସିଂହାସନ ଆରୋହଣ କରିବା ପୂର୍ବରୁ ତତ୍କାଳୀନ ଶାସକଙ୍କ କୁଶାସନ ଫଳରେ ଲୋକେ ଉତ୍ୟକ୍ତ ହୋଇ ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳରେ ଗଣବିଦ୍ରୋହ ବା ମେଳି ଆରମ୍ଭ କରିଥିଲେ । ପୋଲିସ୍ ବିଭାଗୀୟ କେତେକ କର୍ମଚାରୀ, ଜଙ୍ଗଲ ଦାୟିତ୍ୱ, ରାଜସ୍ୱ ଆଦାୟ ଦାୟିତ୍ୱରେ ଥିବା ସର୍ଦ୍ଦାର ଓ ପ୍ରଧାନମାନଙ୍କ ଜୁଲମ୍, ବେଠି ପ୍ରଥା ଏବଂ ଜଙ୍ଗଲରେ ଶିକାର ସମୟରେ ପ୍ରଜାମାନଙ୍କୁ ସହିବାକୁ ପଡୁଥିବା ଦୁର୍ବ୍ୟବହାର ପ୍ରଭୃତି ଯୋଗୁ ରାଜ୍ୟର ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି କୁହୁଳି କୁହୁଳି ଶେଷରେ ତାହା ମେଳି ବା ଗଣବିଦ୍ରୋହର ରୂପ ନେଇଥିଲା ।

ମୟୂରଭଞ୍ଜର ପାଞ୍ଚପିଢ଼, ବାମନଘାଟି ଓ ସଦର ସବ୍‌ଡିଭିଜନ୍‌ରେ ଆରମ୍ଭ ହୋଇଥିବା ମେଳିର କେନ୍ଦ୍ରସ୍ଥଳ ଥିଲା ବେତନଟୀ । ଏହି ମେଳିରେ ରାଜ୍ୟର ଆଦିବାସୀ ଓ ହରିଜନ ଶ୍ରେଣୀର ପ୍ରଜା ମୁଖ୍ୟ ଅଂଶ ଗ୍ରହଣ କରିଥିଲେ । ଯେଉଁମାନେ ନେତୃତ୍ୱ ନେଇଥିଲେ ସେମାନଙ୍କ ମଧ୍ୟରୁ ଶିକର ଖଣ୍ଡେଇ ବୁଡ଼ି ଅର୍ଜ୍ଜୁନ ପ୍ରଧାନ ଥିଲେ । ସେମାନେ ଜଣେ ସର୍ଦ୍ଦାରଙ୍କ ଘର ପୋଡ଼ି ଦେଇଥିଲେ ଏବଂ ଜଣେ ଅତ୍ୟାଚାରୀ ରାଜକର୍ମଚାରୀଙ୍କୁ ନିର୍ମମଭାବରେ ହତ୍ୟା କରିଥିଲେ । ଏତଦ୍‌ବ୍ୟତୀତ ସେମାନେ ବେତନଟୀଠାରେ କେତେକ ଦୋକାନ ଲୁଟି କରିଥିଲେ । ଏ ମେଳିରେ ନେତୃତ୍ୱ ନେଇଥିବା ଜଣେ ଆଦିବାସୀ ନିଜକୁ

Digitized by srujanika@gmail.com

ରାଜା ବୋଲି ସ୍ୱୀକାର କରିବାକୁ ମଧ୍ୟ ଆରମ୍ଭ କରିଦେଇଥିଲେ ଏବଂ ତାଙ୍କର ନିର୍ଦ୍ଦେଶ ଅନୁସାରେ ଉଲ୍ଲିଖିତ ଅବାଞ୍ଛନୀୟ ଘଟଣାମାନ ସଂଗଠିତ ହୋଇଥିଲା ।

ମେଳି ବା ଗଣବିଦ୍ରୋହର ଦମନ

ଉପରୋକ୍ତ ଘଟଣାମାନ ଘଟିବାପରେ ତତ୍କାଳୀନ ସରକାର ଅତି ନିଷ୍ଠୁରଭାବରେ ଉକ୍ତ ମେଳି ବା ଗଣବିଦ୍ରୋହକୁ ଦମନ କରିଥିଲେ । ମେଳିରେ ଯୋଗଦେଇଥିବା ବିଦ୍ରୋହୀ ପ୍ରଜାମାନଙ୍କୁ ନିର୍ମମଭାବରେ ଅକଥନୀୟ ଉତ୍ପୀଡ଼ନ ଓ ଅତ୍ୟାଚାର ସହିବାକୁ ପଡ଼ିଥିଲା । କେତେକଙ୍କୁ ରାଜ୍ୟରୁ ଅନ୍ତର କରିଦିଆଗଲା ଏବଂ ଅନ୍ୟମାନଙ୍କୁ କାରାଦଣ୍ଡ ଦିଆଯାଇଥିଲା । ଭବିଷ୍ୟତରେ ଯେପରି ଆଉ କେବେହେଲେ ଏ ପ୍ରକାର ମେଳି ବା ଗଣବିଦ୍ରୋହ ସଂଘଟିତ ନ ହୁଏ, ସେଥିପାଇଁ ରାଜ୍ୟସରକାରଙ୍କ ତରଫରୁ ବିଧିବଦ୍ଧ ନିଷେଧାଜ୍ଞା ଜାରି କରାଗଲା । ଫଳରେ ବିଦ୍ରୋହ ଦମନର କଠୋର ବ୍ୟବସ୍ଥା ସାଙ୍ଗକୁ ରାଜକର୍ମଚାରୀ ବିଶେଷତଃ ପୋଲିସ୍, ଫରେଷ୍ଟର୍ ଏବଂ ସର୍ଦ୍ଦାରମାନଙ୍କର ଦମନଲୀଳା ପ୍ରଜାସାଧାରଣଙ୍କ ମନରେ ଘୋର ଆତଙ୍କ ସୃଷ୍ଟି କରିବାକୁ ଲାଗିଲା । ସରକାରଙ୍କ ଶାସନର ପ୍ରତିବାଦ କରିବା ତ ଦୂରର କଥା, ସାଧାରଣ କ୍ଷେତ୍ରକୁ ବାହାରି କୌଣସି ଜନହିତକର କାର୍ଯ୍ୟ କରିବା, ଏପରି କି ସେ ସମ୍ପର୍କରେ ଆଳାପ ଆଲୋଚନା କରିବାର ସାହସ ଓ ମନୋବଳ ଲୋକଙ୍କ ଅନ୍ତରରୁ ଦୂର ହୋଇଗଲା ।

ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହସହ ମୟୂରଭଂଜ ସ୍ୱାଧୀନତା ଆନ୍ଦୋଳନର ସୂତ୍ରପାତ

ସନ ୧୯୩୦-୩୧ ମସିହାରେ ଭାରତର ଜାତୀୟ ପିତା ସ୍ୱର୍ଗୀୟ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଯେଉଁ ଅହିଂସ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହେଲା ସେଥିରେ ମହାତ୍ମାଜୀଙ୍କ ନେତୃତ୍ୱରେ ଇତିହାସ ପ୍ରସିଦ୍ଧ ଦାଣ୍ଡିଯାତ୍ରା ଲବଣସତ୍ୟାଗ୍ରହର ସୂତ୍ରପାତ ହେଲା । ପ୍ରଥମେ ବାଲେଶ୍ୱର ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଇଞ୍ଚୁଡ଼ିଠାରେ ପ୍ରଚଳିତ ଆଇନ୍ ଅମାନ୍ୟ କରି ସତ୍ୟାଗ୍ରହୀମାନେ ଲୁଣମରା କାର୍ଯ୍ୟ ଆରମ୍ଭ କଲେ । ସେତେବେଳକୁ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟ ଓ ତାହାର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ଭାଷଣ ଓ

Digitized by srujanika@gmail.com

ବର୍ତ୍ତମାନ ଖବରକାଗଜପୃଷ୍ଠାରେ ଏବଂ ପ୍ରଚାରପତ୍ର ମାଧ୍ୟମରେ ପ୍ରକାଶିତ ହୋଇ ସମଗ୍ର ଭାରତର ଜନସାଧାରଣଙ୍କ ମନରେ ଜାତୀୟ ପ୍ରୀତି ସୃଷ୍ଟି କରିଥିଲା । ସ୍ୱାଧୀନତା ଲାଭପାଇଁ ବିପୁଳ ଜାଗରଣ ଓ ପ୍ରବଳ ଉତ୍ସାହ, ତା' ସାଙ୍ଗକୁ ମୟୂରଭଞ୍ଜ ଷ୍ଟେଟ୍‌ର ସଂଲଗ୍ନ ବାଲେଶ୍ୱର ଜିଲାର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହର ପ୍ରଭାବ ମୟୂରଭଞ୍ଜର ଜନସାଧାରଣଙ୍କ ଉପରେ ପଡ଼ିବା ଫଳରେ ସେଥିରେ ପ୍ରଭାବିତ ହୋଇ କେତେକ ଯୁବକ ଯଥା ମାଣଦୀ ନିକଟସ୍ଥ ବେଲଣପୁର ଗ୍ରାମର ଶ୍ରୀଯୁକ୍ତ ଗୌରମୋହନ ପ୍ରଧାନ,ସାଇଁକୁଳା ପ୍ରଗଣା ଅନ୍ତର୍ଗତ କୁଣ୍ଡାପଡ଼ା ଗ୍ରାମର ଶ୍ରୀଯୁକ୍ତ ପଞ୍ଚାନନ ରାୟସିଂହ, ଆଖୁଆ ଦେଉଳିଆ ପ୍ରଗଣା ଅନ୍ତର୍ଗତ ପଟିଶାରି ଗ୍ରାମର ଶ୍ରୀଯୁକ୍ତ ମନମୋହନ ଦ୍ୱିବେଦୀ, ଆରପଟା ଚଲମା ଅନ୍ତର୍ଗତ ଖିରପଦା ନିବାସୀ ଶ୍ରୀଯୁକ୍ତ ସନାତନ ପ୍ରଧାନ, ବେତନଟୀ ନିକଟସ୍ଥ ଭାଲିଆଡିହା ଗ୍ରାମର ଶ୍ରୀଯୁକ୍ତ ସୂର୍ଯ୍ୟମୋହନ ଦାସ ପ୍ରମୁଖ ଉକ୍ତ ଲବଣ ସତ୍ୟାଗ୍ରହରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣପୂର୍ବକ କାରାବରଣ କରିଥିଲେ । ଏମାନଙ୍କ ମଧ୍ୟରୁ ଶ୍ରୀ ସୂର୍ଯ୍ୟମୋହନ ଦାସ ବିହାର ରାଜଧାନୀ ପାଟଣାସ୍ଥିତ କ୍ୟାମ୍ପ୍ ଜେଲରେ ମୃତ୍ୟୁମୁଖରେ ପତିତ ହୋଇଥିଲେ ।

ଉପରୋକ୍ତ ଲବଣ ସତ୍ୟାଗ୍ରହ ପରେ ମୟୂରଭଞ୍ଜର ସତ୍ୟାଗ୍ରହୀ-ମାନେ କାରାଦଣ୍ଡରୁ ମୁକ୍ତ ହୋଇ ନିଜ ନିଜ ଘରକୁ ଫେରି ଆସିଥିଲେ । ମାତ୍ର ଶ୍ରୀଯୁକ୍ତ ଗୌରମୋହନ ପ୍ରଧାନ ବାଲେଶ୍ୱର ସହର ସଂଲଗ୍ନ ଫରାସୀ-ଡିଙ୍ଗାରେ ଅବସ୍ଥିତ ତତ୍କାଳୀନ ବାଲେଶ୍ୱର ଜିଲା କଂଗ୍ରେସ୍ ଅଫିସରେ କର୍ମୀରୂପେରହି କାର୍ଯ୍ୟ କରୁଥିଲେ । ସେ ସେଠାରେ ୧୩ ମାସରହି ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳକୁ ଯାଇ କଂଗ୍ରେସର ବାଣୀ ପ୍ରଚାର କରି ଏବଂ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାପାଇଁ ଲୋକଙ୍କୁ ଉଦ୍‌ବୁଦ୍ଧ କରି ବହୁ ସତ୍ୟାଗ୍ରହୀ ସଂଗ୍ରହ କରି ପଠାଇଲେ । ତତ୍ପରେ ବାଲେଶ୍ୱର ଜିଲାର ବସ୍ତାଠାରେ ଆୟୋଜିତ ଏକ ଅସ୍ପୃଶ୍ୟତା ନିବାରଣ ସଭାରେ ଭାଷଣ ଦେବାକୁ ଯାଉଥିବାବେଳେ ବାଟରେ ଗିରଫ ହୋଇ ପୁଣି ୪ ମାସ କାରାବରଣ କରି ପାଟଣା କ୍ୟାମ୍ପ ଜେଲରେ କଟାଇଥିଲେ । ସେହି ସମୟରେ ଗାନ୍ଧୀ-ଇରୱଇନ୍ ସନ୍ଧି ହେବାପରେ ଆଇନ୍ ଅମାନ୍ୟ ଆନ୍ଦୋଳନ ବନ୍ଦ ହୋଇଗଲା । ତେଣୁ କଂଗ୍ରେସର କାର୍ଯ୍ୟକ୍ରମ ଶିଥିଳ ହୋଇ ମନ୍ଥର ଗତିରେ ଚାଲିଲା ।

Digitized by srujanika@gmail.com

ମୟୂରଭଞ୍ଜରେ ବିଧିବଦ୍ଧ ସ୍ୱାଧୀନତା ଆନ୍ଦୋଳନର ପୃଷ୍ଠପଟ

ଭାରତର ସ୍ୱାଧୀନତା ପୂର୍ବରୁ ଓଡ଼ିଶାରେ ବ୍ରିଟିଶ୍ ସରକାରଙ୍କର ପ୍ରତ୍ୟକ୍ଷ ଶାସନାଧୀନ ଅଞ୍ଚଳକୁ କୁହାଯାଉଥିଲା ମୋଗଲବନ୍ଦୀ ଓ ଦେଶୀୟ ରାଜାମାନଙ୍କଦ୍ୱାରା ଶାସିତ ଅଞ୍ଚଳଗୁଡ଼ିକୁ କୁହାଯାଉଥିଲା ଗଡ଼ଜାତ । ମୋଗଲବନ୍ଦୀ ଅଞ୍ଚଳରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମର ସ୍ରୋତ କ୍ରମେ କ୍ରମେ ଗଡ଼ଜାତ ଅଞ୍ଚଳକୁ ବ୍ୟାପିବାରେ ଲାଗିଲା । ସନ ୧୯୩୮ ମସିହା ବେଳକୁ ତତ୍ସଂଲଗ୍ନ ଗଡ଼ଜାତ ନୀଳଗିରି, ଢେଙ୍କାନାଳ, ରଣପୁର ଓ ତାଳଚେର ପ୍ରଭୃତି ଷ୍ଟେଟ୍‌ରେ ରାଜାମାନଙ୍କର ଏକଚ୍ଛତ୍ର ମନମୁଖୀ ଶାସନ ବିରୁଦ୍ଧରେ ଅହିଂସ ଗଣଆନ୍ଦୋଳନ ଆରମ୍ଭ ହୋଇଗଲା । ଏହି ଅହିଂସ ଆନ୍ଦୋଳନର ବ୍ୟାପକତାଫଳରେ ଓଡ଼ିଶାରେ ଥିବା ଇଂରେଜ ସରକାରଙ୍କର ତତ୍କାଳୀନ ପଲିଟିକାଲ୍ ଏଜେଣ୍ଟ ବେଜେଲ୍‌ଗେଟ୍ ସାହେବ ରଣପୁରରେ ଆନ୍ଦୋଳନକାରୀ ଜନତାକୁ ଛତ୍ରଭଙ୍ଗ କରିବାପାଇଁ ଗୁଳିଚାଳନା କରିବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ପିଟି ପିଟି ମାରିଦେଲେ । ଏହି ଘଟଣାର ସ୍ରୋତ କେବଳ ଭାରତରେ କାହିଁକି ସୁଦୂର ବିଲାତରେ ମଧ୍ୟ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ତତ୍କାଳୀନ ମୟୂରଭଞ୍ଜ ମହାରାଜାଙ୍କର ଶାସନ ଓଡ଼ିଶାର ଅନ୍ୟ ଗଡ଼ଜାତମାନଙ୍କର ଶାସନ ତୁଳନାରେ ଯଥେଷ୍ଟ ଉନ୍ନତ ଥିଲେ ମଧ୍ୟ ଭାରତର ମୁକ୍ତିସଂଗ୍ରାମର ପ୍ରଭାବ ଏବଂ ଜାତିର ଆହ୍ୱାନକୁ ମୟୂରଭଞ୍ଜର ଲୋକେ ଉପେକ୍ଷା କରିପାରିଲେ ନାହିଁ ।

ମୟୂରଭଞ୍ଜ-ର ସ୍ୱାଧୀନତା ଆନ୍ଦୋଳନର ଆତ୍ମପ୍ରକାଶ

ମୟୂରଭଞ୍ଜ ଷ୍ଟେଟ୍‌ର ପୂର୍ବୋକ୍ତ ଗଣବିଦ୍ରୋହ ବା ମେଳିଠାରୁ ସେପରି ବିଦ୍ରୋହ ସେପରି ପୁନର୍ବାର ମୁଣ୍ଡଟେକି ନ ପାରେ ସେଥିପାଇଁ ସଭାସମିତି କରିବା ଓ ପାଞ୍ଚ ଜଣ ବା ତହିଁରୁ ଅଧିକ ଲୋକ ଏକତ୍ରିତ ହୋଇ ରାଜନୀତି ଚର୍ଚ୍ଚା କରିବା ଉପରେ ରାଜ୍ୟ ସରକାରଙ୍କ ତରଫରୁ ନିଷେଧାଜ୍ଞା ଜାରି ହୋଇଥିଲା । ସେହି ନିଷେଧାଜ୍ଞା ଏବଂ ଗଣବିଦ୍ରୋହକୁ ସରକାର ଯେପରି ଅତି କଠୋର ହସ୍ତରେ ଦମନ କରିଥିଲେ ତାହାର ସ୍ମୃତି ଲୋକଙ୍କ ମନରୁ ଲିଭିଯାଇ ନ ଥିଲା । ଫଳରେ ମୟୂରଭଞ୍ଜର ଜନଶକ୍ତି ଆଉ ଅଧିକ କାଳ ନିଶ୍ଚେଷ୍ଟ ବା ନୀରବ ହୋଇ ରହିପାରିଲେ ନାହିଁ ।

Digitized by srujanika@gmail.com

ମୟୂରଭଞ୍ଜର ସ୍ୱାଧୀନତା ସଂଗ୍ରାମର ପ୍ରଥମ ସୈନିକ

ସନ ୧୯୩୮ ମସିହା ଦୁର୍ଗାପୂଜା ଛୁଟି ସମୟରେ କୁଳିଅଣା ଥାନା ଅନ୍ତର୍ଗତ ଧଡ଼ାଙ୍ଗିର ଗ୍ରାମନିବାସୀ ଶ୍ରୀଯୁକ୍ତ ବଂଶୀଧର ବେହେରା ନାମକ ଜଣେ ଯୁବକ ସରକାରଙ୍କ ନିଷେଧ ଆଦେଶକୁ ଭ୍ରୂକ୍ଷେପ ନ କରି କେତେକ ବଙ୍ଗାଳୀ ଯୁବକଙ୍କସହିତ ପରାମର୍ଶ କରି ତନ୍ମଧ୍ୟରୁ ଶ୍ରୀଯୁକ୍ତ ଗୁଷ୍ଟୋବିହାରୀ ଦାସ ଅଧିକାରୀଙ୍କ ସହିତ ମିଳିତ ହୋଇ ସିମିଳେଶ୍ୱର ମହାଦେବ ମନ୍ଦିର ସଂଲଗ୍ନ ପଡ଼ିଆରେ ଏକ ସାଧାରଣ ସଭା ଡାକିଲେ । ଉକ୍ତ ସଭାକୁ କଂଗ୍ରେସ ସଭା ଆଖ୍ୟା ଦିଆଯାଇଥିଲା । ଉକ୍ତ ସଭାର ପୂର୍ବଦିନ ବାଙ୍ଗିରିପୋଷି ଥାନାର ସବ୍‌ଇନ୍‌ସପେକ୍ଟର୍ ଏହି ବଂଶୀଧର ବେହେରା ଓ ତାଙ୍କ ସହଯୋଗୀ ଅଧିକାରୀ ବାବୁଙ୍କୁ ଥାନାକୁ ଧରିନେଇ ନିସ୍ତୁକ ମାଡ଼ ଦେଇଥିଲେ । ତା'ସତ୍ତ୍ୱେ ତା'ପର ଦିନ ସିମିଳେଶ୍ୱରଠାରେ ସଭା ହୋଇ ଲୋକଙ୍କଭିତରେ ଜାତୀୟ ଉନ୍ମାଦନା ଜାଗ୍ରତ ହୋଇଥିଲା । କାରଣ ବଂଶୀଧର ବାବୁ ଓ ମାଡ଼ ଖାଇଥିବା ଅଧିକାରୀ ବାବୁ ଉକ୍ତ ସଭାରେ ଅତି ଓଜସ୍ୱିନୀ ଭାଷାରେ ପୋଲିସ୍‌ର ଅତ୍ୟାଚାରକୁ ନିର୍ଭୀକଭାବରେ ବର୍ଣ୍ଣନା କରିଥିଲେ । ଦୁର୍ଗା-ପୂଜା ପରେ ପରେ ବେଲିଣପୁର ଗ୍ରାମନିବାସୀ ଶ୍ରୀ ଗୌରମୋହନ ପ୍ରଧାନ (ଯେ କି ପୂର୍ବରୁ ବାଲେଶ୍ୱର ଜିଲ୍ଲାରେ କଂଗ୍ରେସ କର୍ମୀ ଥାଇ ଦୁଇ ଥର କାରାବରଣ କରିଥିଲେ) ନାଖରା ଗ୍ରାମନିବାସୀ ଆଇନ କଲେଜ ଛାତ୍ର ଶ୍ରୀ ହରିହର ମହାନ୍ତି, ଉତ୍ତରପାଳ ଗ୍ରାମନିବାସୀ ଶ୍ରୀ ଅଦ୍ୱୈତନାଥ ଲାଲ୍, ମାନଗୋବିନ୍ଦପୁର ଗ୍ରାମନିବାସୀ ଶ୍ରୀ ଲକ୍ଷ୍ମୀଧର ପ୍ରଧାନ, ମେର୍ଦା ନୂଆଗାଁ ନିବାସୀ ଶ୍ରୀ ରାଧାମାଧବ ପଟ୍ଟନାୟକ ଏବଂ ଡେଁଫଉଦା ଗ୍ରାମନିବାସୀ ଶ୍ରୀ ମଦନ ମୋହନ ପଣ୍ଡାଙ୍କସହିତ ପରାମର୍ଶ କରି ମଧୁନଣ୍ଡା ଗ୍ରାମର ହରିହାଟ ପଡ଼ିଆରେ ଏକ ସାଧାରଣ ସଭା ଡକାଇଲେ । ସେ ସଭାକୁ ପ୍ରାୟ ୨୦ ଜଣ ସିପାହୀଙ୍କ ସହ ଥାନା ଅଫିସର୍ ବହୁତ ହାତକଡ଼ି ଧରି ତାକୁ ଝୁଲାଇ ଝୁଲାଇ ଓ ତା'ର ରୁଣୁଝୁଣୁ ଶବ୍ଦ ଲୋକଙ୍କୁ ଶୁଣାଇ ଶୁଣାଇ ଭୟଭୀତ କରାଇବାକୁ ଆସିଥିଲେ । ସଭାରେ କେବଳ ତିନି ଚାରି ଜଣ ସାହସୀ ବ୍ୟକ୍ତିଙ୍କ ବ୍ୟତୀତ ପୋଲିସ୍ ଫଉଜ ଓ ବହୁ ହାତକଡ଼ି ଦେଖି ଲୋକେ ଭୟରେ ସଭାରେ ଯୋଗ ଦେଇ ନ ଥିଲେ । କେତେକ ଲୋକ ଦୂରରେ ଥାଇ ସଭାର ଭାଷଣମାନ ଶୁଣୁଥିଲେ । ସେହି ସଭାରେ ଉଦ୍ୟୋକ୍ତାମାନଙ୍କ ମଧ୍ୟରୁ ଶ୍ରୀ ଗୌରମୋହନ ବାବୁଙ୍କର ଜ୍ୱାଳାମୟୀ ଭାଷଣ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିଥିଲା ।

Digitized by srujanika@gmail.com

ପାଞ୍ଚପିଢ଼ ସବ୍‌ଡିଭିଜନ୍‌ରେ ସ୍ୱାଧୀନତା ଜାଗରଣ

ସିମିଳେଶ୍ୱର ମହାଦେବଙ୍କ ପଡ଼ିଆରେ ହୋଇଥିବା ସଭାର କିଛି ଦିନ ପରେ ଶ୍ରୀ ବଂଶୀଧର ବେହେରା ଓ ଅଧିକାଂଶ ବାବୁ କେତେଜଣ ଉତ୍ସାହୀ ଯୁବକଙ୍କ ସହ ପାଞ୍ଚପିଢ଼ ସବ୍‌ଡିଭିଜନକୁ ଯାଇ ସେ ଅଞ୍ଚଳରେ କଂଗ୍ରେସ ବାର୍ତ୍ତାମାନ ପ୍ରଚାର କରିବାକୁ ଲାଗିଲେ । ଭଞ୍ଜକିଆ ଗ୍ରାମର ଶିବପ୍ରସାଦ ମହାନ୍ତଙ୍କ ସହଯୋଗରେ ସେ କେତେଗୋଟି କଂଗ୍ରେସ ସଭା କରିବାକୁ ଲାଗିଲେ । ସେହି ସମୟରେ ରଘୁଆଁ ଗ୍ରାମର ଶ୍ରୀ ଭକ୍ତବନ୍ଧୁ ମହାନ୍ତ ବଂଶୀଧର ବାବୁଙ୍କ ସହିତ ସଂପର୍କ ସ୍ଥାପନ କଲେ । ଭକ୍ତବନ୍ଧୁ ବାବୁ ଜଣେ ସରକାରୀ ଶିକ୍ଷକ ଥିଲେ । ବଂଶୀଧର ବାବୁଙ୍କ ସହିତ ସେ ସଂପର୍କ ରଖିବାରୁ ସରକାର ତାଙ୍କୁ ଚାକିରିରୁ ବହିଷ୍କୃତ କଲେ ଏବଂ ତା'ପରେ ପରେ ପୋଲିସ କର୍ମଚାରୀଗଣ ବଂଶୀଧର ବାବୁ ଓ ତାଙ୍କର ସାଥୀମାନଙ୍କୁ ନାନାଭାବରେ ହଇରାଣ କରି ଶେଷରେ ପାଞ୍ଚପିଢ଼ ସବ୍‌ଡିଭିଜନ ସୀମାରୁ ତାଙ୍କୁ ବହିଷ୍କାର କରିଦେଲେ । ସନ୍ ୧୯୩୮ ମସିହା ଶେଷ ଅବସରରେ ମୟୂରଭଞ୍ଜର କପ୍ତିପଦା ସବ୍‌ଡିଭିଜନସ୍ଥ ଉଦଳା ଓ ତା'ର ନିକଟତମ ବିଭିନ୍ନ ଗ୍ରାମରେ ବାସ କରୁଥିବା କେତେକ ଉତ୍ସାହୀ ଯୁବକ ଭାରତର ସ୍ୱାଧୀନତା ଆନ୍ଦୋଳନର ପ୍ରଭାବରେ ପ୍ରଭାବିତ ହୋଇ ଥିଲେ ଏବଂ ନିଜ ନିଜ ମଧ୍ୟରେ ଆଲୋଚନା କରି ବାଡ଼ଣା ଗ୍ରାମ ନିକଟସ୍ଥ ଶିଖରେଶ୍ୱର ଶିବ ମନ୍ଦିର ରହିଥିବା ମୌଦାହୁଡ଼ର ପାଦଦେଶରେ ମାର୍ଗଶିର ମାସ ଗୁରୁବାର ପୂଜା ଦିନ ଏକ ସାଧାରଣ ସଭା ଡକାଇଥିଲେ । ପ୍ରାୟ ୨୦ ଜଣ ପୋଲିସ୍ କର୍ମଚାରୀ ସେଠାରେ ଯାଇ ପହଞ୍ଚିଲେ ।

ପୂର୍ବୋକ୍ତ ମୌଜା ସଭାର ଉଦ୍ୟୋକ୍ତା ଥିଲେ ସର୍ବଶ୍ରୀ ରାମଚନ୍ଦ୍ର ତ୍ରିପାଠୀ, ବାଞ୍ଛାନିଧି ସିଂହ, ଭୋଳାନାଥ ଦାସ, ସର୍ବପାଖିକ ରାଡ଼ୋ; ଜଗନ୍ନାଥ ବେହେରା, ପହଣ୍ଡା; ମଦନ ମୋହନ ମିଶ୍ର, ଖଲସି; ପୂର୍ଣ୍ଣଚନ୍ଦ୍ର ମିଶ୍ର, ଭଗବାନ ବେହେରା, ତେଲିବୁହୁଡ଼; ଭଗବାନ ପରିଡ଼ା, ପୁରି; ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଲାଲମୋହନ ପରିଡ଼ା, ଲେଭ ମାଝି, କଲିସାରି; ତ୍ରିଲୋଚନ ଚୌଧୁରୀ, ମଧୁସୂଦନ ବାରିକ, ଜଇଦା; ପ୍ରାଣକୃଷ୍ଣ ମାଝି, ବୁରିଡିହି; ମାଣିକା ମାଝି, ଶିବପ୍ରସାଦ ସାହୁ, ମାର୍ଣ୍ଣି ଗାଁ; ଜଗନ୍ନାଥ କମିଲା, ହାଣ୍ଡିକୁଠ, ରାମଚନ୍ଦ୍ର ମହାପାତ୍ର, ପଞ୍ଚାନନ ରାଇସିଂହ, ମଧୁସୂଦନ ରଣା, କୁଣ୍ଡାପଡ଼ା ।

Digitized by srujanika@gmail.com

ସଭାରେ ଅଳ୍ପ କେତେକ ଲୋକ ଉପସ୍ଥିତ ହୋଇଥିବାରୁ ପ୍ରସ୍ତାବ ଗ୍ରହଣ କରାଗଲା ଯେ ଅଦ୍ୟ ମାର୍ଗଶିର ମାସ ଶେଷ ଗୁରୁବାର ଯୋଗୁଁ ଅଧିକ ଲୋକ ଆସି ନାହାନ୍ତି, ତେଣୁ ଆସନ୍ତା ରବିବାର ଦିନ ଦୁଇଟାବେଳେ ଚନ୍ଦାପାଳ ଗ୍ରାମ ପଡ଼ିଆରେ ବହୁ ଜନ ସମାରୋହରେ ସଭା ଅନୁଷ୍ଠିତ ହେବ ।

ପୂର୍ବୋକ୍ତ ମୌଜା ସଭାର ପ୍ରସ୍ତାବ ମୁତାବକ ରବିବାର ଦିନ ୨ଟା ବେଳେ ଚନ୍ଦାପାଳ ଗ୍ରାମ ପଡ଼ିଆରେ ଶ୍ରୀଯୁକ୍ତ ରାମଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଜନ ଜାଗରଣ ସମ୍ପର୍କରେ ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ର, ପଞ୍ଚାନନ ରାଇସିଂହ ଏବଂ ପୂର୍ଣ୍ଣଚନ୍ଦ୍ର ପରଗ୍ଣୁ ବିଶଦ ଆଲୋଚନା କରିଥିଲେ । ଉକ୍ତ ସଭାରେ ସ୍ଥିର ହେଲା ଯେ ତତ୍ପରବର୍ତ୍ତୀ ଗୁରୁବାର ଦିନ ୨ଟା ସମୟରେ ଜଇଦା ଗ୍ରାମ ପଡ଼ିଆରେ ଏକ ସାଧାରଣ ସଭା ହେବ ।

ପୂର୍ବୋକ୍ତ ଚନ୍ଦାପାଳ ସଭାର ପ୍ରସ୍ତାବ ଅନୁଯାୟୀ ଜଇଦା ଗ୍ରାମ ପଡ଼ିଆରେ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ପରଗ୍ଣୁଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଶ୍ରୀଯୁକ୍ତ ମାଣିକା ମାଝି, ରାମଚନ୍ଦ୍ର ମହାପାତ୍ର, ପଞ୍ଚାନନ ରାଇସିଂହ ଏବଂ ପୂର୍ଣ୍ଣଚନ୍ଦ୍ର ପରଗ୍ଣୁ ଅତ୍ୟନ୍ତ ନିର୍ଭୀକ-ଭାବରେ ସରକାରଙ୍କ ଜନବିରୁଦ୍ଧ ନୀତି ନିୟମର କଠୋର ସମାଲୋଚନା କରିଥିଲେ । ପ୍ରଜାମାନଙ୍କ ଉପରେ ତତ୍କାଳୀନ ସର୍ଦ୍ଦାରମାନଙ୍କ ଜୁଲମ ଏବଂ ବେଠିପ୍ରଥା ବିଶେଷତଃ ଶିକାର ସମୟରେ ଲୋକଙ୍କୁ ବିନାମଜୁରିରେ ବେଠି ଖଟାଇବା ପ୍ରଥାର ବକ୍ତାମାନେ ତୀବ୍ର ନିନ୍ଦା କରିଥିଲେ ଏବଂ ଆଦିବାସୀ ଶ୍ରେଣୀର ଲୋକେ ମଦ ଓ ହାଣ୍ଡିଆ ପିଉଥିବା ହେତୁ ତାହା ସେମାନଙ୍କର ବୌଦ୍ଧିକ ବିକାଶ ଓ ଉନ୍ନତିରେ ଘୋର ବାଧା ସୃଷ୍ଟି କରୁଥିବା କଥା ସେଦିନ ବିଶେଷଭାବରେ ଆଲୋଚିତ ହୋଇଥିଲା । ଉକ୍ତ ସଭାରେ ସିଦ୍ଧାନ୍ତ ଗ୍ରହଣ କରାଗଲା ଆସନ୍ତା ଗୁରୁବାର ଦିନ ୨ ଘଣ୍ଟା ସମୟରେ ମାର୍ସିଗାଁ ହାଟପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ ।

ପୂର୍ବୋକ୍ତ ପ୍ରସ୍ତାବ ଅନୁସାରେ ଗୁରୁବାର ଦିନ ୨ ଘଣ୍ଟା ବେଳେ ମାର୍ସିଗାଁ ହାଟ ପଡ଼ିଆରେ ଶ୍ରୀଯୁକ୍ତ ମାଣିକା ମାଝିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ପରଗ୍ଣୁ ସରକାରୀ କର୍ମଗୃଷ୍ଣମାନଙ୍କର ଦୁର୍ନୀତିପୂର୍ଣ୍ଣ ଆଚରଣର ତୀବ୍ର ନିନ୍ଦା

Digitized by srujanika@gmail.com

ମୟୂରଭଞ୍ଜ ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ

ଶରତ ଚନ୍ଦ୍ର ଦାସ

ପ୍ରସନ୍ନ କୁମାର ଦାସ

ବୈକୁଣ୍ଠନାଥ ସନ୍ଥୁଆଳ

Digitized by srujanika@gmail.com

ଲକ୍ଷ୍ମଣ କୁମାର ମାଝୀ



ରମ ମାଝୀ

ଭକ୍ତବନ୍ଧୁ ମହାନ୍ତ

ବୈଷ୍ଣବ ଚରଣ ମିଶ୍ର

Digitized by srujanika@gmail.com

କରିଥିଲେ । ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ର ଗାନ୍ଧିଜୀଙ୍କ ନିର୍ଦ୍ଦେଶିତ ନିଶା ନିବାରଣ ଓ ନିରକ୍ଷରତା ଦୂରୀକରଣ ସମ୍ବନ୍ଧରେ ବିଶଦଭାବରେ ଆଲୋଚନା କରିଥିଲେ । ଶ୍ରୀଯୁକ୍ତ ପଞ୍ଚାନନ ରାଇସିଂହ ଗାନ୍ଧିଜୀଙ୍କ ଗଠନମୂଳକ କାର୍ଯ୍ୟର ଆଲୋଚନା କରିଥିଲେ । ଉକ୍ତ ସଭାର ସଭାପତି ମାଣିକା ବାବୁ ନିରୀହ ଆଦିବାସୀମାନଙ୍କର ଯଥାର୍ଥ ବିକାଶର ମାର୍ଗ ନିରୂପଣ କରିଥିଲେ । ଉକ୍ତ ସଭାରେ ପ୍ରସ୍ତାବ ସ୍ଥିର ହେଲା ଯେ ଆସନ୍ତା ରବିବାର ଦିନ ୨ଟା ସମୟରେ କାଶୀନାଥପୁର ଆମ୍ବତୋଟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ ।

ପୂର୍ବୋକ୍ତ ମାର୍ଶିଗାଁ ସଭାର ପ୍ରସ୍ତାବ ଅନୁଯାୟୀ କାଶୀନାଥପୁର ଆମ୍ବତୋଟା ପଡ଼ିଆରେ ଦିନ ୨ଟା ବେଳେ ଶ୍ରୀଯୁକ୍ତ ପଞ୍ଚାନନ ରାଇସିଂହଙ୍କ ସଭାପତିତ୍ୱରେ ଏକ ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଶ୍ରୀଯୁକ୍ତ ଶ୍ରୀନାଥ ମୁଣ୍ଡା ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମର ବିଧିବିଧାନ ଆଲୋଚନା କରିଥିଲେ । ଶ୍ରୀଯୁକ୍ତ ମାଣିକା ମାଝି ଆଦିବାସୀ ଭାଷାରେ ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟ ନିଶାନିବାରଣ ଓ ନିରକ୍ଷରତା ଦୂରୀକରଣ ସମ୍ପର୍କରେ ବିଶଦଭାବରେ ଆଲୋଚନା କରିଥିଲେ । ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ପରିଡ଼ା ସରକାରୀ କର୍ମଚାରୀ ଯଥା ସର୍ଦ୍ଦାର, ଫରେଷ୍ଟର, ଚପରାସିମାନଙ୍କର ଦୁର୍ନୀତିପୂର୍ଣ୍ଣ ଆଚରଣର ତୀବ୍ର ସମାଲୋଚନା କରିଥିଲେ । ଉକ୍ତ ସଭାର ପ୍ରସ୍ତାବ ଅନୁଯାୟୀ କଂଗ୍ରେସର ପରବର୍ତ୍ତୀ ସାଧାରଣ ସଭା ଧନାପଟନା ଗ୍ରାମ ପଡ଼ିଆରେ ଆସନ୍ତା ରବିବାର ଦିନ ୨ଟା ବେଳେ ହେବାର ସ୍ଥିର ହେଲା । ଉକ୍ତ ସଭାରେ ବାରିପଦାର ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସ ଆଡ୍‌ଭୋକେଟ୍ ଯୋଗଦେବା ଆବଶ୍ୟକ ବୋଲି ସିଦ୍ଧାନ୍ତ ହେଲା ଏବଂ ତାଙ୍କୁ ନିମନ୍ତ୍ରଣ କରିବାର ଦାୟିତ୍ୱ ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ରଙ୍କୁ ଦିଆଗଲା ।

ଶରତଚନ୍ଦ୍ର ଦାସଙ୍କ ସଂଗଠିତ ସମୀକ୍ଷା

ମୟୂରଭଞ୍ଜର ଜଣେ ନିର୍ଭୀକ ଓ ଉତ୍ସାହୀ ଯୁବକ ବିକ୍ଷିପ୍ତ ଭାବରେ ପୂର୍ବ ବର୍ଣ୍ଣିତ କେତେଗୁଡ଼ିଏ ସାଧାରଣ ସଭା କରିବାର ଖବର ପାଇବା ପରେ ବାରିପଦାର ତତ୍କାଳୀନ ଆଇନଜୀବୀ ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସ୍ ବାରିପଦା ମ୍ୟୁନିସିପାଲିଟି ଅଫିସ୍ ସଂଲଗ୍ନ ପଡ଼ିଆରେ ଏକ ସାଧାରଣ ସଭା କରାଯିବାର ଆହ୍ୱାନ ଦେଲେ । ଏହା ସନ୍ ୧୯୩୮ ମସିହା ଡିସେମ୍ବର ମାସର ମଧ୍ୟଭାଗର ଘଟଣା ଥିଲା ।

Digitized by srujanika@gmail.com

ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସ ଥିଲେ ଏକାଧାରରେ ଆଇନଜ୍ଞ, ସ୍ୱାଧୀନଚେତା, ଦେଶପ୍ରେମୀ, ସେବାପରାୟଣ, ଦୃଢ଼ଗାନ୍ଧୀମତବାଦୀ, ବାଗ୍ମୀ, କବି, ସୁଲେଖକ ଏବଂ ପ୍ରବୀଣ ରାଜନୀତିଜ୍ଞ । ସେ ବାରିପଦା ମ୍ୟୁନିସିପାଲିଟିର ଭାଇସ୍-ଚେୟାରମ୍ୟାନ୍ ରୂପେ ନିର୍ବାଚିତ ହୋଇ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ ଏବଂ ନାନା ସେବାମୂଳକ ଅନୁଷ୍ଠାନ ଗଢ଼ି ଓ ବିଭିନ୍ନ ଅନୁଷ୍ଠାନସହିତ ସମ୍ପୃକ୍ତ ରହି ବହୁ ଜନହିତକର କାର୍ଯ୍ୟ କରିଥିଲେ । ବାଲେଶ୍ୱର ଜିଲ୍ଲାର କଣ୍ଡାପାଡ଼ା ଗ୍ରାମ ତାଙ୍କର ଜନ୍ମସ୍ଥାନ ଥିଲା । ପିତା ଭକ୍ତହରି ଦାସ ବାଲେଶ୍ୱରରୁ ଆସି ମୟୂରଭଞ୍ଜ ସରକାରଙ୍କ ଅଧୀନରେ ମହାଫିସ୍ ରୂପେ ନିଯୁକ୍ତ ପାଇ ଦକ୍ଷତାରସହିତ କାର୍ଯ୍ୟ କରିଥିଲେ ଏବଂ ବାରିପଦାର ଲାଲ ବଜାର୍ ରେ ବାସଗୃହ ନିର୍ମାଣକରି ମୟୂରଭଞ୍ଜର ସ୍ଥାୟୀ ବାସିନ୍ଦା ହୋଇ-ଯାଇଥିଲେ । ଶରତ ବାବୁ ଥିଲେ ତାଙ୍କର ଏକମାତ୍ର ପୁତ୍ର । ସେହି ଶରତଚନ୍ଦ୍ର ଦାସ, ଯାହାଙ୍କର ଅସାଧାରଣ ତ୍ୟାଗ, ଜନସେବା, ନିର୍ଭୀକତା ଓ ବଳିଷ୍ଠ ନେତୃତ୍ୱ ମୟୂରଭଞ୍ଜରେ ସ୍ୱାଧୀନତା ସଂଗ୍ରାମକୁ ଲକ୍ଷ୍ୟପଥରେ ନିର୍ଭୁଲ୍ ଭାବରେ ଆଗେଇ ନେଇଥିଲା ଓ ଯାହାଙ୍କର ନିଃସ୍ୱାର୍ଥପର ସେବାଭାବ ଓ ଦେଶପାଇଁ ଅସାମାନ୍ୟ ତ୍ୟାଗ ଦେଖି ମୟୂରଭଞ୍ଜର ଲୋକେ ତାଙ୍କୁ 'ମୟୂରଭଞ୍ଜ ଗାନ୍ଧୀ' ଆଖ୍ୟା ଦେଇଥିଲେ ତାଙ୍କରି ଆହ୍ୱାନରେ ବାରିପଦା ମ୍ୟୁନିସିପାଲିଟି ପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳର ବିଶେଷଭାବରେ ସଦର ସବ୍ଡିଭିଜନ୍ ର ବହୁ ଉତ୍ସାହୀ ଯୁବକ ଯୋଗ ଦେଇଥିଲେ । ମାତ୍ର ବାରିପଦା ସହରରୁ ଅତି ଅଳ୍ପ ସଂଖ୍ୟକ ସାଧାରଣ ଲୋକ ଉପସ୍ଥିତ ଥିଲେ । ସେହି ସଭାରେ ଶରତ ବାବୁଙ୍କର ନିର୍ଭୀକ ଓ ସୁଦୀର୍ଘ ଓଜସ୍ୱିନୀ ଭାଷଣ ଶ୍ରୋତାମାନଙ୍କ ହୃଦୟରେ ଦେଶପ୍ରେମର ନୂତନ ସ୍ପନ୍ଦନ, ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଥିଲା ।

ସେଦିନ ସନ୍ଧ୍ୟାରେ ଶ୍ରୀ ଗୌରମୋହନ ପ୍ରଧାନ ଓ ତାଙ୍କର କେତେଜଣ ସାଥୀଙ୍କ ସହିତ ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ ଏବଂ ମାଣଚୀଠାରେ ଏକ ସାଧାରଣ ସଭାର ଆୟୋଜନ କରିବାପାଇଁ ଗୌରମୋହନ ବାବୁଙ୍କୁ କହିଲେ । ସେହି ଅନୁସାରେ ଗୌରମୋହନ ବାବୁ ମାଣଚୀ, କୁରାଢ଼ିହା ଏବଂ ଆଖୁଆଦେଉଳିଆ ପ୍ରଗଣାର ଗ୍ରାମଗୁଡ଼ିକରେ ପ୍ରଚାର କରି ଓ ଢେଙ୍ଗୁରା

Digitized by srujanika@gmail.com

ହେଇ ସନ ୧୯୬୯ ମସିହା ଜାନୁୟାରୀ ମାସ ଦ୍ୱିତୀୟ ସପ୍ତାହରେ ମାଣବୀର ପ୍ରସିଦ୍ଧ କଖାରୁଆ ବୈଦ୍ୟନାଥ ମନ୍ଦିର ସଂଲଗ୍ନ ପଡ଼ିଆଠାରେ ଏକ ସାଧାରଣ ସଭା ଡାକଲେ । ଯେଉଁ ସାହସୀ ଗରିବ ହରିଜନ ଭାଇଟି ଉକ୍ତ ସଭାପାଇଁ ଗ୍ରାମେ ଗ୍ରାମେ ବୁଲି ଡେଙ୍ଗୁରା ଦେଇଥିଲେ ତାଙ୍କର ନାମ ଶ୍ରୀଯୁକ୍ତ ଗଙ୍ଗାଧର ବେହେରା । ଘର ପାଟ୍ଟଳପୁର ଗ୍ରାମ ଅନ୍ତର୍ଗତ ନଧିସାହିରେ । ସେଦିନ ମାଣବୀ ସଭାରେ ପ୍ରାୟ ପାଞ୍ଚ ଶହରୁ ଅଧିକ ଲୋକ ଯୋଗ ଦେଇଥିଲେ ଏବଂ ସର୍ବ-ସମ୍ମତିକ୍ରମେ ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସ ସଭାପତି ଆସନ ଗ୍ରହଣ କରିଥିଲେ । ନୀଳେଶ୍ୱର ଜଲର ଫୁଲଡ଼ି ଗ୍ରାମନିବାସୀ ସୁଗାୟକ ଶ୍ରୀଯୁକ୍ତ କୈଳାସଚନ୍ଦ୍ର ନାୟକ ଗୌରମୋହନ ବାବୁଙ୍କ ରଚିତ "ଦେ ଚରଣ ତଳେ" ଶୀର୍ଷକ ପ୍ରାର୍ଥନା ସଙ୍ଗୀତଟି ଗାନ କରିବାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଥମେ ଗୌରମୋହନ ବାବୁ ସଭାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବୁଝାଇଦେବା ପରେ ଶରତ ବାବୁ ତାଙ୍କର ଦୀର୍ଘ ଭାଷଣରେ ଶ୍ରୋତାମାନଙ୍କ ହୃଦୟରେ ନୂତନ ରାଜନୈତିକ ଶିହରଣ, ସାହସ, ଉତ୍ସାହ ଏବଂ ଦେଶସେବାର ଭାବ ଜାଗ୍ରତ କରାଇଥିଲେ । ସେହି ଦିନ ସଭାସ୍ଥଳରେ ଯଥାବିଧି ପ୍ରସ୍ତାବମାନ ଅନୁମୋଦନ ଏବଂ ସର୍ବସମର୍ଥନକ୍ରମେ ମାଣବୀ, କୁରଡ଼ିହା, ଆଖୁଆଦେଉଳିଆ, ବାରିଡ ପଡ଼ା ଏହି ଚାରି ପ୍ରଗଣାକୁ ମିଶାଇ ଏକ ପ୍ରଗଣା ସମିତି ଗଢ଼ା ଯାଇଥିଲା । ଉକ୍ତ ସମିତିର ସଭାପତି ନିର୍ବାଚିତ ହୋଇଥିଲେ ଶ୍ରୀଯୁକ୍ତ ଶରତ-ଚନ୍ଦ୍ର ଦାସ ଏବଂ ସମ୍ପାଦକଭାବରେ ପ୍ରତ୍ୟେକ ପ୍ରଗଣାର ଗଠନମୂଳକ କାର୍ଯ୍ୟ ସୁପରିଚାଳନାପାଇଁ ଶ୍ରୀଯୁକ୍ତ ଗୌରମୋହନ ପ୍ରଧାନ, ଶ୍ରୀଯୁକ୍ତ ଧ୍ରୁବ ଚରଣ ଖୁଣ୍ଟିଆ, ଶ୍ରୀଯୁକ୍ତ ବୈକୁଣ୍ଠ ସଦୁଆଳ ଓ ଶ୍ରୀଯୁକ୍ତ ଯଦୁନାଥ ଷଡ଼ଙ୍ଗୀଙ୍କୁ ମନୋନୀତ କରାଯାଇଥିଲା ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀଯୁକ୍ତ କୈଳାସଚନ୍ଦ୍ର ନାୟକ-ଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲେ ମଧ୍ୟ ଉକ୍ତ ଦିବସଠାରୁ ମୟୂରଭଞ୍ଜ ପ୍ରଜା ଆନ୍ଦୋଳନର ସ୍ୱାଧୀନତା ସଂଗ୍ରାମସହିତ ସେ ଓତପ୍ରୋତଭାବରେ ଜଡ଼ିତ ହୋଇ ଜଣେ କର୍ମୀ ହିସାବରେ ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ କାମ କରିଥିଲେ । ବହୁ ସଭା ଓ ଶୋଭାଯାତ୍ରାମାନଙ୍କରେ ସେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ବର୍ତ୍ତମାନ ସେ ମୟୂରଭଞ୍ଜର ବାସିନ୍ଦା ହୋଇ କସ୍ତୁରିଆ ଗ୍ରାମରେ ବାସକରୁଛନ୍ତି । ଉକ୍ତ ମାଣବୀ ସଭାପୂର୍ବରୁ କାଶୀନାଥ

Digitized by srujanika@gmail.com

ପୁର ଆମ୍ବକୋଠା ସଭାରେ ହୋଇଥିବା ନିଷ୍ପତ୍ତି ଅନୁସାରେ ୧୯୩୪ ସାଲ ଜାନୁୟାରୀ ପହିଲ ଦିନ ଧନାଗଡ଼ା ଗ୍ରାମ ପଡ଼ିଆରେ ଏକ ସାଧାରଣ ସଭା ହୋଇଥିଲା । ଉକ୍ତ ସଭାରେ ସାଲିକୁଲାର ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ର ଓ ଶ୍ରୀଯୁକ୍ତ ଭୋଳାନାଥ ଜେନାଙ୍କ ନିମନ୍ତ୍ରଣକ୍ରମେ ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସ ସଭାପତିର ଆସନ ଅଳଙ୍କୃତ କରି ଭାରତର ମୁକ୍ତି ଆନ୍ଦୋଳନର ଉଦ୍ଦେଶ୍ୟ, ତା'ର କର୍ମପନ୍ଥା ଏବଂ ଗଡ଼ଜାତମାନଙ୍କରେ ଚାଲିଥିବା ସ୍ୱେଚ୍ଛାଚାରୀ ଶାସନର ବିଲୋପ ସାଧନ ବିଷୟ ଓଜସ୍ୱିନୀ ଭାଷାରେ ପ୍ରାଞ୍ଜଳଭାବରେ ବୁଝାଇଥିଲେ । ତାଙ୍କ ଭାଷଣ ପ୍ରଭାବରେ ସେଠାରେ ଉପସ୍ଥିତ ଜନସାଧାରଣଙ୍କ ଅନ୍ତରରେ ଜାତୀୟ ଆନ୍ଦୋଳନ ପ୍ରତି ଆଗ୍ରହ ଓ ମନୋବଳ ଯଥେଷ୍ଟ ବୃଦ୍ଧି ପାଇଥିଲା ।

ଯେଉଁ ଉତ୍ସାହୀ ଯୁବକଗଣ ଉକ୍ତ ସଭାରେ ଅଂଶ ଗ୍ରହଣ କରିଥିଲେ, ସେମାନେ ହେଲେ ଖଇରନବାସୀ ସର୍ବଶ୍ରୀ ରାମଚନ୍ଦ୍ର ତ୍ରିପାଠୀ, ବାଞ୍ଛାନିଧି ସିଂହ, ଭୋଳାନାଥ ଦାସ, ପଦଣ୍ଡା ଶାସନନବାସୀ ଜଗନ୍ନାଥ ବେହେରା, ଶ୍ରୀପୁର ଗ୍ରାମନବାସୀ ଭଗବାନ ପଣ୍ଡା, ନିଳକଣ୍ଠପୁର ଗ୍ରାମନବାସୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଭଗବାନ ଦେ ମିଶ୍ର, ଖଲାଡ଼ି ଗ୍ରାମନବାସୀ ମଦନମୋହନ ମିଶ୍ର, କଇଁଆ ଗ୍ରାମନବାସୀ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଲାଲମୋହନ ପାତ୍ର, ଲେଙ୍ଗ ମାଝି, ଜଗଦା ଗ୍ରାମନବାସୀ ମଧୁସୂଦନ ବାରିକ, ତ୍ରିଲୋଚନ ଚୌଧୁରୀ, ଘୁଟୁଗାଡ଼ ଗ୍ରାମନବାସୀ ପ୍ରାଣକୃଷ୍ଣ ମାଝି, ମାଝିଗାଁ ଗ୍ରାମନବାସୀ ମାଣିକ୍ୟା ମାଝି, ଜୟପୁର ଗ୍ରାମନବାସୀ ଗିରୀଶଚନ୍ଦ୍ର ବସୁ, ଶିବପ୍ରସାଦ ସାହୁ, ହାତୀକୁଟ ଗ୍ରାମନବାସୀ ଜଗନ୍ନାଥ କମିଲା, ଭାନପୁର ଗ୍ରାମନବାସୀ ଶ୍ରୀନାଥ ପଣ୍ଡା, ଚକବ୍ରାହ୍ମଣସାହି ଗ୍ରାମନବାସୀ ଭୋଳାନାଥ ସାହୁ, କୁଣ୍ଡାପଡ଼ା ଗ୍ରାମନବାସୀ ରାମଚନ୍ଦ୍ର ମହାପାତ୍ର, ପଞ୍ଚାନନ ରାଇସିଂହ, ମଧୁସୂଦନ ରଣା, ସାଲିକୁଲା ଗ୍ରାମନବାସୀ ସୁରେନ୍ଦ୍ରମହାପାତ୍ର ।

ଇତି ମଧ୍ୟରେ ମୟୂରଭଞ୍ଜ ସରକାରଙ୍କର ସଭାସମିତି ଓ ରାଜନୀତି ଚର୍ଚ୍ଚା ଉପରେ ବଳବତ୍ତର ରହିଥିବା ନିଷେଧାଦେଶକୁ ଭ୍ରୂକ୍ଷେପ ନ କରି ଲୋକେ ସଭାସମିତି କରିବାରୁ ମୟୂରଭଞ୍ଜର ଦରବାର ବାଧ୍ୟ ହୋଇ ପୂର୍ବୋକ୍ତ ନିଷେଧାଦେଶ ପ୍ରତ୍ୟାହାର କରିନେଇଥିଲେ ।

ବଧିବଗ ସ୍ୱାଧୀନତା ଆନ୍ଦୋଳନ

୧୯୩୯ ମସିହା ମାର୍ଚ୍ଚ ୨୨ ତାରିଖଟି ମୟୂରଭଞ୍ଜ ଇତିହାସରେ ଏକ ସ୍ମରଣୀୟ ଦିବସ । ସେଦିନ ସଦର ସବଡିଭିଜନ୍ ଅନ୍ତର୍ଗତ ବେତନଟୀ

Digitized by srujanika@gmail.com

ନିକଟସ୍ଥ ଆମ୍ବଜୁଡ଼ା ଗ୍ରାମରେ ଥିବା ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସଙ୍କ ଗୃହାଙ୍ଗଣରଠାରେ ମୟୂରଭଞ୍ଜର ବଧିବଦ୍ଧ ସ୍ୱାଧୀନତା ଆନ୍ଦୋଳନର ଭିତ୍ତିପ୍ରସ୍ତର ସ୍ଥାପିତ ହେଲା । ଶ୍ରୀଯୁକ୍ତ ଶରତ ବାବୁଙ୍କ ଆହ୍ୱାନକ୍ରମେ ସେଦିନ ପୂର୍ବାହ୍ଣ ୧୦ଟାଠାରୁ ଅପରାହ୍ଣ ୩ଟା ସୁଦ୍ଧା ସର୍ବଶ୍ରୀ ଶରତଚନ୍ଦ୍ର ଦାସ, ଜଗନ୍ନାଥ କମିଲା, ଗିରିଶଚନ୍ଦ୍ର ଗୁପ୍ତ, ଗୌରମୋହନ ପ୍ରଧାନ, ଗଜେନ୍ଦ୍ରନାଥ ପଟ୍ଟନାୟକ, ହୃଦନାଥ ଦାସ, ହାଡ଼ିବନ୍ଧୁ ରାଉତ, ଗୋବର୍ଦ୍ଧନଚନ୍ଦ୍ର ନାୟକ, ଲକ୍ଷ୍ମୀଧର ତ୍ରିପାଠୀ, ମାକଲ ସୌରେନ୍, ରାମଚନ୍ଦ୍ର ପଟ୍ଟନାୟକ, ଲକ୍ଷ୍ମଣଚରଣ ପରିଡ଼ା, ଧ୍ରୁବଚରଣ ରାଉତ, କୃଷ୍ଣଚରଣ ପରିଡ଼ା, କୃଷ୍ଣଚନ୍ଦ୍ରସ୍ୱାଇଁ, ରାମଚନ୍ଦ୍ର ମହାପାତ୍ର, ଅଦ୍ୱୈତନାଥ ଲାଲ, ଲକ୍ଷ୍ମୀଧର ପ୍ରଧାନ, ମଦନମୋହନ ପଣ୍ଡା, ମଦନମୋହନ ମିଶ୍ର, ଅପର୍ତ୍ତି ବିଶ୍ୱାଳ, ରମାନାଥ ପାତ୍ର, ବିଶ୍ୱମ୍ଭର ମହାରଣା, କୈଳାସଚନ୍ଦ୍ର ନାୟକ (ବର୍ତ୍ତମାନ ଏମାନଙ୍କ ମଧ୍ୟରୁ ଅଧିକାଂଶ ମୃତ) ସେଠାରେ ଉପସ୍ଥିତ ରହିଥିଲେ ।

ଅହିଂସ ସ୍ୱାଧୀନତା ସଂଗ୍ରାମର କର୍ମୀରୂପେ ଯୋଗ ଦେଇ ସବୁ-ପ୍ରକାର ଦୁଃଖ କଷ୍ଟ ବରଣ କରି ନିଷ୍ଠାପର ଓ ବିଶ୍ୱସ୍ତ ସୈନିକରୂପେ କାର୍ଯ୍ୟ କରିବେ ବୋଲି ସେମାନେ ଈଶ୍ୱରଙ୍କ ନାମରେ ସେଠାରେ ଶପଥ ଗ୍ରହଣ କରିଥିଲେ । ଏହାପରେ ଯେଉଁମାନେ ଏ ଆନ୍ଦୋଳନରେ କର୍ମୀରୂପେ ଯୋଗ ଦେଇଥିଲେ ସେ ସମସ୍ତଙ୍କୁ ଏହିପରି ଭଗବାନଙ୍କ ନାମରେ ଶପଥ ଗ୍ରହଣ କରିବାକୁ ପଡ଼ିଥିଲା ।

ସେଦିନ ସେହି ସଭାରେ ସିଦ୍ଧାନ୍ତ ଗ୍ରହଣ କରାଗଲା ଯେ ପ୍ରଥମେ ଜନ ସାଧାରଣଙ୍କ ମଧ୍ୟରେ ଜାଗରଣ ଓ ଉତ୍ସାହ ସୃଷ୍ଟିକରିବାପାଇଁ ବଧିବଦ୍ଧ ଭାବରେ ପ୍ରଗଣା ସମିତିମାନ ପ୍ରତ୍ୟେକ ପ୍ରଗଣାରେ ଗଠନ କରାଯିବ । ପ୍ରଗଣା ସମିତି ଗୁଡ଼ିକର ପରିଚାଳନା କମିଟିଗୁଡ଼ିକ ପ୍ରଥମେ ରାଜନୈତିକ ସ୍ତରକୁ ନ ଓହ୍ଲାଇ ତା'ର ଦୃଢ଼ ଭିତ୍ତି ସ୍ଥାପନ କରିବାପାଇଁ ପ୍ରତ୍ୟେକ ଗ୍ରାମକୁ ସଂଗଠିତ କରିବେ । ଗ୍ରାମ ଦଳାଦଳିମାନ୍ ଆପୋଷେ ନିଷ୍ପତ୍ତି ନିମନ୍ତେ ପ୍ରତ୍ୟେକ ଗ୍ରାମରେ ଗ୍ରାମ କମିଟି ବା ଗ୍ରାମପଞ୍ଚାୟତ ଗଠନ କରିବେ । ସେହି ଗ୍ରାମକମିଟିମାନଙ୍କ ସହଯୋଗରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶିତ ବିଭିନ୍ନ ରଚନାତ୍ମକ ବା ଗଠନମୂଳକ କାର୍ଯ୍ୟ ଯଥା— ଗ୍ରାମ ସଫେଇ, ଗ୍ରାମ ରାସ୍ତାଘାଟ ନିର୍ମାଣ ବା ମରାମତି, ମୁଠି ଚାଉଳ ଆଦାୟ ଦ୍ୱାରା ଗ୍ରାମ ପାଣ୍ଠି ଗଠନ, ବନ୍ଧ ନିର୍ମାଣ, ନୈଶ ବିଦ୍ୟାଳୟ ସ୍ଥାପନ ବା

Digitized by srujanika@gmail.com

ନିରକ୍ଷରତା ଦୂରୀକରଣ, ବେସରକାରୀ ଗ୍ରାମ୍ୟ ସମବାୟ ସମିତି ଗଠନ, ଅସ୍ପୃଶ୍ୟତା ବର୍ଜନ ଓ ନିଶା ନିବାରଣ ପ୍ରଭୃତି ମାଧ୍ୟମରେ ଲୋକଙ୍କୁ ସଂଗଠିତ କରାଇବାକୁ ହେବ ।'

ଉକ୍ତ ନିଷ୍ପତ୍ତି ଅନୁଯାୟୀ ଶ୍ରୀଯୁକ୍ତ ଶରତ ବାବୁଙ୍କ ସଭାପତିତ୍ୱରେ କେତେକ ପ୍ରଗଣା ସମିତି ଗଠିତ ହେଲା । ତତ୍‌ପରେ ବୈତରଣୀରେ ହୋଇଥିବା ଏକ ସାଧାରଣ ସଭାରେ ଆମ୍ରକୁଞ୍ଜାଠାରେ ଗୃହୀତ ନିଷ୍ପତ୍ତିମାନ ସର୍ବସାଧାରଣରେ ଘୋଷଣା କରାଯାଇଥିଲା ।

ପ୍ରଗଣା ସମିତି ଗଠନ

ଏହାପରେ ମୟୂରଭଞ୍ଜ ସବ୍‌ଡିଭିଜନ୍ ଓ କପ୍ତିପଦା ସବ୍‌ଡିଭିଜନ୍ ଏବଂ ପରେ ପାଞ୍ଚପିଡ଼ ଓ ବାମନଘାଟି ସବ୍‌ଡିଭିଜନ୍‌ରେ ସାଧାରଣ ସଭାମାନ କରାଯାଇ ନିମ୍ନଲିଖିତ ପ୍ରଗଣା ସମିତିମାନ ଗଠନ କରାଗଲା ।

ସାଲଁକ୍ରିଆ କଲିଁସାଇ ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ରାମଚନ୍ଦ୍ର ତ୍ରିପାଠୀ, ସହକାରୀ ସଭାପତି ଶ୍ରୀଯୁକ୍ତ ମାଣିକ ମାଝି, ସମ୍ପାଦକ ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ର, ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅଫିସ୍ ସମ୍ପାଦକ ଶ୍ରୀନାଥଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଚନ୍ଦ୍ରଧର ଜେନା ।

କପ୍ତିପଦା, ଡାଳଡ଼ିଆ ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ଯଦୁନାଥ ମହାପାତ୍ର, ଉପ-ସଭାପତି ଶ୍ରୀଯୁକ୍ତ ଭାନୁ ମାଝି, ସମ୍ପାଦକ ହାଡ଼ିବନ୍ଧୁ ମହାପାତ୍ର, କୋଷାଧ୍ୟକ୍ଷ ବନମାଳୀ ବାବୁ ।

ଖୁଣ୍ଟା ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ରାମନାଥ ଭୂୟାଁ, ସମ୍ପାଦକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ନଳିନୀମୋହନ ପାତ୍ର, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ହାଡ଼ିଗୁନ୍ଦ ହାସ୍‌ଦା ।

ଆରପଟା ଚଳାମା ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ପ୍ରହ୍ଲାଦ ନାୟକ, ସମ୍ପାଦକ ଶ୍ରୀଯୁକ୍ତ ବୈଷ୍ଣବଚରଣ ମିଶ୍ର, ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ରାମଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ବୃନ୍ଦାବନ ନାୟକ ।

Digitized by srujanika@gmail.com

ଉଲୁବ ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ଦାସ, ସମ୍ପାଦକ ଶ୍ରୀଯୁକ୍ତ ହରିହର ସାହୁ, ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ଗଙ୍ଗାଧର ମହାନ୍ତ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଗୋବିନ୍ଦ ରାମ ମାରୁପ୍ରାଣ୍ଡ ।

ବାଲିଡ଼ିହା ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ଭଗବାନ ଦାସ, ସମ୍ପାଦକ ଶ୍ରୀଯୁକ୍ତ ହୃଡ଼ିଙ୍ଗି ଙ୍ଗି, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ କୈଳାଶଚନ୍ଦ୍ର ନାୟକ ।

ଆଖୁଆଦେଉଳିଆ ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ବୈକୁଣ୍ଠ-ନାଥ ସତୁଆଳ, ସମ୍ପାଦକ ଶ୍ରୀଯୁକ୍ତ ଗଜେନ୍ଦ୍ରନାଥ ପଟ୍ଟନାୟକ, ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ମନମୋହନ ଦ୍ୱିବେଦୀ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଫକୀରଚରଣ ବେହେରା ।

ବାରପଡ଼ା ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ପଞ୍ଚାନନ ପଟ୍ଟନାୟକ, ସମ୍ପାଦକ ଶ୍ରୀଯୁକ୍ତ ଯଦୁନାଥ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର କମିଳା ।

କୁବଡ଼ିହା ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ରାମଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଶ୍ରୀଯୁକ୍ତ ଧ୍ରୁବଚରଣ ରାଉତ, ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ଲକ୍ଷ୍ମଣ ପରିଡ଼ା, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ସ୍ୱାଇଁ ।

ମାଣିକପାଟଣା ସମିତିର ସଭାପତି ଶ୍ରୀଯୁକ୍ତ ଲକ୍ଷ୍ମୀଧର ପ୍ରଧାନ, ସମ୍ପାଦକ ଶ୍ରୀଯୁକ୍ତ ଅଦ୍ୱୈତନାଥ ଲାଲ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ମଦନମୋହନ ପଣ୍ଡା ।

କୃଷ୍ଣାଗଡ଼ିଗି ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ସୁରେନ୍ଦ୍ର-ନାଥ ସତୁଆ, ସମ୍ପାଦକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ଧଳ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ହରିବନ୍ଧୁ ରାଉଳ ।

ବଣଆହାର ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ଶାକଲ ସରେନ୍, ସମ୍ପାଦକ ଶ୍ରୀଯୁକ୍ତ ଧନଞ୍ଜୟ ମହାନ୍ତ ।

ରହାଣ୍ଡା ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ଗଙ୍ଗାଧର କର, ଉପରଭାଗ ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ମହେଶଚନ୍ଦ୍ର ପଣ୍ଡା,

Digitized by srujanika@gmail.com

ସମ୍ପାଦକ ଶ୍ରୀଯୁକ୍ତ ସତ୍ୟନାରାୟଣ ଦାସ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ନନ୍ଦ କଂଶାର ବେହେରା ।

ମୋରଡ଼ା ପ୍ରଗଣା ସମିତିର ସଭାପତି ଶ୍ରୀଯୁକ୍ତ ସୋମନାଥ ଦାସ, ସମ୍ପାଦକ ଶ୍ରୀଯୁକ୍ତ ଅମରେନ୍ଦ୍ର କୁମାର ଦାସ ।

ପାଞ୍ଚପିଡ଼ ସବ୍‌ଡିଭିଜନ୍ ସମିତିର ସଭାପତି ଶ୍ରୀଯୁକ୍ତ ଉମେଶଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ଶ୍ରୀଯୁକ୍ତ ଶିବପ୍ରସାଦ ମାହାନ୍ତ, ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ଭକ୍ତବନ୍ଧୁ ମାହାନ୍ତ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଭୈରବଚରଣ ମାହାନ୍ତ ।

ବାମନଘାଟି ସବ୍‌ଡିଭିଜନ ସମିତିର ସଭାପତି ଶ୍ରୀଯୁକ୍ତ କ୍ଷିତିମୋହନ ମାହାନ୍ତ, ସମ୍ପାଦକ ଶ୍ରୀଯୁକ୍ତ କାଳୀ ଚରଣ ମାହାନ୍ତ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ବିଦ୍ୟାଧର ରାଉତ ।

ଏହିପରିଭାବରେ ସମିତିଗୁଡ଼ିକ ଗଠିତ ହେବା ସଙ୍ଗେ ସଙ୍ଗେ ସେଗୁଡ଼ିକର ସୁପରିଚାଳନାପାଇଁ ପ୍ରତିନିଧିମାନଙ୍କ ମଧ୍ୟରେ ସଭ୍ୟ ନିର୍ବାଚିତ କରି ଏକ ପରିଚାଳନା କମିଟି ଗଠନ କରାଗଲା । ସଭାପତି ଭାବରେ ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସ, ସମ୍ପାଦକ ଶ୍ରୀଯୁକ୍ତ ଗୌରମୋହନ ପ୍ରଧାନ, ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ଜଗନ୍ନାଥ କମିଲା ଏବଂ କୋଷାଧ୍ୟକ୍ଷଭାବରେ କୃଷ୍ଣଚନ୍ଦ୍ର ପରିଡ଼ା ଏହାର କାର୍ଯ୍ୟଭାର ଗ୍ରହଣ କଲେ । ସଭାପତି ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସଙ୍କ ଗୃହଘରେ ଏହାର କାର୍ଯ୍ୟାଳୟ ସ୍ଥାପିତହେଲା ଆମ୍ବଜୁଡ଼ା ଗ୍ରାମରେ । ଆଲୋଚନା ପ୍ରସଙ୍ଗରେ ସେତେବେଳେ କେହି କେହି ଏହାର କାର୍ଯ୍ୟାଳୟ ମୟୂରଭଞ୍ଜର ରାଜଧାନୀ ବାରିପଦାଠାରେ ସ୍ଥାପନ କରିବାପାଇଁ ପ୍ରସ୍ତାବ କରିଥିଲେ । ମାତ୍ର ଶରତ ବାବୁଙ୍କ ସମେତ ଅଧିକାଂଶ ସଭ୍ୟ କହିଲେ ବାରିପଦା ସହର ଗୁଡ଼ିଏ ରାଜ୍ୟମମାନଙ୍କର ଉପନିବେଶ ବା ବାସସ୍ଥଳୀ । ସେଠାକାର ଲୋକମାନଙ୍କ ତରଫରୁ ବିଶେଷ କିଛି ସାହାଯ୍ୟ ସହଯୋଗ ବର୍ତ୍ତମାନ ମିଳିବ ନାହିଁ । ଏଣୁ ଆମ୍ବଜୁଡ଼ାରେ ହିଁ ସର୍ବସମ୍ମତିକ୍ରମେ କାର୍ଯ୍ୟାଳୟ ସ୍ଥାପିତ ହେଲା ।

ଶରତ ବାବୁ ଥିଲେ ଅତ୍ୟନ୍ତ ସ୍ୱଦେଶପ୍ରେମୀ । ଭାରତୀୟ ଜାତୀୟ କଂଗ୍ରେସରେ ପ୍ରତ୍ୟକ୍ଷଭାବରେ ଯୋଗଦାନ କରି ଅସହଯୋଗ ଆନ୍ଦୋଳନ ଓ

Digitized by srujanika@gmail.com

ଆଇନ ଅମାନ୍ୟ ଆନ୍ଦୋଳନରେ ଭାଗନେବାପାଇଁ ତାଙ୍କର ପ୍ରବଳ ଆଗ୍ରହ ଥିଲେ ମଧ୍ୟ ତାଙ୍କର ପାରିବାରିକ ଆର୍ଥିକ ଅବସ୍ଥା ଦୃଷ୍ଟିରୁ ସେ ଆଇନ୍ ବ୍ୟବସାୟ ପରିତ୍ୟାଗ କରି ସେଥିରେ ଯୋଗଦେଇ ପାରିନଥିଲେ । ମାତ୍ର ବାଲେଶ୍ୱର୍ ଜିଲ୍ଲାର୍ ବିଶିଷ୍ଟ କଂଗ୍ରେସ ନେତା ଡକ୍ଟର ହରେକୃଷ୍ଣ ମହତାବଙ୍କ ସହିତ ଯୋଗସୂତ୍ର ରଖି ପରୋକ୍ଷଭାବରେ ସହଯୋଗ ଦେଇଥିଲେ । ସେ ବୈସିଙ୍ଗା ଥାନା ଅନ୍ତର୍ଗତ ରହାଣ୍ଡା ପ୍ରଗଣାରେ 'ରହାଣ୍ଡା ପ୍ରଗଣା ସମିତି' ନାମକ ଏକ ସଂଗଠନ ଗଢ଼ି ଓ ତା'ଦ୍ୱାରା ଅର୍ଥ ସଂଗ୍ରହ କରି ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିକୁ ଆର୍ଥିକ ସାହାଯ୍ୟ ଦାନର ବ୍ୟବସ୍ଥା କରାଇଥିଲେ । ମାତ୍ର ମୟୂରଭଞ୍ଜରେ ପ୍ରଜା ଆନ୍ଦୋଳନ ବ୍ୟାପକଭାବ ଧାରଣକରିବାରୁ ସେ ପରିବାରର ଆର୍ଥିକ ଅବସ୍ଥା ପ୍ରତି ଭ୍ରୂକ୍ଷେପ ନ କରି ଆଇନ୍ ବ୍ୟବସାୟ ଓ ବାରିପଦା ସହର ପରିତ୍ୟାଗ କରି ଆମ୍ବଜୁଡ଼ା କାର୍ଯ୍ୟାଳୟରେ ସ୍ଥାୟୀଭାବରେ ରହି ଆନ୍ଦୋଳନ ପରିଚାଳନାରେ ବ୍ରତୀ ହେଲେ । ଏହାଫଳରେ ତାଙ୍କର ପରିବାରବର୍ଗ ଘୋର ଅର୍ଥାଭାବ ଭିତରେ କାଳ କଟାଇଥିଲେ ଏବଂ ସମୟ ସମୟରେ ଅନାହାରରେ ରହି ଯାଉଥିଲେ । ମାତ୍ର ଶରତ ବାବୁ ସେଥିରେ ବିଚଳିତ ହୋଇ ନ ଥିଲେ କି ତାଙ୍କ ବ୍ରତରୁ ତିଳେ ହେଲେ ଟଳି ନ ଥିଲେ ।

ଶରତ ବାବୁଙ୍କର ଉକ୍ତ ମହନୀୟ ତ୍ୟାଗର ଆଦର୍ଶରେ ଅନୁପ୍ରାଣିତ ହୋଇ ବହୁ ଶିକ୍ଷିତ ଯୁବକ ପୂରା ସମୟ ଦେଇ ସୈନିକ ବା କର୍ମୀହିସାବରେ କାମକରିବାପାଇଁ ଉକ୍ତ ଆନ୍ଦୋଳନ ମଧ୍ୟକୁ ଲମ୍ଫ ପ୍ରଦାନ କରିଥିଲେ । ସେମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ଜଗନ୍ନାଥ କମିଲା, ଶ୍ରୀଯୁକ୍ତ ଗିରୀଶ୍ ଚନ୍ଦ୍ର ରାୟ, ଶ୍ରୀଯୁକ୍ତ ଗୌରମୋହନ ପ୍ରଧାନ, ଶ୍ରୀଯୁକ୍ତ ଗଜେନ୍ଦ୍ରନାଥ ପଟ୍ଟନାୟକଙ୍କ ନାମ ବିଶେଷ ଉଲ୍ଲେଖଯୋଗ୍ୟ । ଗଜେନ୍ଦ୍ର ବାବୁ ଏକ ବାଣିଜ୍ୟ ସଂସ୍ଥାର କର୍ମଚାରୀପଦ ତ୍ୟାଗ କରି ଏହି ମୁକ୍ତି ସଂଗ୍ରାମରେ ଯୋଗଦାନ କରିଥିଲେ । ଶରତ ବାବୁ ବାରିପଦା ଛାଡ଼ି ଆମ୍ବଜୁଡ଼ାରେ ରହି ଆନ୍ଦୋଳନ ପରିଚାଳନା କରିବାଦେଖି ପ୍ରବଳ ଉତ୍ସାହ ଓ ଉନ୍ମାଦନାରେ କର୍ମୀମାନେ କାମକରିବାକୁ ଆରମ୍ଭ କଲେ । ଫଳରେ ଗ୍ରାମେ ଗ୍ରାମେ ପ୍ରଚାର, ସଭା ଏବଂ ଶୋଭାଯାତ୍ରା ଓ ଗଠନମୂଳକ କାର୍ଯ୍ୟରେ ଜନସାଧାରଣ ଏ ଆନ୍ଦୋଳନ ପ୍ରତି ବିଶେଷ ଆକୃଷ୍ଟ ହେଲେ । ଫଳରେ ଆନ୍ଦୋଳନର ଭିତ୍ତି ଗ୍ରାମମାନଙ୍କରେ

Digitized by srujanika@gmail.com

ଦୃଢ଼ୀଭୂତ ହେଲା । ସେତେବେଳେ ଏ ଆନ୍ଦୋଳନକୁ 'ପ୍ରଗଣା ସମିତି' ପରିବର୍ତ୍ତେ 'ମୟୂରଭଞ୍ଜ ପ୍ରଜାମଣ୍ଡଳ' ନାମରେ ନାମିତ କରାଯିବାକୁ ମନସ୍ଥ କରାଗଲା ।

ମୟୂରଭଞ୍ଜର ଅଧିକାଂଶ ଅଧିବାସୀ ହରିଜନ, ଆଦିବାସୀ ଓ ଅନୁନ୍ନତଶ୍ରେଣୀୟ ଅଟନ୍ତି । ଏମାନଙ୍କ ମହିଳା ସମାଜରେ ପରଦା ପ୍ରଥା ନ ଥିଲା କିନ୍ତୁ ଅଣଆଦିବାସୀ ମହିଳାମାନଙ୍କ ମଧ୍ୟରେ ପରଦା ପ୍ରଥା ପ୍ରବଳ ଭାବରେ ପ୍ରଚଳିତ ରହିଥିଲା । ଆନ୍ଦୋଳନର ସମ୍ପାଦକ ଗୌରମୋହନ ବାବୁ ଓ ଜଗନ୍ନାଥ କମିଲାଙ୍କ ସମେତ କେତେକ କର୍ମୀ ଶରତ ବାବୁଙ୍କସହ ଆଲୋଚନା ମାଧ୍ୟମରେ ଅନୁଭବ କଲେ ଯେ କାର୍ଯ୍ୟକ୍ଷେତ୍ରରେ ଅଣଆଦିବାସୀ ଶ୍ରେଣୀର ମହିଳାମାନେ ପ୍ରତ୍ୟକ୍ଷଭାବରେ ଭାଗନେବା ଦୂରେ ଥାଉ ପରୋକ୍ଷରେ ମଧ୍ୟ ସହଯୋଗ କରୁନାହାନ୍ତି । ଏପରି କି ଅନେକ ସ୍ଥଳରେ ତାଙ୍କର ଆତ୍ମୀୟ ସ୍ୱଜନମାନେ ଆନ୍ଦୋଳନରେ ଅଂଶ ଗ୍ରହଣ କରିବାକୁ ବାହାରିଲେ ସେମାନେ ସେଥିରେ ବାଧା ସୃଷ୍ଟି କରୁଛନ୍ତି । ତେଣୁ ନାରୀ ଜାଗରଣ ତୁରନ୍ତ ଆବଶ୍ୟକ ମନେକରି ସେଥିପାଇଁ ସମ୍ୟକ ଚେଷ୍ଟା ଆରମ୍ଭ ହେଲା ।

ଗୌରମୋହନ ବାବୁ ପ୍ରଥମେ ମଧୁନଡ଼ା ଗ୍ରାମର ହରିହାଟ ପଡ଼ିଆରେ ମହିଳାମାନଙ୍କର ଏକ ସାଧାରଣ ସଭା ଡକାଇଲେ । ବହୁ ଚେଷ୍ଟା ଓ ବାଧ୍ୟବାଧକତାରେ ସେ ସଭାରେ ଗୌରମୋହନ ବାବୁ, ଅଦ୍ୱୈତ ନାଥ ଲାଲ ଓ ମଦନମୋହନ ପଣ୍ଡାଙ୍କ ସହଧର୍ମିଣୀଙ୍କ ସମେତ ଅଳ୍ପ କେତେକ ମହିଳା ଯୋଗ ଦେଇଥିଲେ । କିନ୍ତୁ ଉକ୍ତ ସଭାପଡ଼ିଆରେ ସେମାନେ ଦୀର୍ଘ ଓଢ଼ଣା ଟାଣି ପ୍ରତ୍ୟେକଙ୍କ ମୁଖ ଏକାଠି କରି ମୁଣ୍ଡପୋତି ବସିଥିଲେ । ସେ ସଭାରେ ଶ୍ରୀଯୁକ୍ତ ଗୌରମୋହନ ବାବୁ ସମାଜର ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ସମୟୋପଯୋଗୀ ସମାଜରେ ନାରୀମାନଙ୍କର କର୍ତ୍ତବ୍ୟସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଏ ଖବର ଚାରିଆଡ଼େ ବ୍ୟାପିଗଲା । ତା ପରବର୍ତ୍ତୀ ସଭା ସେ ପ୍ରତିମାଦେଇପୁର ଶ୍ରୀଶ୍ରୀ ଗୋବିନ୍ଦଜୀଉ ମହାପ୍ରଭୁଙ୍କ ମନ୍ଦିର ପ୍ରାଙ୍ଗଣରେ ଡକାଇଲେ । ସେ ସଭାରେ ୨୨ଜଣ ମହିଳା ଅର୍ଦ୍ଧପରଦାବୃତ (ଅଧାଓଢ଼ଣା) ହୋଇ ଯୋଗ ଦେଇଥିଲେ । ସେଠାରେ ଗୌରମୋହନ ବାବୁଙ୍କ "ଲିଖିତ ଜାଗ ଜାଗ ନାରୀଜାତି" ଶୀର୍ଷକ ସଙ୍ଗୀତ ବୋଲା ଯାଇଥିଲା । ଗୌର ବାବୁଙ୍କ ଭାଷଣ ପରେ ଉପସ୍ଥିତ ମହିଳାମାନେ ପରଦା ପରିତ୍ୟାଗ କରିବାର ଦେଖାଯାଇଥିଲା । ଏହାର ପରବର୍ତ୍ତୀ

Digitized by srujanika@gmail.com

ମହିଳା ସଭା ଖଣ୍ଡଦେଉଳା ଗ୍ରାମ ପଡ଼ିଆରେ ଡକାଯାଇଥିଲା । ସେ ସଭାରେ ପରଦା ପରିତ୍ୟାଗକରି ପ୍ରାୟ ୨୦୦ ଜଣ ପର୍ଯ୍ୟନ୍ତ ମହିଳା ଯୋଗ ଦେଇଥିଲେ । ଉକ୍ତ ସଭାରେ ଜଣେ ମହିଳା ବହୁ ଚେଷ୍ଟାକରି ନାରୀ ସମାଜର ଜାଗରଣ ସମ୍ବନ୍ଧରେ ଅଳ୍ପ ସମୟ ଭାଷଣ ଦେଇଥିଲେ । ଏହାର ପରବର୍ତ୍ତୀ ସଭା ଗୌର ମୋହନ ବାବୁ, ଅଦ୍ୱୈତ ବାବୁ, ମଦନ ବାବୁ ଲକ୍ଷ୍ମୀଧର ପ୍ରଧାନ ଏବଂ ମାତ୍ର କେତେଜଣ ମହିଳାଙ୍କ ଉଦ୍ୟମରେ କାଠପାଳ ଗ୍ରାମପଡ଼ିଆରେ ଡକାଇଥିଲେ ଉକ୍ତ ସଭାରେ ପରଦା ପରିତ୍ୟାଗ କରି ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ମହିଳା ସ୍ୱତଃପ୍ରବୃତ୍ତ ସହକାରେ ଯୋଗ ଦେଇଥିଲେ । ଦୁଇ ଜଣ ମହିଳା ନାରୀମାନଙ୍କର କର୍ତ୍ତବ୍ୟସମ୍ପର୍କରେ ସେହି ସଭାରେ ଭାଷଣ ଦେଇଥିଲେ ।

ଇତି ମଧ୍ୟରେ ସାଇଁକୁଳା ପ୍ରଗଣା ଅନ୍ତର୍ଗତ କୁଣ୍ଡାପଡ଼ା ଗ୍ରାମର ଯୁଗେଶ୍ୱର ମହାଦେବ ମନ୍ଦିର ପଡ଼ିଆରେ ସର୍ବଶ୍ରୀ ଜଗନ୍ନାଥ କମିଳା, ରାମଚନ୍ଦ୍ର ମହାପାତ୍ର, ଶ୍ରୀନାଥ ପଣ୍ଡା, ପଞ୍ଚାନନ ରାଇସିଂହ, ପୁରନ୍ଦର ମହାପାତ୍ର, ଭୋଳାନାଥ ସାହୁ ଓ ମଧୁସୂଦନ ରଣାଙ୍କ ଉଦ୍ୟମରେ ମହିଳାମାନଙ୍କର ଏକ ସାଧାରଣ ସଭାନୁଷ୍ଠାନ ହୋଇଥିଲା । ଉକ୍ତ ସଭାରେ ଶ୍ରୀମତୀ ନିଶାମଣି ପଣ୍ଡା ଓ ଶ୍ରୀମତୀ ମଣିଆ ମହାପାତ୍ରଙ୍କ ପ୍ରସ୍ତାବ ବା ଅନୁମୋଦନକ୍ରମେ ଶ୍ରୀମତୀ କଠିକମଣି ମହାପାତ୍ର ସଭାପତିତ୍ୱ କରିଥିଲେ । ଉକ୍ତ ସଭାରେ ନାରୀ ଜାତି ଜାଗ୍ରତ ନ ହେଲେ ସମାଜର ସବୁପ୍ରକାର କଲ୍ୟାଣ ହେବ ନାହିଁ; ଏଣୁ ମହିଳାମାନେ ସମାଜସମୂହର ଉନ୍ନତିପାଇଁ ଜାଗ୍ରତ ହେବା ନିମିତ୍ତ ଆହ୍ୱାନ ଜଣାଇ ସଭାକାର୍ଯ୍ୟ ସାଙ୍ଗ କରାଯାଇଥିଲା ।

ଏହାର କିଛିଦିନ ପରେ ପୁରୁଣା ବାରିପଦାରେ ଏକ ସାଧାରଣ ସଭା ଶ୍ରୀଯୁକ୍ତ ଗୌରମୋହନ ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସେହି ସଭାରେ ୪୦୦୦ ମହିଳାଙ୍କ ସମେତ ପ୍ରାୟ ୧୦,୦୦୦ ଲୋକ ଯୋଗ ଦେଇଥିଲେ । ଉକ୍ତ ସଭାରେ ଗୌରମୋହନ ବାବୁ, ରସାନନ୍ଦ ବାବୁ ଓ ଜଗନ୍ନାଥ ବାବୁ ସେଦିନ ଅତି ଉତ୍ସାହିତ ହୋଇ ସେମାନଙ୍କର ଦୀର୍ଘତମ ଭାଷଣମାନ ଦେଇଥିଲେ । ପ୍ରଥମେ ଡାକ୍ତର ରସାନନ୍ଦ ଭୋଳ ପ୍ରାୟ ୩୦ ମିନଟ୍ ଭାଷଣ ଦେଇଥିଲେ । ତତ୍‌ପରେ ଜଗନ୍ନାଥ କମିଳା ଓ ଗୌରମୋହନ ପ୍ରଧାନଙ୍କ ଭାଷଣ ପରେ ରାତି ୮ଟାବେଳେ ସଭାକାର୍ଯ୍ୟ ସମାପ୍ତ

Digitized by srujanika@gmail.com

ହେଲା । ଏହାପରେ ମୟୂରଭଞ୍ଜରେ ନାଗ୍ରିକଜାଗରଣ ବିଶେଷଭାବରେ ଦେଖାଦେଇଥିଲା ଏବଂ ପ୍ରଜାମଣ୍ଡଳର ବିଭିନ୍ନ କାର୍ଯ୍ୟକ୍ରମରେ ମହିଳାମାନେ କ୍ରମଶଃ ଅଧିକରୁ ଅଧିକ ଅଂଶ ଗ୍ରହଣ କରିଥିଲେ ।

ମୟୂରଭଞ୍ଜର ପ୍ରଜା ସଭା

ପ୍ରଜାମଣ୍ଡଳ ଆନ୍ଦୋଳନ କ୍ରମଶଃ ପ୍ରବଳରୁ ପ୍ରବଳତର ହେବା ସଙ୍ଗେ ସଙ୍ଗେ ସଭାମାନଙ୍କରେ ପ୍ରଜାପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାର ସୁବିଧା ସୁଯୋଗ ବିଷୟ ଆଲୋଚିତ ହେବାର ଦେଖି ମୟୂରଭଞ୍ଜର ରାଜ୍ଯ ସରକାର ଆନ୍ଦୋଳନର ଦ୍ରୁତ ସାଧୁ ସଙ୍ଗଠନକୁ ଥମେଇ ଦେବା ଉଦ୍ଦେଶ୍ୟରେ ଏକ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କଲେ । ମୟୂରଭଞ୍ଜର ଚାରିଗୋଟି ସବ୍‌ଡିଭିଜନ୍ ଯଥା କପ୍ତିପଦା, ସଦର, ବାମନଘାଟୀ ଓ ପାଞ୍ଚପିଢ଼—ଏହି ସବ୍‌ଡିଭିଜନ୍‌ମାନଙ୍କରେ ସାବାଳକ ଭୋଟ ମାଧ୍ୟମରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଚାରିଗୋଟି ପ୍ରଜାସଭା ସ୍ଥାପନର ଘୋଷଣା ସରକାରଙ୍କ ଦ୍ୱାରା ପ୍ରକାଶିତ ହେଲା । ସଙ୍ଗେ ସଙ୍ଗେ ତାହାର ବ୍ୟବସ୍ଥା ମଧ୍ୟ ପ୍ରବର୍ତ୍ତିତ ହେଲା ଯେ ମୟୂରଭଞ୍ଜର ସମୂହ ଉନ୍ନତିକଳ୍ପେ ବିଭିନ୍ନ ଉନ୍ନୟନ ଢଙ୍ଗରେ ପରାମର୍ଶ ଦେବା ନିମନ୍ତେ ଉକ୍ତ ଚାରିଗୋଟି ପ୍ରଜାସଭାରୁ ନିର୍ବାଚିତ ପ୍ରତିନିଧିଙ୍କଦ୍ୱାରା ମୟୂରଭଞ୍ଜ ପ୍ରଜା ପରିଷଦ ଗଠନ କରାଯିବ ।

ଉକ୍ତ ପ୍ରତିନିଧିମୂଳକ ପ୍ରଜାସଭାଗୁଡ଼ିକ ଶାସନ ପରିଚାଳନା ବିଷୟରେ କୌଣସି ଉଲ୍ଲେଖଯୋଗ୍ୟ କ୍ଷମତାର ଅଧିକାରୀ ହୋଇ ନ ଥିଲେ ମଧ୍ୟ ସେଗୁଡ଼ିକ କେବଳ ପରାମର୍ଶଦାତା ସଂସ୍ଥା ହୋଇ ରହିଥିଲେ । ସେ ସମୟରେ ଭାରତବର୍ଷରେ ପ୍ରବର୍ତ୍ତିତ ରାଜ୍ୟ ବିଧାନ ସଭା ତଥା କେନ୍ଦ୍ର ପାର୍ଲିଆମେଣ୍ଟ ଗଠନରେ ସରକାରଙ୍କ ମନୋନୀତ ସଭ୍ୟମାନଙ୍କୁ ନିଆ ଯାଉଥିବା ସ୍ଥଳେ ସାବାଳକ ଭୋଟ୍‌ରେ ନିର୍ବାଚିତ ପ୍ରତିନିଧିଙ୍କଦ୍ୱାରା ପ୍ରଜାସଭା ଓ ପ୍ରଜା ପରିଷଦ ଗଠନ ମୟୂରଭଞ୍ଜର ପ୍ରଜା ତଥା ମୟୂରଭଞ୍ଜ ମହାରାଜାଙ୍କ ପକ୍ଷରେ କମ୍ ଗୌରବର ବିଷୟ ନୁହେଁ ।

ତେନ୍ତୋଳ ସମ୍ମିଳନୀ

ସନ୍ ୧୯୪୬ ମସିହା ବେଳକୁ ପ୍ରଜାମଣ୍ଡଳ ଆନ୍ଦୋଳନ ମୟୂରଭଞ୍ଜର ଅଧିକାଂଶ ଅଞ୍ଚଳକୁ ବ୍ୟାପି ଯାଇଥିଲା । ପ୍ରଜାମଣ୍ଡଳର ପ୍ରତ୍ୟେକ ସାଧାରଣ

Digitized by srujanika@gmail.com

ସଭାରେ ଶୋଭାଯାତ୍ରା କରି ହଜାର ହଜାର ଲୋକ ଯୋଗ ଦେଉଥିଲେ । ସଭାମାନଙ୍କରେ ଅସ୍ପୃଶ୍ୟତା ନିବାରଣ, ଗ୍ରାମ ସଂଗଠନ, ନିଶା ନିବାରଣ, ନିରକ୍ଷରତା ଦୂରୀକରଣ, ହାଟ ଓ ଘାଟ ପଟ୍ଟାଦାର ମାନଙ୍କର ଅନ୍ୟାୟ ମାସୁଲ ଆଦାୟ, ପୋଲିସ କର୍ମଚାରୀଙ୍କ ଜୁଲମ ଏବଂ ସର୍ଦ୍ଦାରମାନଙ୍କର ଅତ୍ୟାଚାରର ତୀବ୍ର ସମାଲୋଚନା କରାଯାଇ ପ୍ରତିକାର ବିଷୟକପ୍ରସ୍ତାବମାନ ଗ୍ରହଣ କରାଯାଉଥିଲା ତଥା ଏକଚ୍ଛତ୍ର ଶାସନର ବିଲୋପ ସାଧନ ବିଷୟରେ ମଧ୍ୟ ଆଲୋଚନା ହେଉଥିଲା ।

ସେହି ବର୍ଷ ମଇ ମାସରେ କୁଲିଅଣ୍ଡା ପ୍ରଗଣା ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀ ତୀରବର୍ତ୍ତୀ ତେନ୍ତୋଳ ଗ୍ରାମରେ ମୟୂରଭଞ୍ଜ ପ୍ରଜାମଣ୍ଡଳ ଉଦ୍ୟମରେ ତିନି ଦିନ ବ୍ୟାପୀ ଏକ ବିରାଟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀ ସ୍ଥଳରେ ଏକ କୃଷିଜାତ ଦ୍ରବ୍ୟ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ମଧ୍ୟ ଥିଲା । ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳରୁ ପ୍ରଜାମଣ୍ଡଳର ପ୍ରାୟ ଦଶ ହଜାର କର୍ମୀ ଯୋଗ ଦେଇଥିଲେ । କର୍ମୀମାନଙ୍କର ରହିବାପାଇଁ ତାଳପତ୍ରର କୁଟୀରମାନ ନିର୍ମିତ ହୋଇଥିଲା । ତିନି ଦିନ ଧରି ପ୍ରଜାମଣ୍ଡଳର କର୍ମୀ ତଥା ପ୍ରଦର୍ଶନୀକୁ ଜିନିଷମାନ ନେଇ ଆସିଥିବା ବ୍ୟକ୍ତିମାନଙ୍କର ଖାଦ୍ୟପେୟର ସୁବ୍ୟବସ୍ଥା ଦାୟିତ୍ୱ ଉକ୍ତ ସମ୍ମିଳନୀର ଅଭ୍ୟର୍ଥନା ସମିତି ବହନ କରିଥିଲେ । ଏତଦ୍‌ବ୍ୟତୀତ ପ୍ରତ୍ୟହ ପ୍ରଦର୍ଶନୀ ଦେଖିବାକୁ ଆସୁଥିବା ଓ ସାଧାରଣ ସଭାରେ ଶ୍ରୋତା ହିସାବରେ ଯୋଗଦେବାକୁ ଆସୁଥିବା ହଜାର ହଜାର ମହିଳା ଓ ପୁରୁଷମାନଙ୍କ ଯଥାଯୋଗ୍ୟ ସୁବିଧାପାଇଁ ସେଠାରେ ଅସ୍ଥାୟୀ ଭୋଜନାଳୟ ଏବଂ ଏକାନ୍ତ ବ୍ୟବହାର୍ଯ୍ୟ ପଣ୍ୟ ଦ୍ରବ୍ୟର ଦୋକାନମାନ ଖୋଲା ଯାଇଥିଲା ।

ଏହି ସମ୍ମିଳନୀର ସୁପରିଚାଳନା ଦାୟିତ୍ୱରେ ଥିଲେ କୁଲିଅଣ୍ଡା ପ୍ରଗଣାର ସର୍ବଶ୍ରୀ ରାମଚନ୍ଦ୍ର ପଟ୍ଟନାୟକ, ଧ୍ରୁବଚରଣ ରାଉତ, ଲକ୍ଷ୍ମଣ ପରିଡ଼ା, କୃଷ୍ଣଚନ୍ଦ୍ର ସ୍ୱାଇଁ, ଦଶରଥ ମାଝି; ପ୍ରଜାମଣ୍ଡଳ ଅଫିସରୁ ଜଗନ୍ନାଥ କମିଲା, ପ୍ରସନ୍ନ କୁମାର ଦାସ, କାଳଚରଣ ବେହେରା, ଗଙ୍ଗାଧର ଦାସ, ମଦନମୋହନ ମିଶ୍ର, କୈଳାସଚନ୍ଦ୍ର ନାୟକ ସଙ୍ଗୀତଜ୍ଞ ଏବଂ ପ୍ରଜାମଣ୍ଡଳର ସମ୍ପାଦକ ଗୌରମୋହନ ପ୍ରଧାନ; ମାଣିଆ ପ୍ରଗଣାର ଲକ୍ଷ୍ମୀଧର ପ୍ରଧାନ, ଅଦ୍ୱୈତନାଥ ଲାଲ, ଆର୍ତ୍ତତ୍ରାଣ ପଣ୍ଡା, ଗଙ୍ଗାଧର ବେହେରା; ଆଖୁଆ-

Digitized by srujanika@gmail.com

ଦେଉଳଆ ପ୍ରଗଣାର ବୈକୁଣ୍ଠନାଥ ସହୁଆଳ, ଗଜେନ୍ଦ୍ରନାଥ ପଟ୍ଟନାୟକ ମନମୋହନ ଦ୍ୱିବେଦୀ, ଆରଦ୍ଧଣ୍ଟା ଝିଲମା ପ୍ରଗଣାର ବୈଷ୍ଣବଚରଣ ମିଶ୍ର, ବୃନ୍ଦାବନ ନାୟକ; ସାଇକୁଳା କଇଁସାର ପ୍ରଗଣାର ରାମଚନ୍ଦ୍ର ମହାପାତ୍ର, ଗିରିଶଚନ୍ଦ୍ର ଗୁପ୍ତ ଓ ପୂର୍ଣ୍ଣଚନ୍ଦ୍ର ପରିଗ୍ଗ ।

ବୈଶାଖ ମାସର ପ୍ରଚଣ୍ଡ ରୌଦ୍ର ତାପରେ ମଧ୍ୟ ଏହି ସମ୍ମିଳନୀ ପ୍ରଜାମଣ୍ଡଳ କର୍ମୀ ତଥା ଜନସାଧାରଣଙ୍କର ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ତିନ ଦିନଧରି ସୁଶୃଙ୍ଖଳତାରସହିତ ଅନୁଷ୍ଠିତ ହୋଇଥିଲା । ପ୍ରଜା-ମଣ୍ଡଳର ସ୍ୱେଚ୍ଛାସେବକବାହିନୀ ଅକ୍ଳାନ୍ତଭାବରେ ଜନସେବା କରିଥିଲେ । ସମ୍ମିଳନୀରେ ପ୍ରତ୍ୟହ ସକାଳ ଓଳି ଅଧିବେଶନ ହୋଇ ସଂଗଠନର ବିଭିନ୍ନ କାର୍ଯ୍ୟ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରାଯାଉଥିଲା ଏବଂ ଉପରଓଳି ସାଧାରଣ ସଭାରେ ଉକ୍ତ ସକାଳବେଳା କର୍ମୀସମ୍ମିଳନୀର ଗୃହୀତ ପ୍ରସ୍ତାବମାନ ପ୍ରାଞ୍ଜଳଭାବରେ ବୁଝାଇ ଦିଆଯାଉଥିଲା ।

ଉକ୍ତ ସମ୍ମିଳନୀରେ ନିମନ୍ତ୍ରିତ ମୁଖ୍ୟ ଅତିଥିଭାବରେ ଯୋଗ ଦେଇଥିଲେ, ଅଖିଳ ଭାରତ ଗଡ଼ଜାତ ପ୍ରଜାସମ୍ମିଳନୀର ସଭ୍ୟ ତଥା ଉତ୍କଳ ଗଡ଼ଜାତ ପ୍ରଜାଆନ୍ଦୋଳନର ବିଶିଷ୍ଟ ନେତା ଶ୍ରୀଯୁକ୍ତ ସାରଙ୍ଗଧର ଦାସ ଏବଂ ସଭାପତିତ୍ୱ କରିଥିଲେ ମୟୂରଭଞ୍ଜ ପ୍ରଜାମଣ୍ଡଳର ସଭାପତି ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସ ।

ତିନ ଦିନଧରି ଏହି ବିରାଟ କର୍ମୀ ସମ୍ମିଳନୀ, ପ୍ରଦର୍ଶନୀ ଏବଂ ସାଧାରଣସଭାରେ ଶ୍ରୀ ସାରଙ୍ଗଧର ଦାସଙ୍କ ଉଦ୍‌ବୋଧନ, ବିଭିନ୍ନ ବକ୍ତା ଓ ସଭାପତିଙ୍କ ଭାଷଣ ଜନସାଧାରଣଙ୍କ ମଧ୍ୟରେ ବିପୁଳ ରାଜନୈତିକ ଜାଗରଣ ଆଣିଥିଲା । ଏହି ସମ୍ମିଳନୀର ସଫଳତା ମୟୂରଭଞ୍ଜର ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ଏକ ଅଭୂତପୂର୍ବ ଗୌରବମୟ ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏ ସମ୍ମିଳନୀରେ ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ବିଶିଷ୍ଟ ଘଟଣା ଯାହା କି ଗୁରିଆଡ଼େ ଚହଳ ସୃଷ୍ଟି କରିଥିଲା, ତାହାହେଲା ସମ୍ମିଳନୀରେ ଯୋଗ ଦେଇଥିବା ପ୍ରଜାମଣ୍ଡଳର ସମସ୍ତ କର୍ମୀଙ୍କୁ ପ୍ରଜାମଣ୍ଡଳର ହରିଜନ ଓ ଆଦିବାସୀ କର୍ମୀ ଶ୍ରୀ ଗଙ୍ଗାଧର ବେହେରା, ଶ୍ରୀ ହୁଲ ସିଂ ଓ ଶ୍ରୀ ହରି ସିଂ ପ୍ରଭୃତି ଅନ୍ନ ପରିବେଷଣ କରିବା ।

Digitized by srujanika@gmail.com

ନିଖିଳ ଭାରତ ଗଡ଼ଜାତ ପ୍ରଜାସମ୍ମିଳନୀ ସହ ସଂଯୋଗ

ଉକ୍ତ ସମୟରେ ବ୍ରିଟିଶ୍ ଭାରତରେ 'ଭାରତୀୟ ଜାତୀୟ କଂଗ୍ରେସ' ସ୍ୱାଧୀନତା ଆନ୍ଦୋଳନ ଚଳାଇଥିଲେ ହେଁ, ଭାରତର ଗଡ଼ଜାତଗୁଡ଼ିକ ବ୍ରିଟିଶ ସରକାରଙ୍କ ପ୍ରତ୍ୟକ୍ଷ ଶାସନାଧୀନ ନ ଥିବାରୁ ସେସବୁ ଗଡ଼ଜାତ ପ୍ରଜାଙ୍କର ଆନ୍ଦୋଳନର ଦାବି ହେଲା—ପୃଥକ୍ ଗଡ଼ଜାତର ଏକଛତ୍ର ଶାସନର ବିଲୋପ ସଙ୍ଗେ ସଙ୍ଗେ ଭାରତରୁ ବ୍ରିଟିଶ୍ ଶାସନର ବିଲୋପ । ଏଣୁ ଭାରତର କଂଗ୍ରେସ ଆନ୍ଦୋଳନର ଲକ୍ଷ୍ୟ ଓ ଦାବିସହିତ ଗଡ଼ଜାତ ପ୍ରଜା ଆନ୍ଦୋଳନର ଲକ୍ଷ୍ୟ ଓ ଦାବିର ପାର୍ଥକ୍ୟହେତୁ ଗଡ଼ଜାତମାନଙ୍କରେ ଭାରତ ଜାତୀୟ କଂଗ୍ରେସର ଶାଖା କମିଟିମାନ ଗଠିତ ନ ହୋଇ ତା'ର ପରିବର୍ତ୍ତେ ଗଠିତ ହେଲା—ନିଖିଳ ଭାରତ ଗଡ଼ଜାତ ପ୍ରଜା ସମ୍ମିଳନୀ । ତାର ସଭାପତି ରହିଲେ ପଣ୍ଡିତ ଜବାହରଲାଲ ନେହେରୁ ଓ ଉପସଭାପତି ଥିଲେ ଶେଖ୍ ଅବଦୁଲ୍ଲା ।

ଢେଙ୍କାନାଳ ସମ୍ମିଳନୀରେ ମୁଖ୍ୟ ଅତିଥିରୂପେ ଯୋଗ ଦେବାକୁ ଆସିଥିବା ଶ୍ରୀଯୁକ୍ତ ସାରଙ୍ଗଧର ଦାସ ମୟୂରଭଞ୍ଜ ପ୍ରଜାମଣ୍ଡଳର ଗ୍ରାମ-ସଂଗଠନ, ମଦ, ହାଣ୍ଡିଆ ପିଇବାରେ ଅଭ୍ୟସ୍ତ ଥିବା ଆଦିବାସୀ ଓ ହରିଜନ ସମାଜରେ ନିଶା ନିବାରଣ, ନିରକ୍ଷରତା ଦୂରୀକରଣ, ଅସ୍ପୃଶ୍ୟତା ନିବାରଣ, ମୁଷ୍ଟିଚାଉଳ ଭିକ୍ଷାଦ୍ୱାରା ଗ୍ରାମପାଣ୍ଠି ଗଠନ କରି ତଦ୍ଦ୍ୱାରା ଗ୍ରାମର ସମୂହ କଲ୍ୟାଣ—ବିଶେଷତଃ ଗ୍ରାମର ଅନୁନ୍ନତ ସଂପ୍ରଦାୟର ହିତ ସାଧନ, ଶ୍ରମଦାନଦ୍ୱାରା ବିଭିନ୍ନ ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟ ଆଦି ବିଷୟ ପ୍ରତ୍ୟକ୍ଷ ଭାବରେ ଜାଣି ଅତ୍ୟନ୍ତ ପ୍ରୀତ ହୋଇଥିଲେ । ସେ ମୟୂରଭଞ୍ଜରୁ ଫେରିବା ପରେ ନିଖିଳ ଭାରତ ଗଡ଼ଜାତ ପ୍ରଜା ଆନ୍ଦୋଳନର ସଭାପତି ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ମୟୂରଭଞ୍ଜ ପ୍ରଜାମଣ୍ଡଳର ଅହିଂସ ଆନ୍ଦୋଳନ, ଶାନ୍ତିପୂର୍ଣ୍ଣ କାର୍ଯ୍ୟ ବିବରଣ ତଥା ତା'ର ସଫଳତା ବିଷୟ ଜଣାଇଲେ । ସେଥିରେ ପଣ୍ଡିତ ନେହେରୁ ଅତ୍ୟନ୍ତ ପ୍ରୀତହୋଇ ଭୂୟସୀ ପ୍ରଶଂସାକରି ଉତ୍ସାହ ଓ ଶୁଭେଚ୍ଛାପୂର୍ଣ୍ଣ ପତ୍ର ମୟୂରଭଞ୍ଜ ପ୍ରଜାମଣ୍ଡଳର ସଭାପତିଙ୍କ ନିକଟକୁ ଲେଖିଥିଲେ । ଏହାର ଅଳ୍ପଦିନ ପରେ ମୟୂରଭଞ୍ଜ ପ୍ରଜାମଣ୍ଡଳ ବିଧିବଦ୍ଧ ଭାବରେ ନିଖିଳ ଭାରତ ଗଡ଼ଜାତ ପ୍ରଜା ସମ୍ମିଳନୀର ଅନ୍ତର୍ଭୁକ୍ତ ହୋଇଥିଲା । ଏହାପରେ ପ୍ରତି ୧୫ ଦିନ ଅନ୍ତରରେ 'ମୟୂରଭଞ୍ଜ ପ୍ରଜାମଣ୍ଡଳ'ର କାର୍ଯ୍ୟର ଅଗ୍ରଗତି ବିବରଣୀ ପଣ୍ଡିତ ନେହେରୁଙ୍କୁ ଜଣାଇ ଦିଆଯାଉଥିଲା ।

Digitized by srujanika@gmail.com

ଏହାର ପ୍ରାୟ ଏକ ବର୍ଷ ପରେ ନେହେରୁଙ୍କ ସଭାପତିତ୍ୱରେ ନିଖିଳ ଭାରତ ଗଡ଼ଜାତ ପ୍ରଜା ସମ୍ମିଳନୀର ଏକ ଅଧିବେଶନ ଗୋଆଲିଅର-ଠାରେ ଅନୁଷ୍ଠିତ ହୋଇଥିଲା । ସେହି ଅଧିବେଶନରେ ଯୋଗ ଦେଇଥିବା ଓଡ଼ିଶା ଗଡ଼ଜାତ ପ୍ରଜାମଣ୍ଡଳର ପ୍ରତିନିଧିମାନଙ୍କ ମଧ୍ୟରେ କେବଳ ମୟୂରଭଞ୍ଜ ପ୍ରଜାମଣ୍ଡଳର ସଭାପତି ଶ୍ରୀଯୁକ୍ତ ଶରତ ଚନ୍ଦ୍ର ଦାସଙ୍କୁ ଓଡ଼ିଶା ଗଡ଼ଜାତ ଆନ୍ଦୋଳନସମ୍ପର୍କରେ କହିବାପାଇଁ ମାତ୍ର ଦଶ ମିନିଟ୍ ସମୟ ମିଳିଥିଲା, ଯାହା ମୟୂରଭଞ୍ଜ ପ୍ରଜାମଣ୍ଡଳ ପକ୍ଷରେ ଅନ୍ୟ ଏକ ଗୌରବ ବିଷୟ ।

ମୟୂରଭଞ୍ଜ ପ୍ରଜାମଙ୍ଗଳ

ମୟୂରଭଞ୍ଜରେ କ୍ରମଶଃ ପ୍ରଜାମଣ୍ଡଳର ସଙ୍ଗଠନ ସୁଦୃଢ଼ ଏବଂ ଆନ୍ଦୋଳନ ପ୍ରବଳ ହେବାର ଦେଖି ତତ୍କାଳୀନ ରାଜ ସରକାରଙ୍କଠାରୁ ବିଶେଷ ସୁବିଧା ଉପଭୋଗ କରୁଥିବା କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଯଥା-ସୁଧଖୋର ମହାଜନ, ଅନ୍ୟାୟଭାବରେ ମାସୁଲ ଆଦାୟ କରୁଥିବା ହାଟ-ଘାଟ ଠିକାଦାର, ଅବକାରୀ ଦ୍ରବ୍ୟ ବ୍ୟବସାୟୀ, ଅତ୍ୟାଚାରୀ ସର୍ଦ୍ଦାର ଓ ଉଚ୍ଚପଦସ୍ଥ କେତେକ ନ୍ୟସ୍ତସ୍ୱାର୍ଥ ସରକାରୀ କର୍ମଚାରୀ ତାଙ୍କର ସ୍ୱାର୍ଥହାନି ଆଶଙ୍କାର ପ୍ରମାଦ ଗଣି ପ୍ରଜାମଣ୍ଡଳକୁ ଭଣ୍ଡୁର କରିବା ଅଭିପ୍ରାୟରେ ଚକ୍ରାନ୍ତ କରି ମୟୂରଭଞ୍ଜ ପ୍ରଜାମଣ୍ଡଳ ବିରୋଧରେ ନାନା ପ୍ରକାର ମିଥ୍ୟା ଓ ଭିତ୍ତିହୀନ କଥାମାନ ମୟୂରଭଞ୍ଜ ମହାରାଜାଙ୍କର କର୍ଣ୍ଣଗୋଚର କରିବାରେ ଲାଗିଲେ । ମହାରାଜା ସେମାନଙ୍କର କାନକୁହା କଥାରେ ବିଶ୍ୱାସ କରିବାରୁ ସେମାନଙ୍କ ଷଡ଼ଯନ୍ତ୍ରମୂଳକ ଅଭିସନ୍ଧି ସଫଳ ହେଲା । ଫଳରେ ସରକାରୀ ସାହାଯ୍ୟରେ ପ୍ରଜାମଣ୍ଡଳ ବିରୋଧରେ ଗଠିତହେଲା ମୟୂରଭଞ୍ଜ ପ୍ରଜାମଙ୍ଗଳ ନାମକ ଏକ ସମ୍ମିଳିତ ଅନୁଷ୍ଠାନ । ତତ୍କାଳୀନ ମୟୂରଭଞ୍ଜର କେତେକ ପ୍ରତିପତ୍ତିଶାଳୀ ଲୋକ ସର୍ଦ୍ଦାର, ସୁଧଖୋର, ଠିକାଦାର ପ୍ରଭୃତି ହେଲେ ଉକ୍ତ ସମିତିର କର୍ମକର୍ତ୍ତା । ଏହି ସମିତିର ମୁଖ୍ୟ ଉଦ୍ଦେଶ୍ୟ ଥିଲା, (୧) ସଭା ସମିତିମାନ କରି ପ୍ରଜାମଣ୍ଡଳ ବିରୁଦ୍ଧରେ ଜନମତ ସୃଷ୍ଟିକରିବା, (୨) ପ୍ରଜାମଣ୍ଡଳର ସାଧାରଣ ସଭାମାନଙ୍କରେ ଗଣ୍ଡଗୋଳ ସୃଷ୍ଟିକରି ସଭା କରାଇ ନ ଦେବା, (୩) ଗଠନମୂଳକ କାର୍ଯ୍ୟରେ ପ୍ରଜାମଣ୍ଡଳ ବିଶେଷ ଲୋକପ୍ରିୟ

Digitized by srujanika@gmail.com

ହେଉଥିବାରୁ, ସେଭଳି କାମକୁ ଭଣ୍ଡୁର କରିବା ଏବଂ (୪) ଭିତର ଉଦ୍ଦେଶ୍ୟ ଥିଲା ପ୍ରଜାମଣ୍ଡଳ ସଭାରେ ଗଣ୍ଡଗୋଳ କରିବା ଫଳରେ ଶାନ୍ତିଭଙ୍ଗ ଆଳରେ ସଭାସମିତି ଉପରେ ୧୪୪ ଧାରା ଜାରିକରି ପ୍ରଜାମଣ୍ଡଳର ସାଧାରଣ ସଭାମାନ କରାଇ ନ ଦେବା । ଏହିସବୁ ଉଦ୍ଦେଶ୍ୟ ସାଧନପାଇଁ ସେମାନେ ମୟୂରଭଞ୍ଜ ବାହାରୁ କେତେଜଣ ଭଡ଼ାଟିଆ ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ଆଣି ପ୍ରଜାମଙ୍ଗଳ କର୍ମୀଭାବରେ ରଖିଲେ । ମୟୂରଭଞ୍ଜ ବାହାରେ ଓଡ଼ିଶାର କେତେକ ସ୍ୱାର୍ଥ ସୁବିଧାଭୋଗୀ ଗୋଠଖଣ୍ଡିଆ ନେତା ଉକ୍ତ ପ୍ରଜାମଙ୍ଗଳ ଅନୁଷ୍ଠାନକୁ ସମର୍ଥନ କଲେ । ସେମାନେ ମୟୂରଭଞ୍ଜର ପ୍ରଜାମଙ୍ଗଳ ନାମକ ସଖୀକଣ୍ଢେଇ ଅନୁଷ୍ଠାନ ମାଧ୍ୟମରେ ମୟୂରଭଞ୍ଜ ରାଜକୋଷରୁ ପ୍ରଚୁର ଅର୍ଥ ପାଉଥିଲେ । ତତ୍କାଳୀନ ମୟୂରଭଞ୍ଜର ପୋଲିସ୍ ସୁପରିନଟେଣ୍ଡେଣ୍ଟଙ୍କ ସାନଭାଇ ଶ୍ରୀ ହରିଶ୍ଚନ୍ଦ୍ର ଦାସଙ୍କ ସମ୍ପାଦନାରେ ପ୍ରଜାମଙ୍ଗଳର ମୁଖପତ୍ର ରୂପେ "ଗଡ଼ଜାତ ତାର" ନାମକ ଏକ ସାପ୍ତାହିକ ପତ୍ରିକା କଟକରୁ ପ୍ରକାଶିତ ହେଲା । ମୟୂରଭଞ୍ଜ ପ୍ରଜାମଣ୍ଡଳ ନେତା ଏବଂ ଶରତ ବାବୁଙ୍କ ସମ୍ପର୍କରେ ଓଡ଼ିଶାର ଜନସାଧାରଣଙ୍କ ମନରେ ବିଭ୍ରାନ୍ତିକର ଧାରଣା ଜନ୍ମାଇବାପାଇଁ ଉକ୍ତ ପତ୍ରିକା ବିଭିନ୍ନ ମିଥ୍ୟା ଅପପ୍ରଚାର ଚଳାଇବାକୁ ଲାଗିଲା ।

ମୟୂରଭଞ୍ଜ ପ୍ରଜାମଙ୍ଗଳ ତରଫରୁ ମୟୂରଭଞ୍ଜର ନାନା ସ୍ଥାନରେ ସାଧାରଣ ସଭାମାନ ଡକାଗଲା । ମାତ୍ର ଲୋକେ ଅଳ୍ପଦିନ ଭିତରେ ପ୍ରଜାମଙ୍ଗଳର ମତଲବ ବୁଝିପାରିବାରୁ ଆଉ ସେମାନଙ୍କ ସଭାରେ ଯୋଗଦେଲେ ନାହିଁ; ଫଳରେ ତାଙ୍କର ପ୍ରଥମ ଉଦ୍ଦେଶ୍ୟ ବ୍ୟର୍ଥ ହେଲା ।

ତତ୍ପରେ ପ୍ରଜାମଙ୍ଗଳର ମୁଷ୍ଟିମେୟ ବେତନଭୋଗୀ, ଲୋକେ ମୟୂରଭଞ୍ଜ ପ୍ରଜାମଣ୍ଡଳର ସଭାପତି ଶରତ ବାବୁଙ୍କ ନାମରେ ନାନା ପ୍ରକାର କୁତ୍ସାରଚନା କରିବାକୁ ଲାଗିଲେ ଏବଂ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କଲେ । ପ୍ରଜାମଣ୍ଡଳ ସଭାକୁ ଭଣ୍ଡୁର କରିବାପାଇଁ ନାନାପ୍ରକାର ଉପଦ୍ରବ ସୃଷ୍ଟି କରିବାକୁ ଲାଗିଲେ । ସେମାନେ ସଭା ମଝିକୁ ପୋଡା ଫିଙ୍ଗିଲେ । ମଦଖାଇ ମାତାଲ ଅବସ୍ଥାରେ ସଭା ମଝିକୁ ହଠାତ୍ ପଶି ସଭା ସ୍ଥଳରେ ବିକୃତ ଅଙ୍ଗଭଙ୍ଗୀକରି ନାଚିବା ଇତ୍ୟାଦି କାର୍ଯ୍ୟ କରିବାକୁ ଲାଗିଲେ । ସଭାସ୍ଥଳରେ ଲୋକଙ୍କୁ ଆତଙ୍କିତ କରିବାପାଇଁ କ୍ଷାନେ କାନେ ନାନା ଗୁଜବ ପ୍ରଚାର କଲେ । ଦିନେ

Digitized by srujanika@gmail.com

ମାଣିନିଠାରେ ହେଉଥିବା ସାଧାରଣ ସଭା ସ୍ଥଳରେ ଲୋକଙ୍କୁ କାନେ କାନେ କହିଲେ ଯେ ଡାକବଙ୍ଗଳା ପଛପଟେ ବନ୍ଧୁକଧାରୀ ପୋଲିସ୍ ରହିଛନ୍ତି । ଆଜି ସେମାନେ ଅନେକଙ୍କୁ ଗିରଫ କରିବେ, ବାଧାଦେଲେ ଗୁଳି କରିବେ । ଏ ଖବର ସଭାପରିଚାଳନା କରୁଥିବା ବ୍ୟକ୍ତି ଏବଂ ବିଶିଷ୍ଟ କର୍ମୀମାନଙ୍କ କାନକୁ ଗଲା । ମାତ୍ର ସେମାନେ ସେ ଗୁଜବକୁ ଭ୍ରୂକ୍ଷେପ ନ କରି ସଭାକାର୍ଯ୍ୟ ଚଳାଇବାରୁ ଲୋକେ ସଭା ଛାଡ଼ି ଗଲେ ନାହିଁ । ତେଣୁ ସେମାନଙ୍କର ଅପଚେଷ୍ଟାକୁ ବିଜ୍ଞ ପ୍ରଜାମଣ୍ଡଳର ନେତୃସ୍ଥାନୀୟ କର୍ମୀମାନେ ଚତୁରତାର ସହିତ ବ୍ୟର୍ଥକରି ସଭାକାର୍ଯ୍ୟ ସମ୍ପାଦନ କଲେ ।

ସରକାରୀ ଅର୍ଥ ଅପବ୍ୟବହାର

ଏ ସବୁ କାର୍ଯ୍ୟରେ ବିଫଳ ହେବାରୁ ସେମାନେ ସନ୍ ୧୯୪୧ମସିହା ମାର୍ଚ୍ଚ ମାସରେ କପ୍ତିପଦା ସବ୍‌ଡିଭିଜନ୍ ଅନ୍ତର୍ଗତ ସାନଖୁଣ୍ଟା ଗ୍ରାମରେ ପ୍ରଜା-ମଣ୍ଡଳର ଏକ ଅଧିବେଶନ କଲେ । ତତ୍‌କାଳୀନ ଖୁଣ୍ଟା ସର୍ଦ୍ଦାର ଶ୍ରୀ ପୀତାମ୍ବର ଗୈଁଧିରୀଙ୍କ ପୃଷ୍ଠପୋଷକତାରେ ଉକ୍ତ ଅଧିବେଶନ ଏବଂ ତା'ସହିତ ଏକ କୃଷି ଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେଲା । ଉକ୍ତ ଅଧିବେଶନ ଓ ପ୍ରଦର୍ଶନୀକୁ ସାଫଲ୍ୟମଣ୍ଡିତ କରିବାପାଇଁ ପ୍ରଜାମଣ୍ଡଳର ସଭ୍ୟବୃନ୍ଦ ପ୍ରଚୁର ସରକାରୀ ଅର୍ଥର ଅସଦ୍‌ବ୍ୟବହାର କରି ଅତ୍ୟଧିକ ଆତ୍ମପ୍ରସାଦ ଲାଭ କରିଥିଲେ । ଉକ୍ତ ଅଧି-ବେଶନର ତତ୍ତ୍ୱାବଧାରକ ଥିଲେ ତତ୍‌କାଳୀନ ସୋରଡ଼ାର ସର୍ଦ୍ଦାର ଶ୍ରୀ ଗୋପବନ୍ଧୁ ପଟ୍ଟନାୟକ ଏବଂ ତାଙ୍କୁ ସହଯୋଗ କରିଥିଲେ ବାଲଡ଼ିହା, ବାରିପଲ୍ଲୀ, ନଇବାଜ, ମେରଦା, ହରିପୁର, କଇଁସାରି, ସାଇଁକୁଳା ଆଦି ପ୍ରଗଣାର ସର୍ଦ୍ଦାରସମୂହ । ତତ୍କାଳୀନ ମୟୂରଭଞ୍ଜର ପୋଲିସ୍ ସୁପରିନ୍‌ଟେ-ଣ୍ଡେଣ୍ଟ ଶ୍ରୀ ରାମଚନ୍ଦ୍ର ଦାସ ଓ ମୟୂରଭଞ୍ଜର ଦେଓ୍ୱାନ ଶ୍ରୀ ବିନ୍ଧେଶ୍ୱରୀପ୍ରସାଦ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ସରକାରୀ ଅର୍ଥରେ ପ୍ରଜାମଙ୍ଗଳ ସମିତିର କାର୍ଯ୍ୟ ପରିଚାଳିତ ହେଉଥିଲା । ଏଣୁ ସରକାରୀ କର୍ମଚାରୀ ଓ ପୋଲିସ୍‌ମାନେ ଉକ୍ତ ପ୍ରଜାମଙ୍ଗଳ ସଂଗଠନକୁ ପରୋକ୍ଷରେ ସାହାଯ୍ୟ କରୁଥିଲେ ଏବଂ ନାନା ଅସାମାଜିକ ଓ କଳଙ୍କପୂର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିବାରେ ପ୍ରତ୍ୟକ୍ଷ ବା ପରୋକ୍ଷ-ଭାବରେ ଜଡ଼ିତ ଥିଲେ । ବହୁ ଅର୍ଥ ବ୍ୟୟରେ ହୋଇଥିବା ଉକ୍ତ ଅଧିବେଶନ ଓ ପ୍ରଦର୍ଶନୀ ପ୍ରଜାମଣ୍ଡଳ ବିରୁଦ୍ଧରେ ଜନସାଧାରଣଙ୍କ ମନରେ କୌଣସି ପ୍ରଭାବ

Digitized by srujanika@gmail.com

ପକାଇ ପାରି ନ ଥିଲା । ଫଳରେ ସବୁ ଦିଗରୁ ହତାଶ ହୋଇ ଶେଷରେ ପ୍ରଜାମଙ୍ଗଳ ସମିତି କେବଳ ନାମମାତ୍ର ରହିଲା । ତାହାର ଆଉ କୌଣସି କାର୍ଯ୍ୟ ଦେଖାଗଲା ନାହିଁ । ଅଧିକନ୍ତୁ ମୟୂରଭଞ୍ଜ ପ୍ରଜାମଣ୍ଡଳ ବିପୁଳ ଜନ-ସମର୍ଥନପାଇଁ ଅତ୍ୟନ୍ତ ଶକ୍ତିଶାଳୀ ହୋଇଉଠିଲା ଏବଂ ଏକ ଅଧିବେଶନରେ ମୟୂରଭଞ୍ଜ ମହାରାଜା ଶାସନ ମୁଖ୍ୟ ଥାଇ ମୟୂରଭଞ୍ଜରେ ଦାୟିତ୍ୱମୂଳକ ଶାସନ (ନିର୍ବାଚିତ ଲୋକପ୍ରତିନିଧିମାନଙ୍କ ଶାସନ) ପ୍ରତିଷ୍ଠାପାଇଁ ପ୍ରସ୍ତାବ ଗୃହୀତ ହୋଇ ତାହା ମୟୂରଭଞ୍ଜ ମହାରାଜାଙ୍କ ନିକଟକୁ ପ୍ରେରଣ କରାଗଲା । ଏହାପରେ ପ୍ରଜାମଣ୍ଡଳର ସାଧାରଣ ସଭାମାନଙ୍କରେ ମୟୂର-ଭଞ୍ଜରେ ଦାୟିତ୍ୱମୂଳକ ଶାସନ ପ୍ରତିଷ୍ଠାପାଇଁ ପ୍ରସ୍ତାବମାନ ଗୃହୀତ ହୋଇ ମହାରାଜାଙ୍କ ନିକଟକୁ ପଠାଗଲା । ଏହି ସମୟରେ ମୟୂରଭଞ୍ଜ ପ୍ରଜାମଣ୍ଡଳର କାର୍ଯ୍ୟକାରୀ କମିଟୀ ସଭାପତି ଓ ସମ୍ପାଦକଙ୍କ ବ୍ୟତୀତ ନିର୍ବାଚିତ ସଭ୍ୟ ଥିଲେ ଜଗନ୍ନାଥ କମିଲା (ସହକାରୀ ସମ୍ପାଦକ), ଲକ୍ଷ୍ମୀଧର ତ୍ରିପାଠୀ (କୋଷା-ଧ୍ୟକ୍ଷ), ବୈକୁଣ୍ଠନାଥ ସଦୁଆଳ, ରାମଚନ୍ଦ୍ର ମହାପାତ୍ର, ପ୍ରସନ୍ନକୁମାର ଦାସ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଶ୍ରୀନାଥ ପଣ୍ଡା, ଗଜେନ୍ଦ୍ରନାଥ ପଟ୍ଟନାୟକ, ସାକଲା ସୋରେନ୍, ସୁରେନ୍ଦ୍ର ସାହୁଆ, ଗୋବର୍ଦ୍ଧନଚନ୍ଦ୍ର ମାଝୀ, ରମାନାଥ ଟୁଡୁ, ମାଣିକା ମାଝୀ, କୃଷ୍ଣଚନ୍ଦ୍ର ସ୍ୱାଇଁ, ରାମଚନ୍ଦ୍ର ପଟ୍ଟନାୟକ, ଲକ୍ଷ୍ମଣ ପରିଡ଼ା, ଅଦ୍ୱୈତନାଥ ଲାଲା, ଧ୍ରୁବଚରଣ ରାଉତ, ଉଦୟନାଥ ଓଝା, ହରମୋହନ ଦାସ, ଗୋବର୍ଦ୍ଧନଚନ୍ଦ୍ର ନାୟକ, ହୁଡ଼ଂ ସିଂ, ବୈଷ୍ଣବଚରଣ ମିଶ୍ର, ଆର୍ତ୍ତତ୍ରାଣ ପଣ୍ଡା ଏବଂ ପରେ ସହଯୋଗ କରିଥିଲେ ହରିହର ମହାନ୍ତି (ଆଡ଼ଭୋକେଟ୍) ଓ ଡାକ୍ତର ଶ୍ରୀଯୁକ୍ତ ଅନନ୍ତ ରଥ ।

ପ୍ରଜାମଣ୍ଡଳକୁ ବିଲୋପ କରିବାପାଇଁ ସରକାରୀ ପ୍ରଚେଷ୍ଟା

ପ୍ରଜାମଣ୍ଡଳ ଆନ୍ଦୋଳନ ଯେ ପର୍ଯ୍ୟନ୍ତ ଗ୍ରାମ ସଂଗଠନ, ନାନାବିଧ ସଂଗଠନମୂଳକ କାର୍ଯ୍ୟ ଏବଂ ସରକାରୀ କର୍ମଚାରୀ, ଅତ୍ୟାଚାରୀ ସର୍ଦ୍ଦାର ଓ ଅନ୍ୟାୟକାରୀ ଠିକାଦାର ପ୍ରଭୃତିଙ୍କ ଜୁଲମ୍ ତଥା ଅତ୍ୟାଚାରର ସମାଲୋଚନାମଧ୍ୟରେ ସୀମିତ ରହିଥିଲା ସେ ପର୍ଯ୍ୟନ୍ତ ସରକାର ତା ବିରୁଦ୍ଧରେ ପ୍ରତ୍ୟକ୍ଷଭାବରେ କୌଣସି ପଦକ୍ଷେପ ନ ନେଇ ପ୍ରଜାମଙ୍ଗଳ ସମିତି ଗଠନ କରାଇ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଭଣ୍ଡୁର କରିବାର ପ୍ରଚେଷ୍ଟା କରୁଥିଲେ । ମାତ୍ର ଯେତେବେଳେ

Digitized by srujanika@gmail.com

ପ୍ରଜାମଣ୍ଡଳ ମୟୂରଭଞ୍ଜର ଦାୟିତ୍ୱମୂଳକ ଶାସନ ପ୍ରତିଷ୍ଠାପାଇଁ ଦାବି କଲେ ଏବଂ ପ୍ରଜାମଣ୍ଡଳ ସମିତି ତା'ର ଉଦ୍ଦେଶ୍ୟ ସାଧନରେ ବ୍ୟର୍ଥ ହେଲା ସେତେବେଳେ ସରକାରଙ୍କ ତରଫରୁ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଭାଙ୍ଗିବାପାଇଁ ବ୍ୟାପକ ପ୍ରଚେଷ୍ଟା ଚାଲିଲା ।

ପ୍ରଜାମଣ୍ଡଳର ଆନ୍ଦୋଳନକୁ ଅଚଳ କରିବାପାଇଁ ସରକାର ପ୍ରଜାମଣ୍ଡଳର ବିଶିଷ୍ଟ କର୍ମୀମାନଙ୍କ ବିରୁଦ୍ଧରେ ମିଥ୍ୟା ଷଡ଼ଯନ୍ତ୍ରମୂଳକ ମୋକଦ୍ଦମା ସୃଷ୍ଟିକରି ସେମାନଙ୍କୁ ବଦ୍‌ନାମ କରାଇବା ଏବଂ ହଇରାଣ ହରକତ କରିବା ଆରମ୍ଭ କରିଦେଲେ ।

ସିମିଳେଶ୍ୱର ମହାଦେବଙ୍କର ଶିବରାତ୍ରି ମେଳାରେ ଶ୍ରୀଯୁକ୍ତ ପ୍ରସନ୍ନକୁମାର ଦାଶ, ଜଗନ୍ନାଥ କମିଲା, ହରିହର ସାହୁ ଓ ଅନ୍ୟ କର୍ମୀମାନଙ୍କ ସହିତ ଜାତୀୟ ସଂଗୀତ ଗାଇ ଗାଇ ପ୍ରଜାମଣ୍ଡଳର ଗୀତ ବହି ବିକି କରୁଥିବାବେଳେ ପ୍ରଜାମଣ୍ଡଳର କର୍ମୀ ରାସବିହାରୀ ଦାସ ଓ ଗଜେନ୍ଦ୍ର ମହାପାତ୍ର ଗ୍ରାମାଖଣ୍ଡଆଣି ନାମକ ଏକ ବାରାଙ୍ଗନାକୁ ଶିଖଣ୍ଡୀ ସଜାଇ ତା'ର ମାଧ୍ୟମରେ ଏକ ଜନାକାରୀ କେଶ୍ ଦାୟର କରିଥିଲେ । ଫଳରେ ବାଙ୍ଗିରିପୋଷି ଥାନା ପୋଲିସ୍ ସବ୍-ଇନସ୍‌ପେକ୍ଟର କେତେକ ଗୁଣ୍ଡାଙ୍କ ସହିତ ଜଗନ୍ନାଥ କମିଲାଙ୍କ ନାମରେ ଏକ ମିଥ୍ୟା ଜନାକାରୀ ମୋକଦ୍ଦମା ଦାଏର କରି ତାଙ୍କୁ ଗିରଫ୍ କଲେ ଏବଂ ବାଙ୍ଗିରିପୋଷି ଥାନାକୁ ନେଇଗଲେ । ପରେ ଅଦାଲତ ବିଚାରରେ ଉକ୍ତ ମୋକଦ୍ଦମା ମିଥ୍ୟା ବୋଲି ପ୍ରମାଣିତ ହେଲା ଓ ଜଗନ୍ନାଥ ବାବୁ ନିର୍ଦ୍ଦୋଷରେ ଖଲାସ ହେଲେ ।

ଏହାପରେ ବାଲିଡ଼ିହା ପ୍ରଗଣାର ପ୍ରଜାମଣ୍ଡଳର କର୍ମୀ ଭଗବାନ ଦାସ ଓ ହୁଡ଼ିଂ ସିଂଙ୍କ ନାମରେ ହାଟ ମାସୁଲ ବନ୍ଦ କରୁଥିବା ଅଭିଯୋଗରେ ଏକ ମିଥ୍ୟା ମୋକଦ୍ଦମା ପ୍ରଜାମଣ୍ଡଳ କର୍ମୀମାନଙ୍କ ମାଧ୍ୟମରେ ସୃଷ୍ଟି କରାଗଲା । ଏହି ଦୁଇ ଜଣ କର୍ମୀ ଜାମିନ୍ ନ ଦେଇ ଜେଲ୍ ହାଜତରେ ପ୍ରାୟ ୨ ମାସ ରହି ନିର୍ଦ୍ଦୋଷରେ ଖଲାସ ହେଲେ । ସେମାନେ ବଡ଼ସାହି ଥାନା ଅନ୍ତର୍ଗତ ଇଚ୍ଛାମୁଣ୍ଡିଆ ଗ୍ରାମନିବାସୀ ହରିହର ସାହୁଙ୍କ ନାମରେ ଏକ ମିଥ୍ୟା ମୋକଦ୍ଦମା ମଧ୍ୟ କରିଥିଲେ । ଇଚ୍ଛାମୁଣ୍ଡିଆ ଗ୍ରାମ ପ୍ରଜାମଣ୍ଡଳର ଏକ ଦୁର୍ଗ ଥିବାର ଜାଣି ପୋଲିସ୍ ଫୌଜ କେତେଦିନ ଧରି ସେ ଗ୍ରାମଟିକୁ ଘେରାଉ କରି ରଖିଲେ ଏବଂ

Digitized by srujanika@gmail.com

ଗ୍ରାମବାସୀମାନଙ୍କୁ ଗ୍ରାମସଂଲଗ୍ନ ଜଙ୍ଗଲରୁ ଦାନ୍ତକାଠିଟିଏ ଆଣିବାକୁ ମଧ୍ୟ ଦେଲେ ନାହିଁ । ବଡ଼ଖୁଣ୍ଟା ଗ୍ରାମର ଶ୍ରୀଯୁକ୍ତ ପୂର୍ଣ୍ଣ ଚୌଧୁରୀଙ୍କ ନାମରେ କୁକୁଡ଼ା ଚୋରିର ଏକ ମିଥ୍ୟା ମୋକଦ୍ଦମା ଦାଏର୍ ହେଲା । କିନ୍ତୁ ପ୍ରମାଣ ଅଭାବରୁ ସେ ନିର୍ଦ୍ଦୋଷରେ ଖଲାସ ହେଲେ । ଜସ୍ପୁରର ନିବାସୀ ୰ ଗିରିଶଚନ୍ଦ୍ର ରାୟଙ୍କ ନାମରେ ବିଭିନ୍ନ ପ୍ରକାର ଷଡ଼ଯନ୍ତ୍ରମୂଳକ ମିଥ୍ୟା ମୋକଦ୍ଦମାମାନ ଦାଏର୍ ହେଲା । ତାଙ୍କୁ ଥରେ ଏକ ମିଥ୍ୟା ଚୋରି ଅଭିଯୋଗରେ ଗିରଫ କରାଗଲା ଏବଂ ଉଦାଳା ଥାନା ପର୍ଯ୍ୟନ୍ତ ଦୀର୍ଘପଥ ତାଙ୍କୁ ଚଲାଇ ନିଆଗଲା । ପ୍ରଜାମଣ୍ଡଳର ସମ୍ପାଦକ ଶ୍ରୀଯୁକ୍ତ ଗୌରମୋହନ ପ୍ରଧାନଙ୍କ ବିରୁଦ୍ଧରେ ମିଥ୍ୟା ମୋକଦ୍ଦମା କରିବାର ପ୍ରବଳ ଚେଷ୍ଟା ହୋଇଥିଲା । କିନ୍ତୁ ସେ ଅଞ୍ଚଳରେ କୌଣସି ଜଣେ ଲୋକ ବି ଗୌରମୋହନ ବାବୁଙ୍କ ବିରୁଦ୍ଧରେ ମିଥ୍ୟା ସାକ୍ଷୀ ଦେବାକୁ ରାଜି ନ ହେବାରୁ ସରକାର ସେଥିରେ ସଫଳ ହୋଇ ପାରିନଥିଲେ । ସାଇଁକୁଳାର ପାଇକ ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ର ପ୍ରଜାମଣ୍ଡଳରେ ଯୋଗ ଦେଇଥିବାରୁ ସେ ଭୋଗ ଦଖଲ କରୁଥିବା ପାଇକାଣ ଜାଗିର୍ ଜମିରୁ ତାଙ୍କୁ ବେଦଖଲ କରିବା ମର୍ମରେ ଏକ ନୋଟିସ୍ ଦିଆଗଲା । ଆମ୍ବଯୋଡ଼ା ଗ୍ରାମରେ ଏକ ସରକାରୀ ଜମିରେ ସ୍କୁଲଘରଟିଏ କରି ଗ୍ରାମବାସୀମାନେ ନିଜ ବ୍ୟୟରେ ତାଙ୍କ ପିଲାଙ୍କର ପାଠ-ପଢ଼ା ବ୍ୟବସ୍ଥା କରିଥିଲେ ହେଁ ସେ ସମ୍ପର୍କରେ ପ୍ରଜାମଣ୍ଡଳର ସଭାପତି ଶରତ ବାବୁଙ୍କ ସମେତ ଉକ୍ତ ଗ୍ରାମର ୧୮ ଜଣ ବ୍ୟକ୍ତିଙ୍କ ନାମରେ ଏକ ମୋକଦ୍ଦମା ତତ୍କାଳୀନ ସଦର ଏସ୍.ଡି.ଓ.—ବିଦ୍ୟାଧର ମହାପାତ୍ରଙ୍କ ଅଦାଲତରେ ଦାଏର କରାଗଲା । ଉକ୍ତ ମୋକଦ୍ଦମାର ବିଚାର ଶେଷରେ ଯେଉଁଦିନ ଆସାମୀମାନେ ନିର୍ଦ୍ଦୋଷରେ ଖଲାସ୍ ହେବାର ରାୟ ଶୁଣାଇଦିଆଗଲା, ସେଦିନ ରାତିରେ ବେତିନଟୀର ତହସିଲଦାର୍ ଏବଂ ରଘୁନାଥଜୀଉ ମଠର ମ୍ୟାନେଜର୍ ମାଧବଚନ୍ଦ୍ର ମହାନ୍ତି ସରକାରୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ରାତିରେ ଦଳେ ଲୋକଙ୍କୁ ନେଇ ଆମ୍ବଯୋଡ଼ା ଗ୍ରାମର ଉକ୍ତ ସ୍କୁଲଘର ଭାଙ୍ଗି ଦେବାକୁ ଚେଷ୍ଟା କରିଥିଲେ । ମାତ୍ର ରାତିରେ ଗ୍ରାମରେ ପହରା ଦେଉଥିବା ଲୋକମାନେ ନିକଟସ୍ଥ ଅନ୍ୟ ଗ୍ରାମର ଲୋକଙ୍କୁ ଏ ଅପଚେଷ୍ଟାର ଖବର ଦେବାରୁ ଅଳ୍ପ ସମୟ ମଧ୍ୟରେ ସେଠାରେ ଅନେକ ଲୋକ ରୁଣ୍ଡ ହୋଇ ଘର ଭାଙ୍ଗିବାକୁ ଚେଷ୍ଟା କରୁଥିବା ଲୋକଙ୍କୁ ଆକ୍ରମଣ କଲେ । ଫଳରେ ସ୍କୁଲଘର ଭାଙ୍ଗିବାକୁ ଆସିଥିବା ଲୋକେ ପଳାଇଗଲେ । ମାତ୍ର ଗ୍ରାମବାସୀମାନେ ରଘୁନାଥଜୀଉ ମଠର ମ୍ୟାନେଜରଙ୍କୁ ଅଟକାଇ ରଖିଲେ । ଶରତ ବାବୁ ଓ ଗ୍ରାମର କେତେଜଣ

Digitized by srujanika@gmail.com

ମୁଖିଆ ବ୍ୟକ୍ତି ବାରିପଦାରୁ ଫେରିବା ପର୍ଯ୍ୟନ୍ତ ତାଙ୍କୁ ଛାଡ଼ିବେ ନାହିଁ ବୋଲି କହିଲେ । ସେହି ରାତିରେ ବାରିପଦାର ପୋଲିସ୍ ଫୌଜ ଆସି ଆମ୍ବଯୋଡ଼ା ଗ୍ରାମବାସୀଙ୍କୁ ଘେରି ରହିଲେ ଏବଂ ତା'ଭିତରୁ କୋଡ଼ିଏ ପଚିଶ ଜଣଙ୍କୁ ଗିରଫ କଲେ । ଗିରଫ ହୋଇଥିବା ବ୍ୟକ୍ତିମାନେ ଜାମିନ୍ ନ ଦେଇ ମୋକଦ୍ଦମାର ବିଚାର ଶେଷରେ ନିର୍ଦ୍ଦୋଷରେ ଖଲାସ ହେବା ପର୍ଯ୍ୟନ୍ତ ୨।୩ମାସ ବାରିପଦା ଜେଲ ହାଜତରେ ରହିଲେ । ଏହିପରିଭାବରେ ପ୍ରଜାମଣ୍ଡଳର କର୍ମୀମାନଙ୍କ ବିରୁଦ୍ଧରେ ସରକାର ନାନା ମିଥ୍ୟା ମୋକଦ୍ଦମା ସୃଷ୍ଟିକରି ସେମାନଙ୍କୁ ହଇରାଣ କରିବାରେ ଲାଗିଲେ । ସେଥିରେ ସରକାରଙ୍କର ଉଦ୍ଦେଶ୍ୟ ଥିଲା ଏହିପରି ହଇରାଣ ହରକତ କଲେ ପ୍ରଜାମଣ୍ଡଳ ଆନ୍ଦୋଳନ ବାଧାପ୍ରାପ୍ତ ହୋଇ ଭାଙ୍ଗିଯିବ ଏବଂ ଲୋକମାନେ ପ୍ରଜାମଣ୍ଡଳ ପ୍ରତି ଆସ୍ଥାହୀନ ହୋଇ ଉକ୍ତ ଅନୁଷ୍ଠାନକୁ ପରିତ୍ୟାଗ କରିବେ । ମାତ୍ର ସରକାରଙ୍କର ଏ ଅପଚେଷ୍ଟା ଫଳରେ ପ୍ରଜାମଣ୍ଡଳ ଭାଙ୍ଗିବା ବା ଦୁର୍ବଳ ହେବା ତ ଦୂରର କଥା ବରଂ ତାହା ଅଧିକ ଶକ୍ତିଶାଳୀ ହୋଇଉଠିଲା । ଏହି ସମୟରେ ପ୍ରଜାମଙ୍ଗଳର ବିଶିଷ୍ଟ କର୍ମକର୍ତ୍ତା ପୂର୍ବୋକ୍ତ ଖୁଣ୍ଟା ସର୍ଦ୍ଦାର, ମୁରୁଡ଼ାସର୍ଦ୍ଦାର ଏବଂ ବାଲଡ଼ିହା ସର୍ଦ୍ଦାର ତାଙ୍କ ନିଜ ନିଜର ପ୍ରଗଣା ମଧ୍ୟରେ ପ୍ରଜାମଣ୍ଡଳ କାର୍ଯ୍ୟରେ ନାନାପ୍ରକାର ବାଧା ସୃଷ୍ଟି କରିବାରେ ଲାଗିପଡ଼ିଲେ । ମୁରୁଡ଼ାରେ ପ୍ରଥମ ପ୍ରଜାମଣ୍ଡଳର ସଭାପାଇଁ ପ୍ରଚାର କରିବାକୁ ଯାଇଥିବା କର୍ମୀ ହୁଲ ସିଂଙ୍କୁ ଅଟକକରି ରଖିଥିଲେ । ସେ ପ୍ରଗଣାରେ ସଭା କରୁଥିବା ଲୋକଙ୍କୁ ଖାଦ୍ୟପେୟ ଦେବା ବା ଖାଦ୍ୟପଦାର୍ଥ ବିକ୍ରୟ କରିବାପାଇଁ ତାଙ୍କ ଅଞ୍ଚଳର ଲୋକଙ୍କୁ ନିଷେଧାଦେଶ ଦେଇଥିଲେ । ଫଳରେ ଥରେ ସଭା ଶେଷହେବା ପରେ ପ୍ରଜାମଣ୍ଡଳର କର୍ମୀମାନେ ସେଠାରେ କୌଣସି ସ୍ଥାନରେ ଆହାର ତଥା ଆଶ୍ରୟ ନ ପାଇ ସଭାସ୍ଥଳରୁ ୪।୫ ମାଇଲ ବାଟ ରାତିରେ ଚାଲି ଚାଲି ଆସି, ଉକ୍ତ ପ୍ରଗଣାର ବାହାରେ ଅନ୍ୟ ଗ୍ରାମରେ ଆଶ୍ରୟ ନେଇଥିଲେ । ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରଚାରପାଇଁ ଉକ୍ତ ଅଞ୍ଚଳକୁ ଥରେ ବଂଶୀଧର ବେହେରାଙ୍କୁ ପଠାଯାଇଥିଲା । ସେ ଅଞ୍ଚଳର ଲୋକେ ସର୍ଦ୍ଦାରଙ୍କ ଭୟରେ ଏତେ ଭୀତତ୍ରସ୍ତ ଥିଲେ ଯେ ସଭାପାଇଁ ହାଟରେ ଢେଙ୍ଗୁରା ଦେବାକୁ କେହି ସାହସ କଲେ ନାହିଁ । ତେଣୁ ବଂଶୀଧର ବେହେରା ଓ ପ୍ରସନ୍ନକୁମାର ଦାସ ଦୁହେଁ ମିଶି ଟିଣ ବାଡ଼େଇ ହାଟରେ ପ୍ରଜାମଣ୍ଡଳର ସଭାପାଇଁ ପ୍ରଚାର କରିଥିଲେ ।

Digitized by srujanika@gmail.com

୧୯୪୮ରେ ଖୁଣ୍ଟାରେ ପ୍ରଜାମଣ୍ଡଳର ସାଧାରଣ ସଭା କରାଇ ନ ଦେବା ପାଇଁ ସେଠାକାର ସର୍ଦ୍ଦାର ପୀତାମ୍ବର ଚୌଧୁରୀ ଦଳେ ହରିଜନ ଲୋକଙ୍କୁ କୁଶିକ୍ଷା ଦେଇ ମଦ ପିଆଇ ଯେଉଁ ପଡ଼ିଆରେ ସଭା ହେବାର ଥିଲା ସେହି ସ୍ଥାନରେ ଢୋଲ ବଜାଇ ବଜାଇ ନାଚ କରିବାକୁ ପ୍ରବର୍ତ୍ତାଇ ଥିଲେ । ହରିଜନମାନେ ତଦାନୁରୂପ ଆଚରଣ ଆରମ୍ଭ କଲେ । ସେଦିନ ସଭାରେ ପ୍ରଜାମଣ୍ଡଳର ବିଶିଷ୍ଟ କର୍ମୀ ଶ୍ରୀଯୁକ୍ତ ପ୍ରସନ୍ନକୁମାର ଦାସ, ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ର, ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ଗିରିଶଚନ୍ଦ୍ର ରାୟ, ପୂର୍ଣ୍ଣଚନ୍ଦ୍ର ପରିଚ୍ଛା, ହରିହର ସାହୁ ପ୍ରଭୃତି ଯୋଗ ଦେଇଥିଲେ । ଉକ୍ତ ସଭାକୁ ବିଭିନ୍ନ ଗ୍ରାମରୁ ପ୍ରାୟ ପାଞ୍ଚ ହଜାର ଲୋକ ଶୋଭାଯାତ୍ରା କରି ବିଭିନ୍ନ ଗ୍ରାମମାନଙ୍କରେ ଉତ୍ସାହସୂଚକ ଧ୍ୱନିମାନ ଦେଇ ଆସି ପହଞ୍ଚିଥିଲେ । ସେତେବେଳେ ସେ ସ୍ଥାନରେ ଏଭଳି ଅସଙ୍ଗତ ନାଚ ତାମସା ଚାଲିଥିବାର ଦେଖି ଅନ୍ୟ ଏକ ସ୍ଥାନରେ ଶ୍ରୀଯୁକ୍ତ ପ୍ରସନ୍ନକୁମାର ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଗଲା । ସଭା ଆରମ୍ଭ ହେବାମାତ୍ରେ ସର୍ଦ୍ଦାରଙ୍କ ପ୍ରରୋଚନାରେ ଚାଳିତ ଦଳେ ଗୁଣ୍ଡାଶ୍ରେଣୀର ଲୋକ ଉକ୍ତ ସଭା ମଧ୍ୟକୁ ଜବରଦସ୍ତ ପଶିଆସି ସଭାରେ ବସିଥିବା ଲୋକଙ୍କୁ ମାଡ଼ ଦେଇ ସଭାପତିଙ୍କୁ ମାରପିଟ କରିବା ନିମନ୍ତେ ଆକ୍ରମଣ କରିବାକୁ ଉଦ୍ୟତ ହେବାରୁ ସଭାକୁ ଆସିଥିବା ଲୋକେ ଛିଡ଼ାହୋଇ ପ୍ରସନ୍ନ ବାବୁ ଓ ଗିରିଶ ବାବୁଙ୍କୁ କାନ୍ଧରେ ବସାଇ ସେଠାରୁ ଦୁଇ ମାଇଲ ଚାଲିଯାଇ ଶିମଗଡ଼ିଆ ନାମକ ଏକ ଗ୍ରାମରେ ସଭା କରିଥିଲେ ।

ଉକ୍ତ ଘଟଣାର ପର ଦିନ ଖୁଣ୍ଟା ଓ ତାର ଆଖପାଖ ଗ୍ରାମମାନଙ୍କରେ ଲୋକମାନଙ୍କର ଘର କାନ୍ଥରେ ଲେଖାଯାଇଥିବାର ଦେଖାଗଲା ଯେ—"ସର୍ଦ୍ଦାରମାନେ ଆମ୍ଭମାନଙ୍କର ଶତ୍ରୁ । ଖୁଣ୍ଟା ସର୍ଦ୍ଦାରଙ୍କ ନିର୍ଦ୍ଦେଶରେ ସେଠାକାର ହରିଜନମାନେ ପ୍ରଜାମଣ୍ଡଳ ସଭାରେ ଗୁଣ୍ଡାମୀ କରିଥିବାରୁ ଏବଂ ସଭା କରିବାକୁ ନ ଦେବାରୁ ସେମାନଙ୍କ ନିକଟରୁ ପାଛିଆ ଓ ଟୋକେଇ ପ୍ରଭୃତି କେହି ଯେପରି ନ କିଣନ୍ତି ।" ଏହି ନିଷ୍ପତ୍ତି ତଥା ନିର୍ଦ୍ଦେଶକୁ ସେ ଅଞ୍ଚଳର ଲୋକେ ଅତ୍ୟନ୍ତ ଦୃଢ଼ତାରସହିତ ପାଳନ କଲେ ଓ ଉକ୍ତ ହରିଜନମାନଙ୍କଦ୍ୱାରା ପ୍ରସ୍ତୁତ କୌଣସି ଜିନିଷ କିଣିଲେ ନାହିଁ । ଅଳ୍ପଦିନ ପରେ ସେହି ଖୁଣ୍ଟା ପଡ଼ିଆରେ ପ୍ରଜାମଣ୍ଡଳର ସଭାପତି ଶରତଚନ୍ଦ୍ର

Digitized by srujanika@gmail.com

ଦାସଙ୍କ ସଭାପତିତ୍ୱରେ ପୁଣି ଏକ ସାଧାରଣ ସଭା କରାଗଲା । କିନ୍ତୁ ଏଥର ସଭାରେ ସର୍ଦ୍ଦାର କୌଣସି ପ୍ରକାର ଗଣ୍ଡଗୋଳ କରିବାକୁ ସାହସ କରି-ପାରିଲେ ନାହିଁ । ଅଧିକନ୍ତୁ ପୂର୍ବସଭାରେ ଗଣ୍ଡଗୋଳ ସୃଷ୍ଟି କରିଥିବା ଖୁଣ୍ଟାର ହରିଜନମାନେ ସଭାକୁ ଆସି ତାଙ୍କର ଗତ ସଭାରେ ଅନୁଚିତ ଆଚରଣପାଇଁ କ୍ଷମା ପ୍ରାର୍ଥନା କରି ପ୍ରଜାମଣ୍ଡଳର ସଙ୍ଗଠନକୁ ସମର୍ଥନ କରିଥିଲେ । ସୁତରାଂ ସେ ଅଞ୍ଚଳରେ ପ୍ରଜାମଣ୍ଡଳ କ୍ରମଶଃ ଦୃଢ଼ୀଭୂତ ହୋଇ ଗଣ ସମର୍ଥନ ହାସଲ କରି ଚାଲିଥିଲା । ଉକ୍ତ ଘଟଣା ତା'ର ଏକ ସୁସ୍ପଷ୍ଟ ଦୃଷ୍ଟାନ୍ତ ।

ଉକ୍ତ ଘଟଣାର କିଛିଦିନ ପରେ ଦିନେ ମୟୂରଭଞ୍ଜ ପ୍ରଜାମଣ୍ଡଳର ସଭାପତି ଶରତ ବାବୁଙ୍କ ନିକଟରେ ବିଶ୍ୱସ୍ତ ସୂତ୍ରରୁ ଖବର ପହଞ୍ଚିଲା ଯେ ସେ ଦିନ ଅପରାହ୍ଣରେ ଖୁଣ୍ଟାରେ ଏକ ସାଧାରଣ ସଭା ବଂଶୀଧର ବେହେରା କରାଉଛନ୍ତି । ତାହା ପ୍ରଜାମଣ୍ଡଳର ବିରୁଦ୍ଧାତ୍ମକ ହେବ । ଏ ଖବର ପାଇବାମାତ୍ରେ ଶରତ ବାବୁ ଉକ୍ତ ସଭାରେ ଯୋଗଦେଇ ବିହିତ ବ୍ୟବସ୍ଥା କରିବାପାଇଁ ଗୌରମୋହନ ବାବୁଙ୍କ ନିକଟକୁ ଅବିଳମ୍ବେ ଖବର ପଠାଇଲେ । ଉକ୍ତ ଖବର ପାଇ ଗୌରମୋହନ ବାବୁ ତାଙ୍କର ପ୍ରିୟ ସାଥୀ ପାଣ୍ଡିକପୁର ଗ୍ରାମନିବାସୀ ନରହରି ଜେନାଙ୍କସହିତ ଯାଇ ଖୁଣ୍ଟା ସଭା-ସ୍ଥଳରେ ପହଞ୍ଚିଲେ । ସଭାସ୍ଥଳ ସେତେବେଳକୁ ଲୋକାରଣ୍ୟ ହୋଇଯାଇଥାଏ । କିନ୍ତୁ ସଭାକାର୍ଯ୍ୟ ଆରମ୍ଭ ହୋଇ ନ ଥାଏ । ବଂଶୀଧର ବେହେରା ସଭାରେ ଗୌରମୋହନ ବାବୁଙ୍କୁ ଅପ୍ରତ୍ୟାଶିତଭାବରେ ହଠାତ୍ ଉପସ୍ଥିତ ହେବାର ଦେଖି ସମ୍ପୂର୍ଣ୍ଣ ହତୋତ୍ସାହ ହୋଇପଡ଼ି କୁଣ୍ଠାଇ ନେଲେ । ଦୈବଯୋଗକୁ ସେ ସଭାରେ ଲୋକଙ୍କର ପ୍ରସ୍ତାବ ଉତ୍ଥାପନ ଓ ସମର୍ଥନକ୍ରମେ ଗୌରମୋହନ ବାବୁ ସଭାପତିରୂପେ ନିର୍ବାଚିତ ହେଲେ । ସେ ଉକ୍ତ ସଭାରେ ପ୍ରଥମେ କହିବା ପାଇଁ ବଂଶୀଧର ବାବୁଙ୍କୁ ଅନୁରୋଧ କଲେ । ବଂଶୀଧର ବାବୁ ଗୌରମୋହନ ବାବୁଙ୍କ ଉପସ୍ଥିତିରେ ପ୍ରଜାମଣ୍ଡଳ ବିରୁଦ୍ଧରେ ତ କିଛି କହିଲେ ନାହିଁ, ବରଂ ଅନ୍ୟାନ୍ୟ ବିଷୟରେ ଅଳ୍ପ କିଛି କହି ବସିଲେ । ତା'ପରେ ସଭାକାର୍ଯ୍ୟ ବିପୁଳ ଉତ୍ସାହରସହିତ ସାଙ୍ଗଠନିକ ଭାବରେ ଚାଲି ଶେଷ ହେବାବେଳକୁ ପ୍ରଜାମଣ୍ଡଳର ଜୟଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଲା । ସଭା ଶେଷରେ ଗୌରମୋହନ ବାବୁ ବଂଶୀଧର ବାବୁଙ୍କୁ ସଙ୍ଗରେ ନେଇ

Digitized by srujanika@gmail.com

ନିଜ ଘରକୁ ଫେରିଲେ । ତାପରେ ତାଙ୍କୁ ପ୍ରଜାମଣ୍ଡଳର ବିରୁଦ୍ଧାଚରଣ ନ କରିବାପାଇଁ ଯଥେଷ୍ଟ ଆଲୋଚନା ମାଧ୍ୟମରେ ବୁଝାଇଲେ । ସେଥିରେ ବଂଶୀଧର ବାବୁ ସମ୍ମତି ପ୍ରକାଶ କଲେ । ତା'ପରେ ତାଙ୍କର ପ୍ରଜାମଣ୍ଡଳ ବିରୁଦ୍ଧରେ କୌଣସି କାର୍ଯ୍ୟ କରିବାର ଦେଖାଯାଇ ନ ଥିଲା ।

ପ୍ରଜାମଣ୍ଡଳ ଆନ୍ଦୋଳନକୁ ଦବାଇବାପାଇଁ ସରକାର ଏତିକରେ ନିଶ୍ଚେଷ୍ଟ ହୋଇ ନ ଥିଲେ । ତତ୍ପରେ ସେ ପ୍ରୟୋଗ କଲେ ତାଙ୍କର ଗୋପନ ଅମୋଘ ଅସ୍ତ୍ର । ପ୍ରଜାମଣ୍ଡଳର କେତେକ ବିଶିଷ୍ଟ କର୍ମୀଙ୍କୁ ଅର୍ଥବଳରେ ବଶୀଭୂତ କରିବାର ଚେଷ୍ଟା ଚଳାଇଲେ ଏବଂ ସେଥିରେ ସରକାର କିଞ୍ଚିତ ସଫଳତା ଲାଭ କରିଥିଲେ । ପ୍ରଜାମଣ୍ଡଳର କାର୍ଯ୍ୟକାରୀ କମିଟିର ଦୁଇ ଜଣ ସଭ୍ୟଙ୍କୁ ନିୟମିତ ଆର୍ଥିକ ଲାଞ୍ଚ ଦେଇ ଗୁପ୍ତଚରରୂପେ ନିଯୁକ୍ତ କରିଥିବା ବିଷୟ କିଛିଦିନ ପରେ ଜଣା ପଡ଼ିଥିଲା । ଏହି ସମୟ ମଧ୍ୟରେ ଦିନେ ବଂଶୀଧର ବେହେରା ଗୌରମୋହନ ବାବୁଙ୍କ ଘରେ ପହଞ୍ଚିଲେ ଏବଂ ତାଙ୍କୁ କହିଲେ ଯେ ମୟୂରଭଞ୍ଜର ତତ୍କାଳୀନ ଦେୱାନ ମିଷ୍ଟର ପାଣ୍ଡେ ତାଙ୍କୁ ଗୋପନରେ ପଠାଇଛନ୍ତି । ସେ କହିଛନ୍ତି, "ମହାରାଜା ଚାହାନ୍ତି ଗୌରମୋହନ ବାବୁଙ୍କୁ ସାହିତ୍ୟ ଚର୍ଚ୍ଚା କରିବାପାଇଁ ନିୟମିତଭାବରେ ମାସିକ ଦୁଇ ଶହ ଟଙ୍କା ଲେଖାଏ ସାହାଯ୍ୟ ଦେବେ । ଗୌରମୋହନ ବାବୁ ବର୍ତ୍ତମାନ ତାଙ୍କ ପ୍ରଜାମଣ୍ଡଳର କାମ କରିବେ; ମାତ୍ର ମହାରାଜାଙ୍କ ବିରୁଦ୍ଧରେ କିଛି କରିବେ ନାହିଁ, କେବଳ ଏତିକି ମାତ୍ର ପ୍ରତିଶ୍ରୁତି ଦେବେ ।" ସେଥିପାଇଁ ବଂଶୀଧର ବେହେରା ମିଷ୍ଟର ପାଣ୍ଡେଙ୍କଠାରୁ ଦୁଇଟି ଟାଇପ୍ ହୋଇଥିବା ବଣ୍ଡ୍ ଫର୍ମ ଆଣିଥିଲେ । ସେଥିରେ ଗୋଟିଏ ଥିଲା ସରକାରଙ୍କ ତରଫରୁ ପ୍ରତିଶ୍ରୁତି ମାସିକ ଦୁଇ ଶହ ଟଙ୍କା ନିୟମିତଭାବରେ ସାହାଯ୍ୟ ଦେବା । ଅନ୍ୟଟି ମହାରାଜାଙ୍କ ବିରୁଦ୍ଧରେ କିଛି କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇ ଦସ୍ତଖତ କରିଦେବେ । ସେ ଦୁଇଟିଯାକ ବଣ୍ଡ୍ ଫର୍ମ ପଢ଼ି ତାହା ଚିରି ଫୋପାଡ଼ି ଦେଇ ବଂଶୀଧର ବେହେରାଙ୍କୁ କହିଲେ ତୁମେ ମିଷ୍ଟର ପାଣ୍ଡେଙ୍କୁ କହିବ ଯେ ଗୌରମୋହନ ବାବୁ କହିଛନ୍ତି ଯେ ମହାରାଜାଙ୍କ ବିରୁଦ୍ଧରେ କିଛି କରୁ ନାହାନ୍ତି କି କରିବେ ନାହିଁ । ସେ ତାଙ୍କ କାର୍ଯ୍ୟପାଇଁ କୌଣସି ପ୍ରକାର ଆର୍ଥିକ ସାହାଯ୍ୟ ସରକାରଙ୍କଠାରୁ ନେବାକୁ ଚାହାନ୍ତି ନାହିଁ । ବିଜ୍ଞ ପାଠକ ଏଥିରୁ ଅନୁମାନ କରିପାରିବେ ଯେ ବଂଶୀଧର ବେହେରା ଏଥିପୂର୍ବରୁ ସରକାରଙ୍କ ର ବଶୀଭୂତ ହୋଇଥିଲେ କି ନା ?

Digitized by srujanika@gmail.com

ମୟୂରଭଞ୍ଜ ପ୍ରଜାମଣ୍ଡଳର ସଂଗଠନ କାର୍ଯ୍ୟ

ପୂର୍ବୋକ୍ତ ଡେନ୍ତୋଳ ସମ୍ମିଳନୀ ପରେ ସାରଙ୍ଗଧର ଦାସ ମୟୂରଭଞ୍ଜରୁ ଫେରି ଓଡ଼ିଶାର ତତ୍କାଳୀନ କଂଗ୍ରେସ ନେତାମାନଙ୍କୁ ମୟୂରଭଞ୍ଜ ପ୍ରଜାମଣ୍ଡଳ ଆନ୍ଦୋଳନର କାର୍ଯ୍ୟ ବିବରଣୀ ବିଶେଷଭାବରେ ଜଣାଇଥିଲେ । ତାଙ୍କର ପରାମର୍ଶକ୍ରମେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ମୟୂରଭଞ୍ଜର ପ୍ରଜାମଣ୍ଡଳର କର୍ମୀମାନଙ୍କୁ ସେବାଦଳ ଟ୍ରେନିଂ ଦେବାପାଇଁ ବୈକୁଣ୍ଠନାଥ ମହାନ୍ତି ନାମକ ଜଣେ କଣ୍ଟାପଡ଼ର ଓ ଅଭିଜ୍ଞ କର୍ମୀଙ୍କୁ ମୟୂରଭଞ୍ଜ ପଠାଇଲେ । ସେହି ବର୍ଷ ଜୁନ୍ ମାସ ଶେଷଭାଗରେ ଆମ୍ରପୋଖରୀସ୍ଥିତ ଶରତ ବାବୁଙ୍କ ଘରେ; ଯେଉଁଠି କି ପ୍ରଜାମଣ୍ଡଳ ଅଫିସ୍ ରହିଥିଲା, ପାଖିଏ ଜଣ ପ୍ରଜାମଣ୍ଡଳର କର୍ମୀଙ୍କୁ ନେଇ ସେବାଦଳ ତାଲିମ କେନ୍ଦ୍ର ଅନୁଷ୍ଠିତ ହେଲା ଏବଂ ତାଲିମ କାର୍ଯ୍ୟ ଏକମାସ ଧରି ଚାଲିଥିଲା । ଉକ୍ତ ତାଲିମ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିଲେ-ଗୌରମୋହନ ପ୍ରଧାନ, ପ୍ରସନ୍ନକୁମାର ଦାସ, ଜଗନ୍ନାଥ କମିଲା, କୈଳାସଚନ୍ଦ୍ର ନାୟକ, ଗଙ୍ଗାଧର ଦାସ ଓ କାଳିଚରଣ ବେହେରା ଆଦି କର୍ମୀଗଣ । ଏହି ବ୍ୟକ୍ତିମାନେ ତାଲିମ ଶିବିରର ଶୃଙ୍ଖଳାରକ୍ଷା, ଖାଦ୍ୟପେୟ ଆଦିର ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ସଫେଇ ପ୍ରଭୃତିର ଦାୟିତ୍ୱ ଅତି ସୁରୁଚିରୂପେ ତୁଲାଇ ଥିଲେ ।

ତାଲିମ ନେଇଥିବା କର୍ମୀମାନଙ୍କର ପରୀକ୍ଷା

ଉକ୍ତ ତାଲିମ ଶିବିରର କାର୍ଯ୍ୟକ୍ରମ ହେବାକୁ ଯାଉଥିବା ବେଳେ ବୁଢ଼ାବଳଙ୍ଗ, ଜମ୍ବୀରା, ସୋନ ଓ ଗଙ୍ଗାହାର ଆଦି ନଦୀରେ ପ୍ରବଳ ବନ୍ୟା ହେଲା । ବନ୍ୟା ପ୍ରବଳ ବେଗରେ ମାଡ଼ି ଆସିବାରୁ ଅସ୍ତପୁର ଗ୍ରାମର ଲୋକେ ବୁଢ଼ାବଳଙ୍ଗ ନଦୀର ବନ୍ୟା ଘେରଭିତରେ ରହିଗଲେ । ତାଲିମ ଶିବିରର କର୍ମୀମାନେ ପ୍ରବଳ ବନ୍ୟା ସ୍ରୋତକୁ ଖାତିର ନ କରି ଛାତିଏ ପାଣିରେ ପଶି ଉକ୍ତ ଗ୍ରାମକୁ ଯାଇ ଶିଶୁ, ବାଳକ, ବୃଦ୍ଧ, ରୁଗ୍ଣ ବ୍ୟକ୍ତିମାନଙ୍କୁ ଏବଂ ଜଣେ ସଦ୍ୟ ପ୍ରସୂତା ମହିଳାଙ୍କୁ ବନ୍ୟା ଘେରରୁ ଉଦ୍ଧାର କରି ନିକଟବର୍ତ୍ତୀ ଦୁର୍ଗାପୁର ଗ୍ରାମରେ ଛାଡ଼ିଥିଲେ । ସୋନ ନଦୀ ବନ୍ୟାରେ ଭାସି ଯାଉଥିବା ବେଳେ ଦୁଃଖୀ ଭୋଳ ଏବଂ ତା'ର ସ୍ତ୍ରୀକୁ ଡଙ୍ଗା ସାହାଯ୍ୟରେ କର୍ମୀମାନେ ଉଦ୍ଧାର କରିଥିଲେ ।

Digitized by srujanika@gmail.com

ବନ୍ୟାର ପ୍ରକୋପ ଟିକଏ କମିବାପରେ ଉଙ୍ଗାରେ ବୁଡ଼ାବଳଙ୍ଗ କୂଳବର୍ତ୍ତୀ ଆଶୁକୂଳ ଓ ରଙ୍ଗପାଣି ଆଦି ଗ୍ରାମକୁ ଯାଇ ଗଛ ଉପରେ ଓ ଭଙ୍ଗାଘର ଗୁଳରେ ଆଶ୍ରୟ ନେଇଥିବା ଲୋକଙ୍କୁ ରୁଟି, ମୁଡ଼ି, ଚୁଡ଼ା ପ୍ରଭୃତି ଖାଦ୍ୟ ଖାଇବାକୁ ଦେଇଥିଲେ ।

ବନ୍ୟା କମିଯିବାପରେ ତାଲିମ ଶିବିରର କର୍ମୀମାନେ ଗୁରଗୋଟି ଦଳରେ ବିଭକ୍ତ ହୋଇ ଉକ୍ତ ନଦୀଗୁଡ଼ିକର ବନ୍ୟା ବିଧ୍ୱସ୍ତ ଅଞ୍ଚଳକୁ ଯାଇ ସେବାକାର୍ଯ୍ୟରେ ଆତ୍ମନିୟୋଗ କରିଥିଲେ । ସେ ସମୟରେ ବନ୍ୟାବିପନ୍ନ ଅଞ୍ଚଳରେ କୌଣସି ସରକାରୀ ରିଲିଫ୍ ଦିଆଯାଉ ନ ଥିଲା କିମ୍ବା ବେସ୍ରକାରୀ ରିଲିଫ୍ କାର୍ଯ୍ୟର ମଧ୍ୟ ବ୍ୟବସ୍ଥା ନ ଥିଲା । ତେଣୁ ଏହି କର୍ମୀମାନେ ବିଭିନ୍ନ ଗ୍ରାମକୁ ଯାଇ ଚୂଡ଼ା, ଗୁଉଳ, ମୁଡ଼ି, ଲୁଗା ଓ ଅର୍ଥ ଭିକ୍ଷା ସଂଗ୍ରହକରି ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ତାହା ବିତରଣ କରି ଯଥା-ସାଧ୍ୟ ସାହାଯ୍ୟ କରିଥିଲେ । ଏହି ସେବାକାର୍ଯ୍ୟ ଫଳରେ ପ୍ରଜାମଣ୍ଡଳର ଆନ୍ଦୋଳନ ଅଧିକ ଲୋକପ୍ରିୟ ହୋଇଉଠିଲା ।

ପ୍ରଜାମଣ୍ଡଳର ଉଦ୍ୟମରେ ଧାନଗୋଲା ସ୍ଥାପନ

ପ୍ରଜାମଣ୍ଡଳ ଆନ୍ଦୋଳନକୁ ଦବାଇ ଦେବାପାଇଁ ସରକାରଙ୍କ ତରଫରୁ ଯେଉଁ ଚେଷ୍ଟା ଗୁଲିଥିଲା, ସେଥିରେ ସହଯୋଗ କରି ସୁଧଖୋର ମହାଜନମାନେ ଗରିବ ଗୃଷୀମାନଙ୍କୁ ଋଣ ଦେବାରେ ହାଇରାଣ କଲେ । ତା'ର ପ୍ରତିକାର ସ୍ୱରୂପ ପ୍ରଜାମଣ୍ଡଳର କର୍ମୀମାନଙ୍କର ଚେଷ୍ଟାରେ ବିଭିନ୍ନ ଗ୍ରାମରେ ବେସରକାରୀ ସମବାୟ ଶସ୍ୟଗୋଲା ସମିତି ପ୍ରତିଷ୍ଠା କରାଗଲା ଏବଂ ମୁଷ୍ଟି ଭିକ୍ଷାଦ୍ୱାରା ମଧ୍ୟ ଗ୍ରାମପାଣ୍ଠି ସୃଷ୍ଟି କରାଗଲା । ଏହିପରି ଯେଉଁ ଶସ୍ୟଗୋଲା (ଧାନଗୋଲା) ହୋଇଥିଲା, ତନ୍ମଧ୍ୟରେ ରସୁଣିଆ ପ୍ରଗଣାର ଢିଙ୍କିଆ ଗ୍ରାମରେ, ମାଣବୀ ପ୍ରଗଣା ଅନ୍ତର୍ଗତ ଶାଳଗାଁ ଗ୍ରାମରେ, କଇଁସାରି ପ୍ରଗଣା ଅନ୍ତର୍ଗତ କୁଆଁଳିଆ ଗ୍ରାମରେ ଏବଂ ଖୁର୍ଦ୍ଧା ଥାନା ଅନ୍ତର୍ଗତ ଶିଳଘାଟି ଗ୍ରାମରେ ପ୍ରତିଷ୍ଠିତ ଧାନଗୋଲା ବିଶେଷ ଉଲ୍ଲେଖଯୋଗ୍ୟ । ତନ୍ମଧ୍ୟରେ ଶିଳଘାଟିରେ ପ୍ରତିଷ୍ଠିତ ଧାନଗୋଲା ଅଦ୍ୟାବଧି ଗୁଲିଛି ।

ଏହିଭଳି ଧାନଗୋଲାର ପ୍ରତିଷ୍ଠା ଓ ଗ୍ରାମପାଣ୍ଠିର ଗଠନ ଫଳରେ ସୁଧଖୋର ମହାଜନମାନଙ୍କ ଧନ୍ଦାରେ ବିଶେଷ ବାଧା ପଡ଼ିବାରୁ ସେମାନେ

Digitized by srujanika@gmail.com

କ୍ରମଶଃ ପ୍ରଜାମଣ୍ଡଳସହ ସହଯୋଗ କରି ଉଚିତ ସୁଧରେ ଋଣ ଦେବାପାଇଁ ବାଧ୍ୟ ହୋଇଥିଲେ ।

ପ୍ରଜାମଣ୍ଡଳର ଗଠନମୂଳକ କାର୍ଯ୍ୟ ବିରୋଧରେ ସରକାରୀ ହସ୍ତକ୍ଷେପ

ବହୁ ଗ୍ରାମରେ ଲୋକଙ୍କ ସହଯୋଗରେ ଗ୍ରାମ ରାସ୍ତା ନିର୍ମିତ ହୋଇଥିଲା; ବହୁଦାଣ୍ଡୁଆ ପୋଖରୀ ପରିଷ୍କାର କରାଯାଇଥିଲା । ଏତଦ୍‌ବ୍ୟତୀତ କୃଷି ଜମିରେ ଜଳ ସେଚନପାଇଁ ଲୋକଙ୍କ ସହଯୋଗରେ ପ୍ରଜାମଣ୍ଡଳର କର୍ମୀମାନେ କେତେକ ବଡ଼ ବଡ଼ ବନ୍ଧ ତିଆରି କରିଥିଲେ । ମାଣବୀ ପ୍ରଗଣାର ନରଗାଁ ମୌଜାରେ ବୁଡ଼ୀ ନଦୀ ନାମରେ ଗଙ୍ଗାହାର ନଦୀର ଏକ ଶାଖା ନଦୀ ଉପରେ ଏକ ବିରାଟ ବନ୍ଧ ନିର୍ମିତ ହୋଇଛି । ବର୍ଷାଦିନେ ଏହି ନଦୀର ବନ୍ୟା ଦ୍ୱାରା ବହୁ କୃଷିଜମି ଧୋଇ ହୋଇଯାଉଥିଲା । ନରଗାଁ ଆଦି କେତେକ ଗ୍ରାମର ଲୋକ ନଦୀ ପାରି ହୋଇ ମୟୂରଭଞ୍ଜର ଅନ୍ୟ ଅଞ୍ଚଳକୁ ଆସିବାକୁ ଅତ୍ୟନ୍ତ ଅସୁବିଧା ଭୋଗୁଥିଲେ । ଗୋରୁ ଗାଈ ମଧ୍ୟ ଚରିବାପାଇଁ ବାହାରକୁ ଯାଇ ପାରୁ ନ ଥିଲେ । ଉକ୍ତ ବନ୍ଧ ହେବାଦ୍ୱାରା ସେ ସବୁ ଅସୁବିଧା ଦୂର ହେବା ସଙ୍ଗେ ସଙ୍ଗେ ବର୍ତ୍ତମାନ ବହୁ ପରିମାଣ ଜମି ଜଳସେଚିତ ହୋଇ ଖରାଦିନରେ କୃଷି ହୋଇପାରୁଛି । ଉକ୍ତ ବନ୍ଧ ନିର୍ମାଣ ସମୟରେ ପ୍ରତ୍ୟହ ହଜାର ହଜାର ସ୍ତ୍ରୀ ପୁରୁଷ ମାଟିହାଣି ନଦୀ ଗର୍ଭରେ ଢାଳୁଥିଲେ । ପାଞ୍ଚ ଦିନ ମାଟି ଢାଳିବା ପରେ ମଧ୍ୟ ବନ୍ଧର କୌଣସି ଚିହ୍ନବର୍ଣ୍ଣ ଦିଶିଲା ନାହିଁ ସରକାରଙ୍କ ପୋଲିସ୍ ବିଭାଗର ଲୋକେ ତଥା ପ୍ରଜାମଣ୍ଡଳର କର୍ମକର୍ତ୍ତା କେତେ ଜଣ ଉକ୍ତ ବନ୍ଧ କାର୍ଯ୍ୟ ଦେଖିବାକୁ ଯାଇ ସେଠାରେ ବନ୍ଧ ହେବା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । କିନ୍ତୁ ଷଷ୍ଠ ଦିନରେ ପାଣି ଉପରକୁ ବନ୍ଧ ଦିଶିଲା । ଫଳରେ ପ୍ରଜାମଣ୍ଡଳର କର୍ମୀବୃନ୍ଦ ଅତ୍ୟନ୍ତ ଉତ୍ସାହିତ ହୋଇ ସେଦିନ ରାତି ୧୦ଟା ପର୍ଯ୍ୟନ୍ତ ବନ୍ଧ କାମରେ ଲାଗିପଡ଼ିଲେ ଏବଂ ସପ୍ତମ ଦିନ ହଜାର ହଜାର ଲୋକଙ୍କର ଅକ୍ଳାନ୍ତ ପରିଶ୍ରମରେ ବନ୍ଧ କାର୍ଯ୍ୟ ସମାପନ ହେଲା । ଅନେକ ବାଟୋଇ ଓ ଦେଖଣାହାରୀ, ଏପରି କି ପ୍ରଜାମଙ୍ଗଳର କେତେକ ବିଶିଷ୍ଟ କର୍ମକର୍ତ୍ତା, କାର୍ଯ୍ୟ ଦେଖି ୨।୩ ବୋଝ ଲେଖାଏ ମାଟି ନେଇ ସେହି ବନ୍ଧ ଉପରେ ପକାଇଥିଲେ । ଖୁଣ୍ଟା ପ୍ରଗଣା ଅନ୍ତର୍ଗତ ଗୟୁଳମରା ଗ୍ରାମରେ ଏକ ବିରାଟ ବନ୍ଧ ଜଳସେଚନପାଇଁ ନିର୍ମିତ ହୋଇଥିଲା । ଆଠପଡ଼ା ଗ୍ରାମରେ ମଧ୍ୟ ଜଳସେଚନପାଇଁ ପ୍ରଜାମଣ୍ଡଳର

Digitized by srujanika@gmail.com

କିରଣ ମାଝୀ

ବାର୍ଷା ମାଝୀ



ଜଗନ୍ନାଥ କମିଲା

କେଶବ ଚନ୍ଦ୍ର ଜେନା

Digitized by srujanika@gmail.com

ରାମଚନ୍ଦ୍ର ମହାପାତ୍ର

ପ୍ରଧାନ ମାଝୀ

ଜାଡିଆ ମାଝୀ



କାର୍ମା ମାଝୀ

Digitized by srujanika@gmail.com

କର୍ମୀମାନେ ଏକ ବନ୍ଧ ନିର୍ମାଣ କଲେ । ସାଇଁକୁଳା ପ୍ରଗଣା ଅନ୍ତର୍ଗତ ସାଇଁକୁଳା ଗ୍ରାମପାର୍ଶ୍ୱରେ ସୋନ ନଦୀ କୂଳେ କୂଳେ ବନ୍ୟା ଦାଉରୁ ଗ୍ରାମର ସୁରକ୍ଷାପାଇଁ ପ୍ରାୟ ଏକ ମାଇଲ୍ ଦୈର୍ଘ୍ୟ ବିଶିଷ୍ଟ ଭେଡ଼ିବନ୍ଧ ପ୍ରଜାମଣ୍ଡଳର କର୍ମୀମାନଙ୍କ ଉଦ୍ୟମରେ ନିର୍ମିତ ହେଲା ।

ଏତଦ୍‌ବ୍ୟତୀତ ପ୍ରଜାମଣ୍ଡଳ ସମିତିର ନିଷ୍ପତ୍ତି ଅନୁସାରେ ଖୁଣ୍ଟା ଥାନା ଅନ୍ତର୍ଗତ ଶିଳାଘାଟୀ ଓ କେନ୍ଦୁଆମୁଣ୍ଡା ମୌଜାରେ ଏହି କର୍ମୀମାନଙ୍କ ସମେତ ହଜାର ହଜାର ଲୋକଙ୍କ ସହଯୋଗରେ ଏକ ବନ୍ଧ ନିର୍ମାଣ ହେବାର ନିଷ୍ପତ୍ତି ହେଲା । ଉକ୍ତ ବନ୍ଧ କାର୍ଯ୍ୟ ଚାଲିଥିବା ସମୟରେ ସରକାରୀ ଜଙ୍ଗଲ ନଷ୍ଟ କରାଯାଉଥିବାର ମିଥ୍ୟା ଅଭିଯୋଗରେ ସରକାରଙ୍କର ପୋଲିସ୍ ଫୌଜ ବନ୍ଧ ନିର୍ମାଣରତ ପ୍ରଜାମଣ୍ଡଳର କର୍ମୀ ଗିରିଶଚନ୍ଦ୍ର ରାୟ, ରାମଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମିଶ୍ର, ବିକ୍ରମ ମାଝୀ, ରାମ ମାଝୀ, ଦାସ ମାଝୀ, ରାମଜିତ୍ ମାଝୀ, ଭଜଗୋବିନ୍ଦ ମାଝୀ, ସୁକୁଲ୍ ମାଝୀ, ବଡ଼ ନାରଣ ମାଝୀ, ସାନନାରଣ ମାଝୀ, ମାସାଙ୍ଗ୍ ମାଝୀ, ବାଦଲ୍ ମାଝୀ, ସାନସୁରୁଜା ମାଝୀ, ଦାନ୍ଦୁ ମାଝୀ, ହରିମୋହନ ମାଝୀ, ଟିଟିଆ ମାଝୀ, ଶାଙ୍ଗ ମାଝୀ, ରୂପାୟ ମାଝୀ, ସୁରେଇ ମାଝୀ, ଟିପୁ ମାଝୀ, ଝୁଲ୍‌କା ମାଝୀ, ବାଦନ୍ ମାଝୀ, ସାନସୁକୁଲ୍ ମାଝୀ, ଅନନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ପିକା ମାଝୀ, ଚିନ୍ତାମଣି ମହାକୁଡ଼, ପୂର୍ଣ୍ଣଚନ୍ଦ୍ର ପରିଛା, ଜନାର୍ଦ୍ଦନ ମାଝୀ, ରାମସାୟ ମାଝୀ ପ୍ରଭୃତି ବ୍ୟକ୍ତିମାନଙ୍କ ହାତରେ ହାତକଡ଼ା ଓ ଗୋଡ଼ରେ ବେଡ଼ିଦେଇ ସମସ୍ତଙ୍କ ହାତକୁ ପରସ୍ପର ସହିତ ସଂଯୁକ୍ତ କରି ଖୁଣ୍ଟା ଥାନା ପୋଲିସ୍ ସବ୍-ଇନ୍‌ସ୍‌ପେକ୍ଟର ଶ୍ରୀଯୁକ୍ତ ବିମଳା ପାଣିଗ୍ରାହୀ ଓ ଉଦଳା ଥାନା ସବ୍-ଇନ୍‌ସ୍‌ପେକ୍ଟର କୁଳଦା ବାବୁ କେତେକ କନେଷ୍ଟବଲ୍ ଏବଂ ପ୍ରଜାମଙ୍ଗଳ ନେତାଙ୍କ ସମେତ ପ୍ରଜାମଣ୍ଡଳର ଉପରୋକ୍ତ କର୍ମୀମାନଙ୍କୁ ତିନି ଦିନରେ ୩ ଥର ଗିରଫ୍ କରି ଖୁଣ୍ଟା ଥାନାକୁ ନେଲେ । ପ୍ରଥମ ଥର ୧୮ ଜଣ ସେମାନଙ୍କର ଟ୍ରାଏଲ୍ ୧୦ ନମ୍ବର କେଶ୍ ଫଇସଲ୍ ତା ୨ । ୫ । ୪୨ ଜରିମାନା ଟ୧୫.୦୦ (ପନ୍ଦର ଟଙ୍କା) ଅଭାବେ ୨୫ ଦିନ ସଶ୍ରମ ଜେଲ । ଦ୍ୱିତୀୟ ଥର ୧୨ ଜଣ ସେମାନଙ୍କର ୪ ନମ୍ବର ଜି. ଆର୍. କେଶ୍ ଫଇସଲ୍ ତା ୧୮ । ୧୧ । ୪୨ ଜରିମାନା ଟ୧୫. ୦୦ (ପନ୍ଦର ଟଙ୍କା) ଅଭାବେ ୧ ମାସ ସଶ୍ରମ ଜେଲ୍ ।

Digitized by srujanika@gmail.com

ତୃତୀୟ ଅର ୧୨ ନମ୍ବର ୧୧୭ ଦଫା ଜ. ଆର୍. କେଶ୍ ଫଇସଲ୍ ତା ୫ । ୧୨ । ୪୨୯ ମାସ ସଶ୍ରମ ଜେଲ୍ । ଉପରୋକ୍ତ କର୍ମୀମାନଙ୍କୁ ମାଡ଼ ଦିଆ-ଯାଉଥିଲା ଏବଂ ପରିସ୍ରା କରିବା ଓ ଝାଡ଼ା ଯିବା ସମୟରେ ସମସ୍ତେ ସଂଯୁକ୍ତ ହୋଇ ଏକ ସଙ୍ଗରେ ମଳ ବା ମୂତ୍ର ତ୍ୟାଗ କରିବାକୁ ବାଧ୍ୟ ହେଉଥିଲେ । ତତ୍କାଳୀନ ଖୁଣ୍ଟା ଥାନା ସବ୍-ଇନ୍‌ସ୍‌ପେକ୍ଟର ଓ ଉଦଳା ଥାନା ସବ୍-ଇନ୍‌ସ୍‌ପେକ୍ଟରଙ୍କ ଆଦେଶ ଏବଂ ପ୍ରଜାମଙ୍ଗଳର ପ୍ରରୋଚନାରେ ଏ ଦମନ ଲୀଳା କରାଯାଇଥିଲା । ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଉପରୋକ୍ତ ବିଭିନ୍ନ ଦଫାରେ ସରକାରଙ୍କ ତରଫରୁ ମୋକଦ୍ଦମାମାନ କରାଯାଇ ଦୀର୍ଘଦିନ ଜେଲ୍ ହାଜତରେ ରଖାଯାଇଥିଲା । ଉପରୋକ୍ତ ଆସାମୀମାନଙ୍କୁ ଜାମିନ୍‌ରେ ଛାଡ଼ିବାପାଇଁ ବହୁ ପ୍ରକାର କଟକଣା କରାଯାଉଥିଲା ।

ପାଞ୍ଚପୀଢ଼ ଓ ବ୍ରାହ୍ମଣ ଘାଟୀରେ ଦୃଢ଼ ସଂଗଠନ

ସରକାରଙ୍କ ଦମନ ସତ୍ତ୍ୱେ ପ୍ରଜାମଣ୍ଡଳର ଆନ୍ଦୋଳନ କ୍ରମଶଃ ବ୍ୟାପକ ହେବାକୁ ଲାଗିଲା । ୧୯୪୧ ମସିହା ବେଳକୁ କପ୍ତିପଦା ସବ୍‌ଡିଭିଜନ୍‌ର ପ୍ରାୟ ସମସ୍ତ ଅଞ୍ଚଳକୁ ପ୍ରଜାମଣ୍ଡଳର ଆନ୍ଦୋଳନ ସଂପ୍ରସାରିତ ହୋଇ ସାରିଥିଲା । ସଦର ସବ୍‌ଡିଭିଜନ୍‌ର ପ୍ରାୟ ସମସ୍ତ ଅଞ୍ଚଳ ପ୍ରଜାମଙ୍ଗଳ ସଙ୍ଗଠନ ଅନ୍ତର୍ଭୁକ୍ତ ହୋଇସାରିଥିଲା ।

ସେହିବର୍ଷ ମୟୂରଭଞ୍ଜର ପାଞ୍ଚପୀଢ଼ ସବ୍‌ଡିଭିଜନ୍ ଅନ୍ତର୍ଗତ ରରୁଆଁ ଠାରେ କେତେକ ଉତ୍ସାହୀ ଯୁବକ ପଣାସଂକ୍ରାନ୍ତି ବେଳକୁ ଏକ ସଭା ଡାକିଥିଲେ ଏବଂ ଉକ୍ତ ସଭାରେ ଯୋଗଦେବାପାଇଁ ରରୁଆଁର ଉତ୍ସାହୀ ଯୁବକ ଉମେଶ ଚନ୍ଦ୍ର ପାଣିଗ୍ରାହୀ ଆମ୍ବଯୋଡ଼ା ଆସି ଶରତ ବାବୁଙ୍କୁ ଓ ପ୍ରଜାମଣ୍ଡଳର କର୍ମୀମାନଙ୍କୁ ନିମନ୍ତ୍ରଣ କରିଗଲେ ।

ଉକ୍ତ ସଭାର ନିର୍ଦ୍ଦିଷ୍ଟଦିନ ପୂର୍ବରୁ ହୃଦୟନାଥ ଦାସ, ଦାଖିନ୍ ସରେନ୍, ମହେଶ ଚନ୍ଦ୍ର ପଣ୍ଡା ଏବଂ ଅନ୍ୟ କେତେଜଣ କର୍ମୀଙ୍କୁ ସାଇକେଲ୍ ଯୋଗେ ରରୁଆଁ ପଠାଗଲା । ପରେ ଶରତ ବାବୁ, ଗଜେନ୍ଦ୍ର ପଟ୍ଟନାୟକ, କୈଳାସ ଚନ୍ଦ୍ର ନାୟକ ଏବଂ ପ୍ରସନ୍ନ କୁମାର ଦାଶ ବାରିପଦାରୁ ଟ୍ରେନ୍ ଯୋଗେ ବାଙ୍ଗିରିପୋଷି ଯାଇ ସେଠାରୁ ବସ୍‌ରେ ରାଇରଙ୍ଗପୁର ଯିବାକୁ

Digitized by srujanika@gmail.com

ଚେଷ୍ଟା କରିବାରୁ ସେଠାରୁ ରାଇରଙ୍ଗପୁର ଯାଉଥିବା ଏକମାତ୍ର ବସ୍‌କୁ ଖରାପ ଥିବାର ଆଳ ଦେଖାଇ ବାଙ୍ଗିରିପୋଷି ପୋଲିସ୍ ବନ୍ଦ କରିଦେଲେ । ଫଳରେ ସେମାନେ ବହୁ ହଇରାଣ ହୋଇ ବଳଦ ଗାଡ଼ିରେ ବିହାର ଅନ୍ତର୍ଗତ ବହଡ଼ାଗୁଡ଼ା ଯାଇ ସେଠାରୁ ବସ୍‌ରେ ଚାକୁଳିଆ, ସେଠାରୁ ଟ୍ରେନ୍‌ରେ ଝାଡ଼ଗ୍ରାମ ଚାଲିଗଲା? ଝାଇଁବସା ପହଞ୍ଚି ସେଠାରୁ କାର୍ ଗୋଟିଏ ଭଡ଼ାନେଇ ସମ୍ବିଦନ ସକାଳେ ରରୁଆଁରେ ପହଞ୍ଚିଲେ । ସେମାନଙ୍କୁ ଦେଖି ଲୋକଙ୍କ ଭିତରେ ବିପୁଳ ଉତ୍ସାହ ଖେଳିଗଲା । ସେହିଦିନ ଉପରଓଳି ସାଧାରଣ ସଭା ଶେଷ ହେବାବେଳେ ମୟୂରଭଞ୍ଜ ଷ୍ଟେଟ୍ ପ୍ରଜାମଣ୍ଡଳର ପାଞ୍ଚପୀଡ଼ ସବ୍‌ଡିଭିଜନ୍ ପାଇଁ ପ୍ରଜାମଣ୍ଡଳର ଶାଖା କମିଟି ଗଠନ କରାଗଲା । ଉକ୍ତ କମିଟିର ସଭାପତି ନିର୍ବାଚିତ ହେଲେ ଉମେଶ ଚନ୍ଦ୍ର ପାଣିଗ୍ରାହୀ ଓ ସମ୍ପାଦକ ହେଲେ ଶିବ ପ୍ରସାଦ ମହାନ୍ତି । ସ୍ୱାଧୀନତା ସଂଗ୍ରାମରେ ସହଯୋଗ କରୁଥିବା ହେତୁ ଭକ୍ତବନ୍ଧୁ ମହାନ୍ତି କରଞ୍ଜିଆ ମଧ୍ୟ ଇଂରାଜୀ ବିଦ୍ୟାଳୟର ଶିକ୍ଷକ ସରକାରଙ୍କ ବିଷଦୃଷ୍ଟିରେ ପଡ଼ି ଚାକିରି ଛାଡ଼ି ଦେଇଥିଲେ । ସେ ଏବଂ ଗୁରୁଚରଣ ମହାନ୍ତି ପ୍ରଭୃତି କର୍ମୀଗଣ ସଂଗଠନ ଦାୟିତ୍ୱ ନେଲେ । କର୍ମୀମାନଙ୍କୁ ସାହାଯ୍ୟ କରି ଉକ୍ତ ସଂଗଠନକୁ ଦୃଢ଼ କରିବାପାଇଁ ଗଜେନ୍ଦ୍ର ନାଥ ପଟ୍ଟନାୟକ, ପ୍ରସନ୍ନ କୁମାର ଦାଶ ଓ କୈଳାସ ଚନ୍ଦ୍ର ନାୟକ ସେ ଅଞ୍ଚଳରେ କିଛିଦିନ ରହିଥିଲେ ।

ପାଇକା ବନ୍ଦ ଆନ୍ଦୋଳନ—

ପାଞ୍ଚପୀଡ଼ ସବ୍‌ଡିଭିଜନ୍‌ର ପ୍ରତ୍ୟେକ ଚାଷୀଙ୍କଠାରୁ ବେଆଇନ୍ ଭାବରେ ପ୍ରତି ଲଙ୍ଗଳ ପିଛା ଏକ ଟଙ୍କା ହିସାବରେ ରାଜ ସରକାରୀ ତତ୍ତ୍ୱାବଧାନରେ ଆଦାୟ କରାଯାଉଥିଲା । ସେଠିକାର ପ୍ରଜାମଣ୍ଡଳ ସଂଗଠନ ଏହି ବେଆଇନ ପାଇକା ଆଦାୟ ବିରୁଦ୍ଧରେ ପ୍ରଚୁର ଅଭିଯାନ ଆରମ୍ଭ କଲେ । ଏଥିରେ ସରକାରୀ କର୍ମଚାରୀ ଓ ମଠର ମହନ୍ତଙ୍କର ଗାତ୍ର ଦାହ ଜନ୍ମିଲା । ୧୯୪୩ ମସିହାରେ ଏହି ଆନ୍ଦୋଳନକୁ ସାହାଯ୍ୟ କରିବାକୁ ପ୍ରଜାମଣ୍ଡଳର କର୍ମୀ ପ୍ରସନ୍ନ କୁମାର ଦାଶ, ରାମଚନ୍ଦ୍ର ମହାପାତ୍ର, ଦାଖିନ୍ ମାଝୀ, କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ହରେକୃଷ୍ଣ ସାହୁ ଯଶିପୁର ଯାଇଥିଲେ । ସେମାନେ କରିଥିବା ସାଧାରଣ ସଭାମାନଙ୍କୁ ଭଣ୍ଡୁର କରିବାପାଇଁ ଯଶିପୁର ମଠର ମହନ୍ତ ବାଳକ ରାମଦାସ, ରାମ ବିହାରୀ ଦାଶ ଓ ମୁରଲିଧର ମହାପାତ୍ର ପ୍ରଭୃତି ପ୍ରଜା-ମଙ୍ଗଳର ଲୋକଙ୍କ ଉଦ୍ୟମରେ ଗୁଣ୍ଡାମି କରାଯାଇଥିଲା । ମାତ୍ର ସେଥିରେ

Digitized by srujanika@gmail.com

ପ୍ରଜାମଣ୍ଡଳ ଆନ୍ଦୋଳନ ଦବି ନ ଯାଇ ବରଂ ଅଭୂତପୂର୍ବଭାବରେ ବଢ଼ିବାକୁ ଲାଗିଲା । ସେହି ସମୟରେ କରଞ୍ଜିଆ ଅଞ୍ଚଳରେ ପ୍ରଜାମଣ୍ଡଳର ସକ୍ରିୟ କର୍ମୀ ସଂଖ୍ୟା ଆଶାନୁରୂପ ହୋଇ ନ ଥିଲେ ମଧ୍ୟ ସେଠାକାର ଉକିଲ ବିଶ୍ୱନାଥ ସାହୁ ପ୍ରଜାମଣ୍ଡଳ ପ୍ରତି ସହାନୁଭୂତି ଓ ସହାୟତା ପ୍ରଦାନ କରିଥିଲେ । ସେହି ସମୟରେ ଯଶିପୁର ମଠର ମହନ୍ତ ଓ ପ୍ରତିକ୍ରିୟାଶୀଳ ପ୍ରଜ ମଙ୍ଗଳ ସମିତିର କେତେକ ବ୍ୟକ୍ତିଙ୍କ ଉଦ୍ୟମରେ ପ୍ରଜାମଣ୍ଡଳର ବହୁ କର୍ମୀଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ରମୂଳକ ମିଥ୍ୟା ମୋକଦ୍ଦମା ଦାଏର୍ କରାଯାଇଥିଲା । ସେହିସବୁ ମୋକଦ୍ଦମାରେ କରଞ୍ଜିଆର ଉକିଲ ବିଶ୍ୱନାଥ ସାହୁ ଅଯାଚିତଭାବରେ ପ୍ରଜାମଣ୍ଡଳ ସପକ୍ଷରେ ଲଢ଼ିଥିଲେ । ପାଞ୍ଚପୀଢ଼ ସବ୍‌ଡିଭିଜନ୍‌ର ସମସ୍ତ ଅଞ୍ଚଳକୁ ପ୍ରଜାମଣ୍ଡଳ ଆନ୍ଦୋଳନ କ୍ରମଶଃ ବ୍ୟାପି ତାହା ବ୍ରାହ୍ମଣଘାଟି ସବ୍‌ଡିଭିଜନ୍‌ରେ ପ୍ରସାରଲାଭ କଲା ।

ଭାରତ ଛାଡ଼ ଆନ୍ଦୋଳନରେ ମୟୂରଭଞ୍ଜ ପ୍ରଜାମଣ୍ଡଳର ସହଯୋଗ

ଦ୍ୱିତୀୟ ପୃଥିବୀ ମହାସମର ଚାଲିଥିବାବେଳେ ଭାରତର ଜାତୀୟ କଂଗ୍ରେସ ସଙ୍ଗଠନ ତରଫରୁ ବ୍ରିଟିଶ ସରକାରଙ୍କୁ ଯୁଦ୍ଧରେ କୌଣସି ପ୍ରକାର ସାହାଯ୍ୟ ନ କରିବାପାଇଁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ ହୋଇ ବହୁ ବିଶିଷ୍ଟ ନେତା 'ଭାରତ ରକ୍ଷା ଆଇନ୍' ବଳରେ ଗିରଫ ହୋଇ ଜେଲ ଯାଉଥିବାବେଳେ ମୟୂରଭଞ୍ଜରେ ମଧ୍ୟ ସେହି ଆଇନ ବଳରେ ସରକାର ଜଗନ୍ନାଥ କମିଳା ଓ ବଂଶୀଧର ରାଜଙ୍କୁ ଗିରଫ କରିଥିଲେ ଏବଂ ସେ ଦୁହିଁଙ୍କୁ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟପାଇଁ କାରାଦଣ୍ଡ ଆଦେଶ ଦିଆଯାଇଥିଲା । କିନ୍ତୁ ତାହାପରେ ମୟୂରଭଞ୍ଜ ପ୍ରଜାମଣ୍ଡଳର ଅନ୍ୟ କୌଣସି କର୍ମୀଙ୍କୁ ଗିରଫ କରାଯାଇ ନ ଥିଲା ।

ଶିଳଘାଟି ବନ୍ଧ ନିର୍ମାଣ ସମୟରେ ଯେଉଁମାନଙ୍କୁ ଗିରଫ କରାଯାଇ ଘାର୍ଘଦିନ ଜେଲ୍ ହାଜତରେ ରଖାଯାଇଥିଲା ସେ ସମସ୍ତଙ୍କୁ ଜେଲ ବା ଜରିମାନା ହୋଇଥିଲା । ରାମଚନ୍ଦ୍ର ମହାପାତ୍ର ଓ ରାମଚନ୍ଦ୍ର ମିଶ୍ରଙ୍କୁ ମିଥ୍ୟାରେ ୧୨ ନମ୍ବର ୧୧୭ ଦଫା ଜି.ଆର୍. କେଶ ଫଏସଲ ତା୫ । ୧୨ । ୪୨ ଛ'ମାସ ସଶ୍ରମ ଜେଲ ଦଣ୍ଡ ଦିଆଯାଇଥିଲା ।

Digitized by srujanika@gmail.com

ଏହି ସମୟରେ ପ୍ରଜାମଣ୍ଡଳ ତରଫରୁ ଯେଉଁ ସବୁ ପ୍ରଚାରପତ୍ର ପ୍ରକାଶ ପାଉଥିଲା । ସେସବୁକୁ ହାତରେ ଲେଖି ପ୍ରଚାର କରାଯାଉଥିଲା । ପରେ ଏକ ସାଇକ୍ଲୋଷ୍ଟାଇଲ୍, ମେସିନ୍ କଣାଯାଇ ପ୍ରଚାରପତ୍ରମାନ ଛାପିବାର ବ୍ୟବସ୍ଥା କରାଗଲା । ମାତ୍ର କୌଣସି ପ୍ରଚାରପତ୍ର ବହୁସଂଖ୍ୟାରେ ବଣ୍ଟାଯିବାର ଆବଶ୍ୟକ ପଡ଼ିଲେ ତାହା ଛାପାଖାନାରେ ଛାପାଯାଇ ଅଣାଯାଉଥିଲା । ବାଲେଶ୍ୱର ସହରରେ ଥିବା ଛାପାଖାନାଗୁଡ଼ିକ ମୟୂରଭଞ୍ଜ ପ୍ରଜାମଣ୍ଡଳର ପ୍ରଚାରପତ୍ର ଛାପିବାକୁ କୁଣ୍ଠିତ ହେଉଥିଲେ । ଫଳରେ ପ୍ରଜାମଣ୍ଡଳର ପ୍ରଚାରପତ୍ରସବୁ କଟକରୁ ଛାପି ଆଣିବାକୁ ପଡ଼ୁଥିଲା । ୧୯୪୧ ମସିହାରେ ପ୍ରଜାମଣ୍ଡଳ ସମିତି ବିରୁଦ୍ଧରେ ମୟୂରଭଞ୍ଜ ପ୍ରଜାମଣ୍ଡଳର 'ହୁସିଆର' ଶୀର୍ଷକ ଏକ ପ୍ରଚାରପତ୍ର ବାଲେଶ୍ୱରର କୌଣସି ଛାପାଖାନା ଛାପିବାକୁ ରାଜି ନ ହେବାରୁ ତାହା ଭଦ୍ରକର 'ଡଗର' ପ୍ରେସ୍‌ରେ ମୁଦ୍ରଣ କରାଗଲା ।

୧୯୪୨ ମସିହା ଅଗଷ୍ଟ ୬, ୭ ଓ ୮ ତାରିଖରେ ବମ୍ବେନଗରୀରେ ବିରଳା ଭବନରେ ଅନୁଷ୍ଠିତ ନିଖିଳ ଭାରତ ଜାତୀୟ କଂଗ୍ରେସର ଅଧିବେଶନରେ ଇଂରେଜ ସରକାରଙ୍କ ପ୍ରତି 'ଭାରତ ଛାଡ଼' ପ୍ରସ୍ତାବକୁ ସମର୍ଥନ ଜଣାଇବାପାଇଁ ନିଖିଳ ଭାରତ ଗଡ଼ଜାତ ପ୍ରଜାସମ୍ମିଳନୀର ସଭାପତି ଜବାହରଲାଲ ନେହେରୁଙ୍କ ନିମନ୍ତ୍ରଣକ୍ରମେ ମୟୂରଭଞ୍ଜ ପ୍ରଜାମଣ୍ଡଳର ସଭାପତି ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସ ଉକ୍ତ ଅନୁଷ୍ଠାନର କାର୍ଯ୍ୟକାରୀ କମିଟିର ସଭ୍ୟ ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ରଙ୍କ ସହ ବମ୍ବେ ଯାଇ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ ।

ଉପରୋକ୍ତ ପ୍ରସ୍ତାବ ଗୃହୀତ ହେବାପରେ ବ୍ରିଟିଶ୍ ସରକାର ହଠାତ୍ ଭାରତୀୟ ଜାତୀୟ କଂଗ୍ରେସର ତୁଙ୍ଗ ନେତାମାନଙ୍କୁ ଗିରଫ କରି ବିନା ବିଚାରରେ ଅଟକବନ୍ଦୀକରି ରଖିଲେ । ତା'ର ପ୍ରତିକ୍ରିୟା ସ୍ୱରୂପ ସମଗ୍ର ଭାରତରେ ଏହି ଆନ୍ଦୋଳନ ପ୍ରବଳ ଆକାର ଧାରଣ କଲା । କେତେକ ସ୍ଥାନରେ ସମାନ୍ତରାଳ ସରକାରମାନ ଗଠନ କରାଗଲା । ବହୁ ସ୍ଥାନରେ ଲୋକେ ଉତ୍ତ୍ୟକ୍ତହୋଇ ହିଂସାତ୍ମକ କାଣ୍ଡମାନ ଘଟାଇଲେ । ତା' ଫଳରେ ସରକାରଙ୍କ ତରଫରୁ ଗୁଳିଚାଳନା ଘଟି ଅନେକ ଦେଶହିତୈଷୀ ଅକାଳରେ ମୃତ୍ୟୁବରଣ କଲେ ।

Digitized by srujanika@gmail.com

ମୟୂରଭଞ୍ଜ ପ୍ରଜାମଣ୍ଡଳ ତରଫରୁ ସେହି ଅଗଷ୍ଟ ମାସ ୧୬ ତାରିଖରେ ବେତନଟୀ ଥାନାର ଅମଣିଦା ଗ୍ରାମରେ ଏକ ବିରାଟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ସେଠାରେ 'ଭାରତ ଛାଡ଼' ପ୍ରସ୍ତାବ ଗ୍ରହଣ କରାଗଲା । ଏହାପରେ ପ୍ରଜାମଣ୍ଡଳର ଆହ୍ୱାନକ୍ରମେ ଖୁଣ୍ଟାରେ ପ୍ରାୟ କୋଡ଼ିଏ ହଜାର ଲୋକଙ୍କର ଏକ ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇ ଉକ୍ତ 'ଭାରତ ଛାଡ଼' ପ୍ରସ୍ତାବ ସେଠାରେ ଗୃହୀତ ହେଲା ।

ଏହି ସଭାର ପରଦିନ ସକାଳେ ଏକ ବିରାଟ ଶୋଭାଯାତ୍ରା ଖୁଣ୍ଟାରୁ ବାହାରି "ଭାରତ ଛାଡ଼" ସ୍ଲୋଗାନ ଦେଇ ଦେଇ କପ୍ତିପଦା ସବ୍‌ଡିଭିଜନ୍‌ର ହେଡ୍‌କ୍ୱାଟର୍ ଉଦଳାକୁ ଯାଇଥିଲା ।

ଉକ୍ତ ଘଟଣାର ଆଠ ଦିନପରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ଏକ ସାଧାରଣସଭା ବେତନଟୀରେ ଅନୁଷ୍ଠିତ ହୋଇ 'ଭାରତ ଛାଡ଼' ପ୍ରସ୍ତାବକୁ ସମର୍ଥନ କରାଯାଇଥିଲା । ତା'ପରଦିନ ସକାଳେ ପ୍ରସନ୍ନକୁମାର ଦାଶ, ଗିରୀଶଚନ୍ଦ୍ର ରାୟ, ବୈକୁଣ୍ଠନାଥ ସଦୁଆଳ, ରାମଚନ୍ଦ୍ର ମହାପାତ୍ର, ହୃଦୟନାଥ ଦାସ, ଗୋବିନ୍ଦ ଚନ୍ଦ୍ର ନାୟକ ଓ ଗୌରମୋହନ ପ୍ରଧାନ ପ୍ରଭୃତି ନେତୃସ୍ଥାନୀୟ କର୍ମୀମାନଙ୍କ ଦ୍ୱାରା ପରିଚାଳିତ ଏକ ବିରାଟ ଶୋଭାଯାତ୍ରା ବେତନଟୀରୁ ବାହାରି 'ଭାରତ ଛାଡ଼' ଧ୍ୱନି ଦେଇ ଦେଇ ମୟୂରଭଞ୍ଜର ରାଜଧାନୀ ବାରିପଦା ଅଭିମୁଖେ ଯାତ୍ରା କଲା । ଉକ୍ତ ଶୋଭାଯାତ୍ରା ବାରିପଦା ସହରଠାରୁ ଛଅ ମାଇଲ ଦୂର ରଗଧା ଗ୍ରାମଠାରେ ପହଞ୍ଚିବା ମାତ୍ରେ ମୟୂରଭଞ୍ଜ ସରକାରଙ୍କ ସଶସ୍ତ୍ର ପୋଲିସବାହିନୀ ଶୋଭାଯାତ୍ରାକୁ ଅଟକାଇଲେ ।

ଏହାର ପୂର୍ବଦିନ ରାତିରେ ମୟୂରଭଞ୍ଜ ମହାରାଜାଙ୍କର ଏକ ପ୍ରତିନିଧିଦଳଙ୍କ ସହିତ ବାରିପଦାର କେତେକ ବିଶିଷ୍ଟ ବ୍ୟକ୍ତି ଆସି ମୟୂରଭଞ୍ଜ ପ୍ରଜାମଣ୍ଡଳର ସଭାପତି ଶ୍ରୀ ଶରତଚନ୍ଦ୍ର ଦାସଙ୍କୁ ସାକ୍ଷାତ୍ କରି ମୟୂରଭଞ୍ଜରେ ଏହି 'ଭାରତ ଛାଡ଼' ଆନ୍ଦୋଳନରେ କୌଣସି ପ୍ରକାର ହିଂସାତ୍ମକ କାଣ୍ଡ ବା ରକ୍ତପାତ ନ ଘଟିବା ମହାରାଜାଙ୍କର ଆନ୍ତରିକ ଇଚ୍ଛା ବୋଲି ଜଣାଇଥିଲେ । ସେଭଳି କୌଣସି ପରିସ୍ଥିତି ସୃଷ୍ଟି ନ କରିବାକୁ ମହାରାଜାଙ୍କ ଅନୁରୋଧ ବୋଲି ପୋଲିସ ପକ୍ଷରୁ ଜଣାଇବାରୁ ପ୍ରଜାମଣ୍ଡଳର ସଭାପତି ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସଙ୍କ ଆଦେଶ ଓ ପରାମର୍ଶକ୍ରମେ ସେ ଶୋଭାଯାତ୍ରା ସେହିଠାରୁ ବନ୍ଦ ହେଲା ।

Digitized by srujanika@gmail.com

ଏହି ଘଟଣା ପରେ ପରେ ମୟୂରଭଞ୍ଜର ଚାରିଆଡ଼େ ସଭାମାନ କରାଯାଇ 'ଭାରତ ଛାଡ଼' ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଏବଂ 'ଇଂରେଜ ସରକାର ଭାରତ ଛାଡ଼' ଧ୍ୱନି ଦେଇ ଅନେକ ସ୍ଥାନରେ ହାଟ ବନ୍ଦ କରାଯାଇଥିଲା । ସେଥିରେ ସରକାର କୌଣସି ପ୍ରକାର ବାଧା ଦେଇ ନ ଥିଲେ କିମ୍ବା କାହାରିକୁ ଗିରଫ କରି ନ ଥିଲେ । ଏହା ଥିଲା ସରକାରଙ୍କ କୂଟନୀତିରେ ଏକ ବିଜ୍ଞତାର ପରିଚୟ ।

ବିଭିନ୍ନ କର୍ମୀ ସମ୍ମିଳନୀ—

ଭାରତ ଛାଡ଼ ଆନ୍ଦୋଳନରେ ଭାରତର ଚାରିଆଡ଼େ ଗିରଫଦାରି ଓ ଗୁଳିକାଣ୍ଡମାନ ଘଟିବାପରେ ଆନ୍ଦୋଳନ କ୍ରମଶଃ ଧିମେଇ ଆସିଲା ଏବଂ ତା' ସ୍ଥାନରେ ଏକ ନିସ୍ତବ୍ଧତାପୂର୍ଣ୍ଣ ବାତାବରଣ ସୃଷ୍ଟି ହେବାର ଜଣାପଡ଼ିଲା । ମାତ୍ର ମୟୂରଭଞ୍ଜରେ ସଭାସମିତିମାନ ହେବାକୁ ଲାଗିଲା ଏବଂ ଶରତ ବାବୁଙ୍କ ସଭାପତିତ୍ୱରେ ଗଠନମୂଳକ କାର୍ଯ୍ୟ ମାଧ୍ୟମରେ ପ୍ରଜାମଣ୍ଡଳର ସଂଗଠନକୁ ମଜଭୁତ କରି ରଖାଗଲା ।

ପ୍ରଜାମଣ୍ଡଳ ତରଫରୁ ଭଞ୍ଜବାଟିଠାରେ ତିନି ଦିନ ବ୍ୟାପୀ ଏକ ବିରାଟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ତା'ପରେ ପ୍ରତାପପୁର ଗ୍ରାମରେ ଏକ କର୍ମୀ ସମ୍ମିଳନୀ ଏବଂ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସେହି ସଭାରେ ଓଡ଼ିଶାର ତତ୍କାଳୀନ କଂଗ୍ରେସ ନେତା ଶ୍ରୀଯୁକ୍ତ ବିଶ୍ୱନାଥ ପଣ୍ଡିତ ଜନତାକୁ ଉଦ୍‌ବୋଧନ ଦେଇଥିଲେ ।

ଏହାପରେ ଡୁକୁରା ପ୍ରଗଣା ଅନ୍ତର୍ଗତ ପୁରୁଣାପାଣି ଗ୍ରାମରେ ମୟୂରଭଞ୍ଜ ପ୍ରଜାମଣ୍ଡଳର ଦୁଇ ଦିନ ବ୍ୟାପୀ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ତତ୍ପରେ ୧୯୪୪ ମସିହାରେ ଶିମଗଡ଼ିଆ ଗ୍ରାମରେ ପ୍ରଜାମଣ୍ଡଳର ଏକ ବିରାଟ କର୍ମୀ ସମ୍ମିଳନୀ ହୋଇଥିଲା । ଉପରୋକ୍ତ ସମୟମଧ୍ୟରେ ପାଳସା ଗ୍ରାମର ଶ୍ରୀ ରାମଚନ୍ଦ୍ର ମିଶ୍ରଙ୍କ ବାସଭବନ ପ୍ରାଙ୍ଗଣରେ ମୟୂରଭଞ୍ଜ ପ୍ରଜାମଣ୍ଡଳର ଏକ କର୍ମୀ ସମ୍ମିଳନୀରେ ଶରତ ବାବୁଙ୍କ ସଭାପତିତ୍ୱରେ ଗ୍ରାମ ସଂଗଠନର ଉପାଦେୟତା ସମ୍ପର୍କରେ ତାଲିମ ଦିଆଯାଇଥିଲା ।

ନିଖିଳ ଭାରତ ଜାତୀୟ କଂଗ୍ରେସର ନବଜାଗରଣ—

୧୯୪୫ ମସିହା ବେଳକୁ ପୂର୍ବରୁ ଗିରଫ ହୋଇ ରହିଥିବା କେତେକ ଭାରତୀୟ କଂଗ୍ରେସ ନେତା ଖଲାସ ହେବାପରେ ପୁଣି ସ୍ୱାଧୀନତା ସଂଗ୍ରାମୀ ସଂଗଠନମାନ ଜୀବନ୍ତ ଓ ସକ୍ରିୟ ହେବାକୁ ଆରମ୍ଭ କଲା । ମୟୂର-

Digitized by srujanika@gmail.com

ଭଞ୍ଜ ପ୍ରଜାମଣ୍ଡଳ ତରଫରୁ ମାଣବୀ ପ୍ରଗଣାର ମଧୁନଣ୍ଡା ଗ୍ରାମରେ ବୁଢ଼ାବଳଙ୍ଗ ତଟଦେଶରେ ଏକ ମନୋରମ ଫଳ ବଗିଚ୍ଚମଧ୍ୟରେ ତିନି ଦିନ ବ୍ୟାପି ଏକ ବିଶେଷ ଅଧିବେଶନ । କୃଷି ଓ ହସ୍ତଶିଳ୍ପ ପ୍ରଦର୍ଶନୀ ହୋଇଥିଲା ତଥା ପ୍ରତ୍ୟହ ଅପରାହ୍ଣରେ ସାଧାରଣ ସଭା ଅନୁଷ୍ଠିତ ହେଉଥିଲା । ଏହି ଅଧିବେଶନରେ ଓଡ଼ିଶାର ବିଶିଷ୍ଟ ଜନନେତା ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଅତିଥିରୂପେ ଯୋଗଦେଇ ପ୍ରଜାମଣ୍ଡଳର କର୍ମୀମାନଙ୍କୁ ତଥା ଜନସାଧାରଣଙ୍କୁ ବିଶେଷ ଉଦ୍‌ବୋଧନ ଦେଇଥିଲେ । ସେ ସେହି ସ୍ଥାନର ସୌନ୍ଦର୍ଯ୍ୟ, ପ୍ରଦର୍ଶନୀ ତଥା ଜନସାଧାରଣଙ୍କର ଆଗ୍ରହ ଓ ଉତ୍ସାହ ଦେଖି କହିଥିଲେ, 'ଏ ସ୍ଥାନ ମଧୁନଣ୍ଡା ନୁହେଁ, ମୁଁ ତ ଦେଖୁଛି ଏ ମଧୁଭଣ୍ଡାର ।' ଏହି ଅଧିବେଶନ ଜନସାଧାରଣଙ୍କ ମନରେ ଦେଶସେବାପାଇଁ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଥିଲା ।

ମୟୂରଭଞ୍ଜରେ ପାଇକ ଆନ୍ଦୋଳନ—

ମୟୂରଭଞ୍ଜରେ ଥିବା ସମ୍ପ୍ରଦାୟର ଅତୀତ ଇତିହାସ ଅତ୍ୟନ୍ତ ଉଜ୍ଜ୍ୱଳ ଏବଂ ଗୌରବମୟ । ରାଜବଂଶ ଏବଂ ପାଇକବଂଶ ସମସାମୟିକ । ମୟୂରଭଞ୍ଜର ପୂର୍ବତନ ରାଜା ଦେଶରକ୍ଷା ବାହିନୀ ଗଠନପାଇଁ ଜାଗିର ପ୍ରଦାନ କରି ମୟୂରଭଞ୍ଜରେ ପାଇକମାନଙ୍କୁ ଆଣି ରଖାଇଥିଲେ । ଏମାନେ ସମସ୍ତେ ଖଣ୍ଡାୟତ ଓ କ୍ଷତ୍ରିୟ । ଏମାନଙ୍କମଧ୍ୟରେ କେତେକ ପୁରୀ ଜିଲ୍ଲା ଖୋର୍ଦ୍ଧାର ରାଜପରିବାରର ବଂଶଧର । ଏହିମାନଙ୍କଦ୍ୱାରା ସୈନ୍ୟବାହିନୀ ଗଠିତ ହୋଇଥିଲା । ପଡ଼ୋଶୀ ରାଜାଙ୍କ ସହିତ ଯୁଦ୍ଧ ଲାଗିଲେ କିମ୍ବା କୌଣସି ଅନ୍ୟ ରାଜ୍ୟ ଆକ୍ରମଣ କଲେ ତାଙ୍କସହିତ ଲଢ଼େଇ କରି ରାଜ୍ୟକୁ ରକ୍ଷା କରିବା ଥିଲା ଏମାନଙ୍କର ମୁଖ୍ୟ କାର୍ଯ୍ୟ । ତା' ବ୍ୟତୀତ ଶାନ୍ତ ସମୟରେ ରାଜପରିବାର ଓ ରାଜକୋଷ ପ୍ରଭୃତିର ସୁରକ୍ଷାପାଇଁ ପ୍ରହରୀରୂପେ କାର୍ଯ୍ୟକରିବା ଥିଲା ଏମାନଙ୍କର ଦ୍ୱିତୀୟ କାମ ।

ଭାରତରେ ଇଂରେଜ ଶାସନ ପ୍ରତିଷ୍ଠିତ ହେବାପରେ ଦେଶୀୟ ରାଜ୍ୟମାନଙ୍କ ମଧ୍ୟରେ ପରସ୍ପର ଝଗଡ଼ା ବା ଯୁଦ୍ଧ ବନ୍ଦ ହୋଇଗଲା । ରାଜ୍ୟରେ ଶାନ୍ତିରକ୍ଷା, ରାଜକୋଷ (ଟ୍ରେଜେରି) ଆଦିର ସୁରକ୍ଷା ଓ ପହରା ଦେବାପାଇଁ କ୍ରମଶ ବନ୍ଧୁକଧାରୀ ସିପାହୀମାନେ ନିଯୁକ୍ତ ହେଲେ । ଫଳରେ ପାଇକମାନଙ୍କ କାର୍ଯ୍ୟ ସୀମିତ ହୋଇ ମୁଖ୍ୟତଃ ରାଜପରିବାର

Digitized by srujanika@gmail.com

ସୁରେନ୍ଦ୍ର ନାଥ ପାତ୍ର

ଇନ୍ଦ୍ରାଧର ଧଳ

Digitized by srujanika@gmail.com

ଏବଂ ରାଜପରିବାରର ମୂଲ୍ୟବାନ ପଦାର୍ଥ ଥିବା ସ୍ଥାନମାନଙ୍କରେ ପହରା ଦେବା ହେଲା ସେମାନଙ୍କର କାର୍ଯ୍ୟ । ପାଇକମାନେ ପାଇଥିବା ଜାଗିର ଜମିର ଉତ୍ତରାଧିକାର ପ୍ରଚଳିତ ନିୟମ ଅନୁସାରେ କେବଳ ଜ୍ୟେଷ୍ଠ ପୁତ୍ର ପାଉଥିଲେ । ଫଳରେ ପରିବାରର ଅନ୍ୟ ଲୋକ ପୃଥକ୍ ହୋଇ ସେଥିରୁ ବଞ୍ଚିତ ହେଉଥିଲେ ।

ମୟୂରଭଞ୍ଜ ପାଇକ ସମ୍ପ୍ରଦାୟର ଅତୀତ ଇତିହାସ ଅତ୍ୟନ୍ତ ଉଜ୍ଜ୍ୱଳ ଓ ଗୌରବମୟ । ଅତୀତରେ ବଙ୍ଗଳାର ନବାବ ଯେତେବେଳେ ମୟୂରଭଞ୍ଜ ଆକ୍ରମଣ କଲେ ତତ୍କାଳୀନ ପାଇକମାନଙ୍କର ଯୁଦ୍ଧ କୌଶଳ ଓ ଶାଣିତ ତରବାରି ଚାଳନାର କୌଶଳ ନବାବଙ୍କ ରାଜ୍ୟଜୟ ଚେଷ୍ଟାକୁ ପଣ୍ଡ କରି ତାଙ୍କର ସୈନ୍ୟବାହିନୀକୁ ମୟୂରଭଞ୍ଜରୁ ସମ୍ପୂର୍ଣ୍ଣଭାବରେ ବିତାଡ଼ିତ କରିପାରିଥିଲା ।

ଇଂରେଜ ସରକାରଙ୍କ ଅମଳରେ ପାଇକମାନଙ୍କର ପ୍ରୟୋଜନ ରାଜ୍ୟରକ୍ଷାପାଇଁ ଏକ ପ୍ରକାର ଅନାବଶ୍ୟକ ହୋଇଯିବାପରେ; ରାଜ୍ୟ ସରକାର ବହୁ ପାଇକଙ୍କୁ କାର୍ଯ୍ୟରୁ ଅନ୍ତର କରିଦେଲେ ଏବଂ ସେମାନେ ନିଷ୍କରଭାବରେ ଭୋଗ କରୁଥିବା ଜାଗିର ଜମିକୁ ସେମାନଙ୍କ ନାମରେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ ବା ଉତ୍ତରାଧିକାରିଣୀଙ୍କ ନାମରେ ପୂରା ଖଜଣାରେ ହାସିଲାତ ଜମିରୂପେ ଦାଏର କରିଦେଲେ । ସ୍ୱର୍ଗତଃ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଙ୍କ ସମୟରେ ଯେଉଁ ସରକାରୀ ନୀତି ପ୍ରୟୋଗ କରାଯାଇଥିଲା, ସେଥିରେ କୌଣସି ପାଇକ ବନ୍ଦୋବସ୍ତ ଚାଲିଥିବା ସମୟରେ ତାଙ୍କ ଜାଗିର ଜମିକୁ ପୂରା ଖଜଣାରେ ହାସିଲାତ କରିବାକୁ ଚାହିଁଲେ ତାହା ହୋଇ ପାରିବ । ୧୯୧୭ ଖ୍ରୀଷ୍ଟାବ୍ଦରେ ଏହି ରାଜ୍ୟ ବ୍ରିଟିଶ ସରକାରଙ୍କ ରାଜନୈତିକ ବିଭାଗଙ୍କ ପରିଚାଳନାଧୀନ ଥିବା ସମୟରେ ତଦାନୀନ୍ତନ ଷ୍ଟେଟ୍ ସୁପରିନ୍-ଟେଣ୍ଡେଣ୍ଟ୍ ମିଷ୍ଟର ଜେ.ଇ. ସ୍କଟ୍‌ଙ୍କ ହୁକୁମ୍‌ରୁ ପ୍ରକାଶ ଯେ ପଲିଟିକାଲ୍ ଏଜେଣ୍ଟ୍‌ଙ୍କ ଆଦେଶ ମତେ ସମସ୍ତ ଜାଗିରସତ୍ତ୍ୱର ବିଲୋପ ସାଧନ କରା-ଯାଇ ଉକ୍ତ ଜମିକୁ ଜାଗିରଦାରଙ୍କ ନାମରେ ପୂରା ଖଜଣାରେ ହାସିଲାତ ରୂପେ ଦାଏର ହେବ ।

ଏହାପରେ ପାଇକମାନେ ରାଜସରକାରଙ୍କଠାରେ ଏକ ପ୍ରକାର ଅନାବଶ୍ୟକ ହୋଇପଡ଼ିବା ହେତୁ ସେମାନଙ୍କୁ ପ୍ରହରୀ କାର୍ଯ୍ୟ ବ୍ୟତୀତ ନାନା ସମ୍ମାନହାନିକର ତୁଚ୍ଛ କାର୍ଯ୍ୟରେ ମଧ୍ୟ ନିଯୁକ୍ତ କରାଯାଉଥିଲା । ପାଇକମାନେ

Digitized by srujanika@gmail.com

ସେଭଳି ସମ୍ମାନହାନିକର କାର୍ଯ୍ୟ କରିବାକୁ ରାଜି ହେଲେ ନାହିଁ । ତେଣୁ ରାଜସରକାରଙ୍କ ଦ୍ୱାରା ସେମାନଙ୍କୁ ପାଇକାଣ କାର୍ଯ୍ୟରୁ ବରଖାସ୍ତ କରାଯାଇ ସେମାନେ ଭୋଗଦଖଲ କରୁଥିବା ଜାଗିର ଜମିକୁ ଅନ୍ୟ ଲୋକଙ୍କୁ ଦେବାର ବ୍ୟବସ୍ଥା କରାଗଲା । ଏ ବିଷୟରେ ସୁବିଚାର କରିବାପାଇଁ ପାଇକମାନେ ମହାରାଜାଙ୍କୁ ଆବେଦନ କରିବାସତ୍ତ୍ୱେ ମହାରାଜା ସେଥିପ୍ରତି କର୍ଣ୍ଣପାତ ନ କରିବାରୁ ମୟୂରଭଞ୍ଜରେ ପାଇକ ଆନ୍ଦୋଳନ ଆରମ୍ଭ ହେଲା । ପାଇକମାନଙ୍କ ନ୍ୟାଯ୍ୟ ଦାବିକୁ ମୟୂରଭଞ୍ଜ ପ୍ରଜାମଣ୍ଡଳ ସମର୍ଥନ କଲେ । ମୟୂରଭଞ୍ଜର ସମସ୍ତ ପାଇକ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗ ଦେଲେ ।

ନିଖିଳ ଭାରତ ଦେଶୀୟ ରାଜ୍ୟ ପ୍ରଜା ସମ୍ମିଳନୀର ଅଧିବେଶନ—

ମୟୂରଭଞ୍ଜ ପ୍ରଜାମଣ୍ଡଳର କାର୍ଯ୍ୟ ବ୍ୟାପକ ଓ ସମ୍ପୂର୍ଣ୍ଣ ରାଜ୍ୟରେ ପ୍ରସାରିତ ହେବାରୁ ଏହାର ମୁଖ୍ୟ କାର୍ଯ୍ୟାଳୟ ଆମ୍ବଯୋଡ଼ାରୁ ମୟୂରଭଞ୍ଜର ରାଜଧାନୀ ବାରିପଦା ସହରକୁ ସ୍ଥାନାନ୍ତରିତ କରାଗଲା । ସଙ୍ଗଠନ କାର୍ଯ୍ୟ ବହୁତ ବଢ଼ିଯିବାରୁ କାର୍ଯ୍ୟପରିଚାଳନାପାଇଁ ପ୍ରଜାମଣ୍ଡଳର ସାଧାରଣ ସମ୍ପାଦକ ଗୌରମୋହନ ପ୍ରଧାନଙ୍କୁ ସାହାଯ୍ୟ କରିବାପାଇଁ ଅମରେନ୍ଦ୍ର ଦାସଙ୍କୁ ସମ୍ପାଦକ ଓ ଗଦାଧର ପ୍ରଧାନ (ବର୍ତ୍ତମାନ ଶିକ୍ଷା ବିଭାଗୀୟ ସବ୍‌ଇନ୍‌ସ୍‌ପେକ୍ଟର)ଙ୍କୁ ଅଫିସ ସମ୍ପାଦକରୂପେ ନିଯୁକ୍ତ କରାଗଲା ।

୧୯୪୭ ମସିହା ବେଳକୁ ଦ୍ୱିତୀୟ ପୃଥିବୀ ମହାସମର ଶେଷ ହେବା ପରେ ହିଂସାକାଣ୍ଡରେ ସମ୍ପୃକ୍ତ ଥିବା କେତେଜଣଙ୍କ ବ୍ୟତୀତ ଅନ୍ୟ ସମସ୍ତ ଭାରତୀୟ କଂଗ୍ରେସ ନେତାଙ୍କୁ ମୁକ୍ତ କରି ଦିଆଗଲା । କଂଗ୍ରେସ ସଙ୍ଗଠନ ପୂର୍ବଠାରୁ ଅଧିକ ସୁଦୃଢ଼ ହୋଇ ପୂର୍ଣ୍ଣ ସ୍ୱାଧୀନତା ଦାବିକରି ପ୍ରସ୍ତାବ ଗ୍ରହଣ କଲା ।

୧୯୪୭ ମସିହା ଆରମ୍ଭରେ ପୂର୍ବାଞ୍ଚଳ ଗଡ଼ଜାତଗୁଡ଼ିକର ଏକ ପ୍ରଜା ସମ୍ମିଳନୀ କଟକଠାରେ ଡକା ଯାଇଥିଲା । ସେତେବେଳେକୁ ଭାରତର ସମସ୍ତ ପ୍ରଦେଶରେ କଂଗ୍ରେସ ସରକାର ପ୍ରତିଷ୍ଠିତ ହୋଇ ସାରିଥାଏ ।

କଟକଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ ପ୍ରଜା ସମ୍ମିଳନୀରେ ଓଡ଼ିଶାର ପ୍ରାୟ ସମସ୍ତ ଗଡ଼ଜାତ, ମଧ୍ୟପ୍ରଦେଶର ଛତିଶଗଡ଼ ଗଡ଼ଜାତସମୂହ ଏବଂ ଆସାମର ବିଭିନ୍ନ ଗଡ଼ଜାତର ପ୍ରତିନିଧି-ବୃନ୍ଦ ଯୋଗ ଦେଇଥିଲେ । ସେଠାରେ ସାରଙ୍ଗଧର ଦାସଙ୍କ ସଭାପତିତ୍ୱରେ

Digitized by srujanika@gmail.com

ପୂର୍ବାଞ୍ଚଳ ଗଡ଼ଜାତସମୂହର ସ୍ୱାଧୀନତା ସଂଗ୍ରାମୀ ଅନୁଷ୍ଠାନଗୁଡ଼ିକର ଏକ ଆଞ୍ଚଳିକ ସଙ୍ଗଠନ ଗଢ଼ାଗଲା । ଏହି ସଙ୍ଗଠନର ଯୁଗ୍ମ ସମ୍ପାଦକରୂପେ ମୟୂରଭଞ୍ଜ ପ୍ରଜାମଣ୍ଡଳରୁ ପ୍ରସନ୍ନ କୁମାର ଦାସଙ୍କୁ ମନୋନୀତ କରାଯାଇଥିଲା ।

ମୟୂରଭଞ୍ଜରେ ଦାୟିତ୍ୱମୂଳକ ଶାସନ ପ୍ରତିଷ୍ଠା—

୧୯୪୭ ମସିହା ବେଳକୁ ଆନ୍ତର୍ଜାତିକ ପରିସ୍ଥିତିରେ ବିଶେଷ ପରିବର୍ତ୍ତନ ସଂଘଟିତ ହେଲା । ବିଶେଷକରି ରାଜନୈତିକ କ୍ଷେତ୍ରରେ ଇଂଲଣ୍ଡରେ ଟୋରି ଦଳର ଶାସନ ଲୋପପାଇ ଶ୍ରମିକ ଦଳର ଶାସନ ପ୍ରତିଷ୍ଠିତ ହେଲା । ସେତେବେଳକୁ ଓଡ଼ିଶାର ଗଡ଼ଜାତଗୁଡ଼ିକର ସ୍ୱାଧୀନତା ଆନ୍ଦୋଳନ ପ୍ରବଳ ହୋଇଉଠିଥିଲା । ମୟୂରଭଞ୍ଜ ପ୍ରଜାମଣ୍ଡଳ ରାଜ୍ୟରେ 'ଲୋକ ପ୍ରତିନିଧି ଶାସନ' ପ୍ରତିଷ୍ଠାପାଇଁ ଆନ୍ଦୋଳନ ଆରମ୍ଭ କରିଦେଲା । ସେଥିପାଇଁ ଏକ ସମର ପରିଷଦ ଗଠିତ ହେଲା । ସେଥିରେ ସଦସ୍ୟ ଥିଲେ ଗୌରମୋହନ ପ୍ରଧାନ (ପ୍ରଜାମଣ୍ଡଳର ସମ୍ପାଦକ), ହରିହର ମହାନ୍ତି (ଆଡ୍‌ଭୋକେଟ୍) ଏବଂ ଡାକ୍ତର ଅନନ୍ତ ରଥ ।

ପ୍ରଥମେ ମାଦକଦ୍ରବ୍ୟ ଦୋକାନମାନଙ୍କରେ ପିକେଟିଂ ଆରମ୍ଭ ହେଲା । କେତେକ ସ୍ଥାନରେ ସରକାରୀ ଅଦାଲତ ବର୍ଜନ କରି ସମାନ୍ତରାଳ ପ୍ରଜାମଣ୍ଡଳର ଅଦାଲତ ପ୍ରତିଷ୍ଠା କରାଗଲା । ବାରିପଦା, ବେତନଟୀ, ଉଦଳା, କରଞ୍ଜିଆ ଓ ରାଇରଙ୍ଗପୁର ପ୍ରଭୃତି ସ୍ଥାନରେ ସଂଗ୍ରାମ ଶିବିର ପ୍ରତିଷ୍ଠା କରାଯାଇ ମଦ, ଗଞ୍ଜା ଓ ଅଫିମ ଦୋକାନ ଆଗରେ ପିକେଟିଂ ଆରମ୍ଭ କରାଗଲା । ବାରିପଦା ଶିବିର ଦାୟିତ୍ୱରେ ଡାକ୍ତର ଅନନ୍ତ ରଥ, ଆଡ୍‌ଭୋକେଟ୍ ହରିହର ମହାନ୍ତି, ଆଡ୍‌ଭୋକେଟ୍ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ଆଡ୍‌ଭୋକେଟ୍ ଗୌରମୋହନ ମହାପାତ୍ର ପିକେଟିଂ ପରିଚାଳନା କଲେ । ବେତନଟୀ ଶିବିର ପରିଚାଳନା ଦାୟିତ୍ୱରେ ହୃଦୟନାଥ ଦାସ, ଭାଗବତ ପରିଡ଼ା, ଗୋବିନ୍ଦ ଚନ୍ଦ୍ର ନାୟକ, ହରି ବେହେରା, ଲକ୍ଷ୍ମୀଧର ତ୍ରିପାଠୀ, ଉଦୟନାଥ ଓଡ଼ା, ପୀତାମ୍ବର ମହାନ୍ତି ଓ ଧନଞ୍ଜୟ ମହାନ୍ତି ପ୍ରଭୃତି ନିଯୁକ୍ତ ହୋଇଥିଲେ । ଉଦଳାଠାରେ ଶିବିର ପରିଚାଳନା ଦାୟିତ୍ୱରେ ଥିଲେ ରସାନନ୍ଦ ଭୋଳ, ଗିରୀଶଚନ୍ଦ୍ର ରାୟ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ରାମଚନ୍ଦ୍ର ମହାପାତ୍ର, ବୈଷ୍ଣବ ଚରଣ ନାୟକ, ରାଧାଗୋବିନ୍ଦ ନାୟକ, ହାରାଧନ ହାଁସଦା,

Digitized by srujanika@gmail.com

ରମାନାଥ ହୋତା, ରାମଚନ୍ଦ୍ର ମିଶ୍ର, ବୈଷ୍ଣବ ଚରଣ ମିଶ୍ର ଓ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ପ୍ରଭୃତି ବହୁ କର୍ମୀ । ସେମାନେ ମଦ ଦୋକାନ ପ୍ରଭୃତିରେ ପିକେଟିଂ ସାଙ୍ଗକୁ ଅଦାଲତ ବର୍ଜନ ଜୋର୍‌ସୋର୍‌ରେ ଚଳାଇଥିଲେ । କରଞ୍ଜିଆଠାରେ ଶିବିର ପରିଚାଳନା ଦାୟିତ୍ୱରେ ଥିଲେ ଭକ୍ତବନ୍ଧୁ ମହାନ୍ତ, ଶିବପ୍ରସାଦ ମହାନ୍ତି, ଅବ୍‌ଦୁଲ୍ଲା ଖାଁ, ଭୈରବ ଚନ୍ଦ୍ର ମହାନ୍ତ, ଦୈତାରି ସିଂ ପ୍ରଭୃତି କର୍ମୀଗଣ ଏବଂ ରାଇରଙ୍ଗପୁରରେ ଜଗତ୍ ମୋହନ ମହାନ୍ତ, କାଳଚରଣ ମହାନ୍ତ ଓ ବିଦ୍ୟାଧର ରାଉତ ଆଦି କର୍ମୀଗଣ ।

ପୂର୍ବରୁ କୁହାଯାଇଛି ଯେ ମୟୂରଭଞ୍ଜରେ ପାଇକ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ପାଇକ ଦଳମାନଙ୍କ ମଧ୍ୟରେ ଥିଲେ ଗହଣ ଦଳ ପାଇକ, କଟୁଆଳ ପାଇକ, ମନ୍ଦିର ପାଇକ ଓ ରିଜର୍ଭ ପାଇକ ପ୍ରଭୃତି । ଏମାନଙ୍କର ସଂଖ୍ୟା ଥିଲା ସହସ୍ରାଧିକ । ଏମାନେ ବହୁ ଦଳରେ ବିଭକ୍ତ ଥିଲେ । ପ୍ରତ୍ୟେକ ଦଳରେ ଜଣେ ଜଣେ ଦଳପତି ଥିଲେ । ସେମାନଙ୍କୁ ଦଳେଇ କୁହାଯାଉଥିଲା । ଏମାନେ ମୟୂରଭଞ୍ଜର ରାଜ ପରିବାର ତଥା ବାରିପଦା ସହରର ବିଭିନ୍ନ ଅନୁଷ୍ଠାନର ସୁରକ୍ଷାପାଇଁ ବର୍ଷରେ ଏକ ମାସ ପାଳି ଅନୁସାରେ ପ୍ରହରୀରୂପେ କାର୍ଯ୍ୟ କରୁଥିଲେ । ସେଥିପାଇଁ ଜାଗିର ଜମି ବ୍ୟତୀତ ଅନ୍ୟ କୌଣସି ପାରିଶ୍ରମିକ ବା ଭତ୍ତା ପାଉ ନ ଥିଲେ । କେତେକ ପାଇକ ଏହି ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦାନ କରିଥିବାରୁ ରାଜସରକାରଙ୍କର ଘୋର ଅସନ୍ତୋଷର କାରଣ ହୋଇଥିଲେ ।

ମୟୂରଭଞ୍ଜର ପାଇକମାନେ ଏକତ୍ର ହୋଇ ଏକ ସଂଗଠନ ଗଢ଼ିଲେ । ତା'ର ସଭାପତି ହେଲେ ବୈକୁଣ୍ଠନାଥ ସଦୁଆଳ ଏବଂ ସମ୍ପାଦକ ହେଲେ ରାମଚନ୍ଦ୍ର ମହାପାତ୍ର । ଏହି ସଂଗଠନ ପାଇକାଳି ପ୍ରଥା ଉଠାଇ ନେଇ ପାଇକାଳି ଜାଗିର ଜମିକୁ ହାସିଲାତି ଜମିରେ ପରିଣତ କରିବାପାଇଁ ସରକାରଙ୍କଠାରେ ଦାବି ଜଣାଇଲେ ।

ପୂର୍ବରୁ କୌଣସି ପାଇକ ଗୁରୁତର ଅସୁବିଧାବଶତଃ ନିଜେ ଯଦି ତାଙ୍କ ପାଳିର କାର୍ଯ୍ୟରେ ଯୋଗ ଦେଇପାରୁ ନ ଥିଲେ, ତାଙ୍କ ବଦଳରେ ସେ ଅନ୍ୟ ଜଣେ ପାଇକଙ୍କୁ ତାଙ୍କ କାର୍ଯ୍ୟ କରିବାପାଇଁ ପଠାଉଥିଲେ । ମାତ୍ର ପାଇକ ସଂଗଠନ ଉକ୍ତ ଦାବି ଉପସ୍ଥାପିତ କରିବାପରେ, କୌଣସି ପାଇକଙ୍କ

Digitized by srujanika@gmail.com

ବଦଳରେ ଅନ୍ୟ ପାଇକଙ୍କୁ ଗ୍ରହଣ କରାଯିବ ନାହିଁ ଓ ଯାହାଙ୍କ ନାମରେ ଜାଗିର ଅଛି ସେ ନିଜେ ଯାଇ ତାଙ୍କ ପାଳରେ ପ୍ରହରୀରୂପେ କାର୍ଯ୍ୟ କରିବାପାଇଁ ଏବଂ ସୈନ୍ୟବାହିନୀରେ ସୈନିକରୂପେ ଯୋଗ ଦେବାପାଇଁ ରାଜ ସରକାର ପାଇକମାନଙ୍କୁ ନିର୍ଦ୍ଦେଶ ଦେଲେ । ଏହି ନିର୍ଦ୍ଦେଶ ପାଇକମାନେ ନ ମାନିବାରୁ ସେମାନଙ୍କ ଜାଗିର ଉଚ୍ଛେଦ କରାଗଲା ଏବଂ ପାଇକ ସମ୍ମିଳନୀର ସଭାପତି ବୈକୁଣ୍ଠନାଥ ସଦୁଆଳଙ୍କୁ ୧୯୦୮ ମସିହା ମୟୂରଭଞ୍ଜ ରେଗୁଲେସନ୍ ଅନୁସାରେ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରୁ ବାହାରି ଯିବାପାଇଁ ଆଦେଶ ଜାରିହେଲା । ସେ ଏହି ଆଦେଶ ଅବମାନନା କରିବାରୁ ତାଙ୍କୁ ଗିରଫ୍ କରିବାକୁ ଆଦେଶ ଦିଆଗଲା । ବୈକୁଣ୍ଠ ବାବୁ ସଭାମାନଙ୍କୁ ଯାଉଥିଲେ, ମାତ୍ର ସଭାରେ ଏପରି ଲୋକ ଗହଳି ହେଉଥିଲା ଯେ ପୋଲିସ ସେ ଗହଳିକୁ ଭେଦ କରି ପାରୁ ନ ଥିଲେ । ତେଣୁ ତାଙ୍କୁ ଗିରଫ କରିବା ପୋଲିସ ପକ୍ଷରେ ସମ୍ଭବ ହୋଇ ପାରୁନଥିଲା । ଏହାପରେ କେତୋଟି ସଭା ପରେ ସେ ନିଜେ ପୋଲିସ ହାତରେ ଧରା ଦେଇଥିଲେ । ବିଚାରରେ ତାଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ଦିଆଯାଇଥିଲା ଏବଂ ପାଇକ ସଂଗଠନର ସଂପାଦକ ରାମଚନ୍ଦ୍ର ମହାପାତ୍ରଙ୍କୁ ତାଙ୍କର ପାଇକାଳି କାର୍ଯ୍ୟରୁ ବହିଷ୍କାର କରାଯାଇ ମହାରାଜାଙ୍କ ନିର୍ଦ୍ଦେଶରେ ତାଙ୍କର ଜାଗିର ଜମିକୁ ଅନ୍ୟ ଜଣକୁ ଦିଆଯାଇ ଠିକଣାଭୁକ୍ତ କରାଯାଇଥିଲା । ଏଥିରେ ମୟୂରଭଞ୍ଜର ପାଇକମାନେ ଉତ୍‌କ୍ଷିପ୍ତ ହୋଇଉଠିଲେ । ପ୍ରଜାମଣ୍ଡଳ ଆନ୍ଦୋଳନ ପାଇକମାନଙ୍କ ସହଯୋଗରେ ଅତି ପ୍ରବଳ ହୋଇଉଠିଲା । ଉକ୍ତ ପିକେଟିଂମାନଙ୍କରେ ପାଇକମାନେ ବହୁ ସଂଖ୍ୟାରେ ଯୋଗଦେଲେ ।

୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ ଦିନ ଇଂରେଜ ସରକାର ଭାରତବାସୀଙ୍କୁ କ୍ଷମତା ହସ୍ତାନ୍ତର କରି ଭାରତ ଛାଡ଼ି ଚାଲିଯିବାର ଘୋଷଣା ପ୍ରକାଶ ପାଇଲା । ସେହିଦିନ ମୟୂରଭଞ୍ଜ ପ୍ରଜାମଣ୍ଡଳର ଏକ ସାଧାରଣ ସଭା ବାରିପଦାର ମଧୁବନ ପଡ଼ିଆରେ ଡକା ଯାଇଥିଲା । ଉକ୍ତ ସଭାରେ ଲକ୍ଷାଧିକ ଲୋକ ଯୋଗ ଦେଇଥିଲେ । ସେଥିରେ ବହୁ ସଂଖ୍ୟକ ମହିଳା ମଧ୍ୟ ଥିଲେ । ପ୍ରଥମେ ଏକ ବିରାଟ ଶୋଭାଯାତ୍ରା ମଧୁବନ ପଡ଼ିଆରୁ ବାହାରି ସମଗ୍ର ବାରିପଦା ସହର ପରିକ୍ରମା କରି ଫେରିଥିଲା । ସେ ଶୋଭାଯାତ୍ରା ଏତେ ବିରାଟ ଥିଲା ଯେ ତାହାର ଅଗ୍ରଭାଗ ମଧୁବନ ପଡ଼ିଆକୁ ଫେରିଆସିବା ବେଳକୁ ତାର ଶେଷ ଅଂଶ ମଧୁବନ ପଡ଼ିଆରେହିଁ ରହିଥିଲା । ଏହି ଶୋଭାଯାତ୍ରାରେ ହଜାର

Digitized by srujanika@gmail.com

ହଜାରି ମହଲା ଅଂଶ ଗ୍ରହଣ କରିଥିଲେ । ଶୋଭାଯାତ୍ରାରେ ଗୌରମୋହନ ପ୍ରଧାନଙ୍କ ରଚିତ 'ଚଳ ଆଗେଇ ଚଳ' ଗୀତ ବୋଲାଯାଉଥିଲା । ସେଥିରେ ଥିଲା "ରାଜଶକ୍ତି ବୋଲି ମୋଡ଼େ ଯେ ବାହା, ଜନଶକ୍ତି ଜନ୍ମ କରିଛି ତ ତାହା, ନ ହୋଇଲେ ପ୍ରଜା ଶକ୍ତି ସାହା, ମୁହୂର୍ତ୍ତେ ସେ ମୁରୁଦାର; ଆମରି ଟଙ୍କାରେ ତା କଳ ଚଳେ, ଆମରି ଭାଇର ବାହୁର ବଳେ, ଆମଙ୍କୁ ସେ ବାନ୍ଧେ ଲୁହା ଶିକଳେ, ଭାଙ୍ଗ ତା'ର କାରାଗାର; ଜନ ମତ ବିନା ଜୁଲୁମ କରି, ମନ ମତେ କରେ ଆଇନ ଜାରି, ଏ ଅଧିକାର ନାହିଁ କାହାରି, ଛିଣ୍ଡା ଆଇନ ଜାଲ" ଇତ୍ୟାଦି ।

ସେ ସଭାରେ ପ୍ରଜାମଣ୍ଡଳର ସଭାପତି ଶରତଚନ୍ଦ୍ର ଦାସ କଂଗ୍ରେସ ପତାକା ଉତ୍ତୋଳନ କରିବାପରେ ପୂର୍ଣ୍ଣ ସ୍ୱାଧୀନତା ଓ କ୍ଷମତା ହସ୍ତାନ୍ତରପାଇଁ ଆନ୍ଦୋଳନ ଚଳାଇବାନିମିତ୍ତ ସମସ୍ତଙ୍କୁ ଶପଥ କରାଇଲେ ।

ଉକ୍ତ ସଭାପରେ ରାଜସରକାରଙ୍କ ସହିତ ଏକ ସମାଧାନ ସଂଘଟିତ ହେଲା । ମହାରାଜା କ୍ଷମତା ହସ୍ତାନ୍ତର କରିବାପାଇଁ ରାଜି ହେଲେ । ତତ୍ପରେ ପ୍ରଜାମଣ୍ଡଳର ସଭାପତି ଶରତ ବାବୁଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ଡକାଯାଇ ଉପରୋକ୍ତ କ୍ଷମତା ହସ୍ତାନ୍ତର ବିଷୟ ପୁଙ୍ଖାନୁପୁଙ୍ଖଭାବରେ ଆଲୋଚନା ହୋଇ ସର୍ବସମ୍ମତିକ୍ରମେ ସିଦ୍ଧାନ୍ତ ହେଲା ଯେ—୧ । ମୟୂରଭଞ୍ଜ ପାଇକ ସମ୍ମିଳନୀର ସଭାପତି ବୈକୁଣ୍ଠନାଥ ସଦୁଆଳଙ୍କୁ ମୁକ୍ତି ଦେବା, ୨ । ପାଇକମାନଙ୍କ ଜାଗିର ଜମିମାନ ହାସିଲ୍‌ତ କରିବା, ୩ । ସର୍ଦ୍ଦାର ପ୍ରଥା ଉଠାଇଦେବା, ୪ । ହମାର କପାର ଉଠାଇଦେବା, ୫ । ପ୍ରଜାମଣ୍ଡଳ କର୍ମୀମାନଙ୍କ ନାମରେ ମିଥ୍ୟା ମୋକଦ୍ଦମା ଉଠାଇଦେବା ଏବଂ ୬ । ମହାରାଜାଙ୍କର ଚଳିବାପାଇଁ ଆବଶ୍ୟକ ଟଙ୍କା ଦେବା ।

ମୟୂରଭଞ୍ଜ ବିଧାନସଭା ଗଠନପାଇଁ ମୟୂରଭଞ୍ଜ ପ୍ରଜାମଣ୍ଡଳ ତରଫରୁ ୫୧ ଜଣଙ୍କର ନାମ ତାଲିକା ସରକାରଙ୍କୁ ଦିଆଗଲା । ସେଥିରେ ପ୍ରଜାମଣ୍ଡଳ କର୍ମୀମାନଙ୍କ ନାମ ଅଧିକ ସଂଖ୍ୟାରେ ଥିଲେ ମଧ୍ୟ ଆଦିବାସୀ ସଙ୍ଗଠନ ଓ ପ୍ରଜାମଙ୍ଗଳ ଦଳଭୁକ୍ତ ମୁଖ୍ୟ ବ୍ୟକ୍ତିମାନଙ୍କ ନାମ ମଧ୍ୟ ଥିଲା । ସେଥିରେ ବିଦ୍ୟାଧର ମହାପାତ୍ର, ମହେଶ୍ୱର ନାୟକ ପ୍ରଭୃତି କେତେକ ନିର୍ଦ୍ଦଳୀୟ ବ୍ୟକ୍ତିଙ୍କ ନାମ ମଧ୍ୟ ରହିଥିଲା ।

Digitized by srujanika@gmail.com

ଏହି ତାଲିକା ଅନୁସାରେ ମହାରାଜା ଉକ୍ତ ଏକାବନ ଜଣ ସଭ୍ୟଙ୍କୁ ମୟୂରଭଞ୍ଜର ପ୍ରଥମ ପ୍ରଜା ପରିଷଦ୍ ବା ବିଧାନ ସଭାର ସଭ୍ୟରୂପେ ମନୋନୀତ କରି ପ୍ରଜାମଣ୍ଡଳର ସଭାପତି ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସଙ୍କୁ ମୟୂରଭଞ୍ଜର ପ୍ରଧାନମନ୍ତ୍ରୀରୂପେ ମନୋନୀତ କଲେ । ତାଙ୍କୁ ଶାସନ ଦାୟିତ୍ୱ ଗ୍ରହଣ କରି ମନ୍ତ୍ରିମଣ୍ଡଳ ଗଠନ କରିବାପାଇଁ ଆହ୍ୱାନ କରି କ୍ଷମତା ହସ୍ତାନ୍ତର ପୂର୍ବରୁ ପାଇକ ସମ୍ମିଳନୀର ସଭାପତି ବୈକୁଣ୍ଠନାଥ ସଦୁଆଳଙ୍କୁ ବିନା ସର୍ତ୍ତରେ ଛାଡ଼ିଦେବେ ବୋଲି କହିଲେ । ଶରତ ବାବୁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ବିଦ୍ୟାଧର ମହାପାତ୍ରଙ୍କୁ ରାଜସ୍ୱ ଓ ଆଇନ ମନ୍ତ୍ରୀରୂପେ ଏବଂ ମହେଶ୍ୱର ନାୟକଙ୍କୁ ଉନ୍ନୟନ ବିଭାଗ ମନ୍ତ୍ରୀରୂପେ ମନୋନୀତ କଲେ । ପ୍ରଜା ପରିଷଦର ପ୍ରଥମ ବୈଠକରେ ବ୍ରଜଗୋପାଳ ଘୋଷାଲ ଅଧ୍ୟକ୍ଷ ପଦରେ ନିର୍ବାଚିତ ହେଲେ । ତତ୍ପରଦିନ ମୟୂରଭଞ୍ଜ ପ୍ରଜା ପରିଷଦ ଶାସନ ସଂବିଧାନ ପ୍ରଣୟନ କରାଯିବାର ଘୋଷଣା କରି ତା'ର ଚିଠା ପ୍ରସ୍ତୁତ କରି ପ୍ରଜା ପରିଷଦରେ ଉପସ୍ଥାପିତ କରିବାପାଇଁ ଗୌରମୋହନ ପ୍ରଧାନ, (ପ୍ରଜାମଣ୍ଡଳର ସମ୍ପାଦକ), ହରିହର ମହାନ୍ତି ଆଡ୍‌ଭୋକେଟ୍ (ପ୍ରଜାମଣ୍ଡଳର ସଭ୍ୟ) ଏବଂ ସୁରେଶଚନ୍ଦ୍ର ଦାସ, ଆଡ୍‌ଭୋକେଟ୍‌ଙ୍କୁ ନେଇ ଏକ ସମ୍ବିଧାନ କମିଟି ଗଠନ କରାଗଲା । ଉକ୍ତ କମିଟି ସମ୍ବିଧାନର ଚିଠା ପ୍ରସ୍ତାବ ତିନି ସପ୍ତାହମଧ୍ୟରେ ପ୍ରସ୍ତୁତ କରି ପ୍ରଜା ପରିଷଦ୍‌ରେ ଉପସ୍ଥାପିତ କରିଥିଲେ ଏବଂ ତାହା ଅନ୍ୟ ବୈଠକରେ ଆଲୋଚିତ ହୋଇ ଗୃହୀତ ହୋଇଥିଲା ।

ପ୍ରକାଶଥାଉ କି ମହାରାଜା କ୍ଷମତା ହସ୍ତାନ୍ତର ପୂର୍ବରୁ ରାଜତନ୍ତ୍ରର ସୁରକ୍ଷା ମର୍ମେ ପ୍ରଜାମଣ୍ଡଳ ଆନ୍ଦୋଳନର କେତେକ କର୍ମୀଙ୍କ ବିରୁଦ୍ଧରେ ସଂଗଠିତ ହୋଇଥିବା ଷଡ଼ଯନ୍ତ୍ରମୂଳକ ମିଥ୍ୟା ମୋକଦ୍ଦମାମାନ ନଷ୍ଟ କରିଦେବାର ପ୍ରତିଶ୍ରୁତି ଦେଇଥିଲେ । "କିନ୍ତୁ ଯଦ୍ୟପି ଅଜାଣତରେ କୌଣସି କେସ୍ ରହିଯାଏ ଆପଣ ମୋର ସମ୍ମାନଦୃଷ୍ଟିରୁ ସେଗୁଡ଼ିକୁ କାର୍ଯ୍ୟକାରୀ କରିବେ ନାହିଁ ।" ମହାରାଜାଙ୍କର ଏହି ଉକ୍ତିକୁ ପ୍ରଜାମଣ୍ଡଳର ସଭାପତି ଶରତ ବାବୁ ସମ୍ମତି ପ୍ରଦାନ କରିଥିଲେ ଏବଂ କାର୍ଯ୍ୟକାରୀ ମଧ୍ୟ କରିଥିଲେ ।

ସ୍ୱାଧୀନତା ଲାଭ ହେବାପରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଶୀୟ ରାଜ୍ୟ-

Digitized by srujanika@gmail.com

ଗୁଡ଼ିକ ଭାରତ ସରକାରଙ୍କ ଶାସନାଧୀନ ହୋଇ ବିଭିନ୍ନ ପ୍ରଦେଶସହିତ ସାମିଲ ହୋଇଯିବାପାଇଁ ଦେଶୀୟ ରାଜ୍ୟର ଶାସକମାନଙ୍କ ଉପରେ ପ୍ରବଳ ଚାପ ପକାଇଲେ । ଫଳରେ ଅଳ୍ପଦିନମଧ୍ୟରେ କେବଳ ହାଇଦ୍ରାବାଦକୁ ବାଦ୍‌ଦେଲେ ସମସ୍ତ ଦେଶୀୟ ରାଜ୍ୟର ଶାସକ ତାଙ୍କର ରାଜ୍ୟ ଭାରତ ସରକାରଙ୍କୁ ଚୁକ୍ତିପତ୍ର ସ୍ୱାକ୍ଷର କରି ଅର୍ପଣ କଲେ । ସର୍ଦ୍ଦାର ପଟେଲ ଓଡ଼ିଶାର ଦେଶୀୟ ରାଜ୍ୟଗୁଡ଼ିକର କ୍ଷମତା ହସ୍ତାନ୍ତର ଓ ସେଗୁଡ଼ିକର ଓଡ଼ିଶା ପ୍ରଦେଶସହିତ ମିଶ୍ରଣପାଇଁ କଟକ ଆସିଲେ ଏବଂ ଓଡ଼ିଶାର ଦେଶୀୟ ରାଜ୍ୟଗୁଡ଼ିକର ମହାରାଜାମାନଙ୍କୁ ତାଙ୍କ ସହିତ ସାକ୍ଷାତ କରିବା-ପାଇଁ କଟକ ଡକାଇଲେ । ସେଠାରେ ଆଲୋଚନା ପରେ ମୟୂରଭଞ୍ଜ ବ୍ୟତୀତ ଓଡ଼ିଶାର ଅନ୍ୟ ସମସ୍ତ ରାଜା ସ୍ୱେଚ୍ଛାରେ ଭାରତ ସରକାରଙ୍କ ହସ୍ତରେ ଶାସନ କ୍ଷମତା ଅର୍ପଣ କରିବାପାଇଁ ଚୁକ୍ତିବଦ୍ଧ ହେଲେ ଏବଂ ତତ୍‌ସମ୍ବନ୍ଧୀୟ ଦଲିଲରେ ଦସ୍ତଖତ କଲେ । ଇତିପୂର୍ବରୁ ନୀଳଗିରି ଷ୍ଟେଟ୍‌ରେ ଶାସନର ବିଶୃଙ୍ଖଳା ଯୋଗୁ ଭାରତର ଜାତୀୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲାରୁ ପ୍ରତିନିଧି ଆସି ନୀଳଗିରି ଷ୍ଟେଟ୍‌ର ଶାସନ ଭାର ନେଇ ସାରିଥିଲେ । ମାତ୍ର ମୟୂରଭଞ୍ଜରେ ସେତେବେଳକୁ ଲୋକପ୍ରିୟ ଶାସନ ପ୍ରତିଷ୍ଠିତ ହୋଇଥିବାରୁ ସେଥିରେ କୌଣସି ପ୍ରକାର ହସ୍ତକ୍ଷେପ ନ କରି ସେହିପରି ଚାଲୁଥାଉ ବୋଲି ସେ ମତ ପ୍ରକାଶ କଲେ । ଫଳରେ ମୟୂରଭଞ୍ଜ ପ୍ରଜାମଣ୍ଡଳର ଶାସନରେ ବହୁବିଧ ଉନ୍ନୟନ ଓ ପ୍ରଗତିମୂଳକ ଯୋଜନାମାନ କାର୍ଯ୍ୟକାରୀ ହେଲା ଏବଂ ସରକାରଙ୍କ ଲୋକପ୍ରିୟତା ବୃଦ୍ଧିପାଇବାରେ ଲାଗିଲା ।

ମୟୂରଭଞ୍ଜ ଷ୍ଟେଟ୍ କଂଗ୍ରେସ—

ମୟୂରଭଞ୍ଜରେ ଲୋକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ପ୍ରତିଷ୍ଠିତ ହେବାପରେ ପ୍ରଜାମଣ୍ଡଳର ସମ୍ପାଦକ ଗୌରମୋହନ ପ୍ରଧାନଙ୍କ ସମ୍ପା-ଦନାରେ 'ଦେଶସେବକ' ନାମକ ଏକ ମାସିକ ପତ୍ରିକା ମୟୂରଭଞ୍ଜ ପ୍ରଜା-ମଣ୍ଡଳର ମୁଖପତ୍ରରୂପେ ପ୍ରକାଶ ପାଇଲା । ଉକ୍ତ ପତ୍ରିକାରେ ଗ୍ରାମ ସଂଗଠନର ବିଭିନ୍ନ ଦିଗ ଏବଂ ସେସବୁକୁ କାର୍ଯ୍ୟକାରୀ କରିବାର ବିଧି ବ୍ୟବସ୍ଥା ବିଷୟରେ ବିଶଦଭାବରେ ଧାରାବାହିକ ଲେଖା, ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଏବଂ ସରକାରଙ୍କ କାର୍ଯ୍ୟଗୁଡ଼ିକ ବିଷୟରେ ଆଲୋଚନା ବିଶେଷଭାବରେ ପ୍ରକାଶ ପାଇଲା ।

Digitized by srujanika@gmail.com

୧୯୪୮ ମସିହା ମଧ୍ୟଭାଗରେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଶ୍ରୀ ସିମିଳେଶ୍ୱର ଶିବମନ୍ଦିର ସଂଲଗ୍ନ ପଡ଼ିଆରେ ମୟୂରଭଞ୍ଜ ପ୍ରଜାମଣ୍ଡଳର ଏକ ବିଶେଷ ଅଧିବେଶନ ହୋଇଥିଲା । ସେଥିରେ ସମଗ୍ର ଷ୍ଟେଟ୍‌ରୁ ପ୍ରଜା-ମଣ୍ଡଳର ତିନି ହଜାରରୁ ଅଧିକ କର୍ମୀ ଯୋଗ ଦେଇଥିଲେ । କର୍ମୀମାନଙ୍କର ରହିବାପାଇଁ ଅସ୍ଥାୟୀ କୁଡ଼ିଆଘର ତିଆରି ହୋଇଥିଲା । ଏହି ଅଧିବେଶନ-ରେ ସମ୍ମାନିତ ଅତିଥିଭାବରେ ନିମନ୍ତ୍ରିତ ହୋଇ ମୟୂରଭଞ୍ଜର ମନ୍ତ୍ରୀମାନେ ଯୋଗ ଦେଇଥିଲେ ।

ଏହି ଅଧିବେଶନ ମୟୂରଭଞ୍ଜ ପ୍ରଜାମଣ୍ଡଳ ସଭାପତି ତଥା ମୟୂରଭଞ୍ଜର ପ୍ରଧାନମନ୍ତ୍ରୀ ଶରତଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ହୋଇଥିଲା । ଏହି ଅଧିବେଶନରେ ମୟୂରଭଞ୍ଜ ପ୍ରଜାମଣ୍ଡଳର ନାମ ପରିବର୍ତ୍ତନ କରି ମୟୂରଭଞ୍ଜ ଷ୍ଟେଟ୍ କଂଗ୍ରେସ ନାମ ରଖାଗଲା ।

ଏହି ଅଧିବେଶନରେ ଶରତଚନ୍ଦ୍ର ଦାସ ଷ୍ଟେଟ୍‌ର ପ୍ରଧାନମନ୍ତ୍ରୀ ଏବଂ ଷ୍ଟେଟ୍ କଂଗ୍ରେସର ସଭାପତି ଏହି ଉଭୟ ପଦରେ ରହିବା ନୀତିସଙ୍ଗତ ନୁହେଁ ବୋଲି ଯୁକ୍ତି ଦର୍ଶାଇ ଷ୍ଟେଟ୍ କଂଗ୍ରେସର ସଭାପତି ପଦରେ ରହିବା-ପାଇଁ ଅନିଚ୍ଛା ପ୍ରକାଶ କରିବାରୁ ଆଡ୍‌ଭୋକେଟ୍ ହରିହର ମହାନ୍ତି ଷ୍ଟେଟ୍ କଂଗ୍ରେସର ସଭାପତିରୂପେ, ପ୍ରସନ୍ନକୁମାର ଦାଶ ଉପସଭାପତିରୂପେ ଏବଂ ଗୌରମୋହନ ପ୍ରଧାନ ସାଧାରଣ ସଂପାଦକରୂପେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ । ଏତଦ୍‌ବ୍ୟତୀତ ମୟୂରଭଞ୍ଜ ଷ୍ଟେଟ୍ କଂଗ୍ରେସର କାର୍ଯ୍ୟକାରୀ କମିଟିକୁ ଶରତଚନ୍ଦ୍ର ଦାସ, (ତତ୍କାଳୀନ ପ୍ରଧାନମନ୍ତ୍ରୀ), ବିଦ୍ୟାଧର ମହାପାତ୍ର (ରାଜସ୍ୱ ଓ ଆଇନ ମନ୍ତ୍ରୀ) , ମହେଶ୍ୱର ନାୟକ (ଉନ୍ନୟନ ମନ୍ତ୍ରୀ) ବୈକୁଣ୍ଠ ସହୁଆଳ, ରାମଚନ୍ଦ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପରିଚ୍ଛା, ରମାନାଥ ଟୁଡ଼ୁ, ବୈଷ୍ଣବ ଚରଣ ନାୟକ, ଲକ୍ଷ୍ମୀଧର ତ୍ରିପାଠୀ, ସାକଲା ସୋରେନ୍, ସତ୍ୟ ନାରାୟଣ ଦପ, ଅମରେନ୍ଦ୍ରକୁମାର ଦାସ, ଗୌରମୋହନ ମହାପାତ୍ର (ଆଡ୍‌ଭୋକେଟ୍), ସତୀଶଚନ୍ଦ୍ର ଦାସ ପଟ୍ଟନାୟକ (ଆଡ୍‌ଭୋକେଟ୍), ଜଗମୋହନ ମହାନ୍ତ, ଅଶ୍ୱିନୀ କବି, ଭକ୍ତବନ୍ଧୁ ମହାନ୍ତ, ଶିବପ୍ରସାଦ ମହାନ୍ତ, ବିଶ୍ୱନାଥ ସାହୁ (ଆଡ୍‌ଭୋକେଟ୍), ଲକ୍ଷ୍ମୀଧର ଧଳ, ରସାନନ୍ଦ ହୋତା, ବୈଷ୍ଣବ ଚରଣ ମିଶ୍ର, ମାଣିକା ମାଝୀ ଓ ପୂର୍ଣ୍ଣଚନ୍ଦ୍ର ପାଣି ପ୍ରମୁଖ ନିର୍ବାଚିତ ହୋଇଥିଲେ ।

Digitized by srujanika@gmail.com

ଏହି ଅଧିବେଶନରେ ମୟୂରଭଞ୍ଜରେ ନବ ପ୍ରତିଷ୍ଠିତ ଲୋକ-ପ୍ରିୟ ସରକାରଙ୍କ କାର୍ଯ୍ୟକ୍ରମ ପ୍ରତି ପ୍ରଜାସାଧାରଣଙ୍କର ସମ୍ପୂର୍ଣ୍ଣ ଆସ୍ଥା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ସରକାର ଶାସନ କ୍ଷମତା ଲାଭ କରିବାର ଅଳ୍ପଦିନମଧ୍ୟରେ ନିଶାନିବାରଣ ଉଦ୍ୟମକୁ କାର୍ଯ୍ୟକାରୀ କରିଥିବାରୁ ଏବଂ ମୟୂରଭଞ୍ଜର ଛାତ୍ରମାନଙ୍କର ଉଚ୍ଚ ଶିକ୍ଷାଲାଭ ନିମନ୍ତେ ବାରିପଦାରେ ଏକ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାର ବ୍ୟବସ୍ଥା କରିଥିବାରୁ ସରକାରଙ୍କୁ ଧନ୍ୟବାଦ ଦିଆ ଯାଇଥିଲା ।

ଉକ୍ତ ଅଧିବେଶନରେ ମୟୂରଭଞ୍ଜରେ ସେ ପର୍ଯ୍ୟନ୍ତ ପ୍ରଚଳିତ ସର୍ଦ୍ଦାର ପ୍ରଥାର ବିନା କ୍ଷତି ପୂରଣରେ ଉଚ୍ଛେଦ କରଣ, ପାଇକାଳି ପ୍ରଥା ଉଠାଇ ଦେଇ ପାଇକାଳି ଜାଗିରି ଜମିକୁ ହାସିଲାତ କରିବା ଓ ଭୂମିହୀନ ଗରିବ ଲୋକଙ୍କୁ ଜମିଦେବାନିମନ୍ତେ ସରକାରଙ୍କୁ ଅନୁରୋଧ କରି ପ୍ରସ୍ତାବମାନ ଆଗତ ହୋଇ ଗୃହୀତ ହୋଇଥିଲା । ଲୋକପ୍ରିୟ ସରକାର ଉକ୍ତ ପ୍ରସ୍ତାବ-ଗୁଡ଼ିକୁ ଅବିଳମ୍ବେ କାର୍ଯ୍ୟକାରୀ କରିଥିଲେ ।

ଭାରତ ସ୍ୱାଧୀନତା ଲାଭ କରିବାର ଦୀର୍ଘଦିନ ପରେ ଗରିବ ଜନସାଧାରଣଙ୍କ ରାଜକୋଷରୁ ବିପୁଳ ପରିମାଣ ଅର୍ଥ କ୍ଷତି ପୂରଣ ଦିଆଯାଇ ଜମିଦାରୀ ପ୍ରଥା ଉଚ୍ଛେଦ କରାଯାଇଥିବାସ୍ଥଳେ ; ମୟୂରଭଞ୍ଜର ଲୋକ-ପ୍ରତିନିଧିମୂଳକ ସରକାର କ୍ଷମତାକୁ ଆସିବାର ଅଳ୍ପକାଳ ମଧ୍ୟରେ ବିନା କ୍ଷତିପୂରଣରେ ପ୍ରଜାପୀଡ଼କ ସର୍ଦ୍ଦାର ପ୍ରଥାର ଉଚ୍ଛେଦ ସାଧନ ସାହସର ସହିତ କରିପାରିଥିଲେ ଏବଂ ମୟୂରଭଞ୍ଜର ସରକାରୀ ହମାରମାନଙ୍କଠାରୁ ହମାର କପାର ଉଠାଇ ଦେଇ ତହସିଲଦାରମାନଙ୍କ ଦାୟିତ୍ୱରେ ରଖିଲେ । ପାଇକାଳି ଜାଗିରି ଜମି ମଧ୍ୟ ପାଇକ ଏବଂ ତାଙ୍କର ଉତ୍ତରାଧିକାରୀମାନଙ୍କ ନାମରେ ହାସିଲାତ ଅର୍ଥାତ୍ ପୂର୍ବ ଖଜଣାରେ ଦାଏର୍ ହେଲା ।

ମୟୂରଭଞ୍ଜର ଲୋକପ୍ରିୟ ସରକାର ତାଙ୍କର ଦଶ ମାସର ଶାସନ-କାଳ ମଧ୍ୟରେ ନାନା ଉନ୍ନୟନମୂଳକ ଓ ପ୍ରଗତିଶୀଳ କାର୍ଯ୍ୟ କରି ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିଲେ ।

ମୟୂରଭଞ୍ଜ ଷ୍ଟେଟ୍‌ର ଓଡ଼ିଶାସହିତ ମିଶ୍ରଣ —

୧୯୪୮ ମସିହା ଶେଷ ଭାଗରେ ମୟୂରଭଞ୍ଜର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦିଲ୍ଲୀଯାଇ ଭାରତ

Digitized by srujanika@gmail.com

ସରକାରଙ୍କ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ସାକ୍ଷାତ କରିଥିଲେ । ସର୍ଦ୍ଦାର ପଟେଲ ମୟୂରଭଞ୍ଜର ସର୍ବାଙ୍ଗୀଣ ବିକାଶ ସାଧନପାଇଁ ଉକ୍ତ ରାଜ୍ୟକୁ ଓଡ଼ିଶା ପ୍ରଦେଶସହିତ ମିଶାଇ ଦେବାର ବ୍ୟବସ୍ଥା କରିବାପାଇଁ ପରାମର୍ଶ ଦେଲେ । ମୟୂରଭଞ୍ଜର ତତ୍କାଳୀନ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ସେହି ସମୟରେ ଦିଲ୍ଲୀରେ ରହିଥିଲେ । ସେ ମଧ୍ୟ ସେଥିରେ ସମ୍ମତି ଦେଲେ ।

ଉକ୍ତ ପ୍ରତିନିଧି ଦଳ ଦିଲ୍ଲୀରୁ ଫେରିବା ପରେ ବାରିପଦାରେ ମୟୂରଭଞ୍ଜ ଷ୍ଟେଟ୍ କଂଗ୍ରେସର ଏକ ବିଶେଷ ଅଧିବେଶନ ଡକାଗଲା ଏବଂ ସେଥିରେ ଉକ୍ତ ମିଶ୍ରଣ ପ୍ରସ୍ତାବ ବିଶେଷଭାବରେ ଆଲୋଚିତ ହୋଇ ତାହା ସର୍ବସମ୍ମତିକ୍ରମେ ଗୃହୀତ ହେଲା । ତପରେ ଉକ୍ତ ପ୍ରସ୍ତାବ ମୟୂରଭଞ୍ଜ ପ୍ରଜା ପରିଷଦ୍‌ରେ ଆଗତ ହୋଇ ତିନି ଚତୁର୍ଥାଂଶରୁ ଅଧିକ ଭୋଟରେ ଗୃହୀତ ହେଲା । ଉକ୍ତ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଜଣାଇ ଦେବା ପରେ ସେହି ବର୍ଷ ନଭେମ୍ବର ମାସରେ କେନ୍ଦ୍ର ସରକାର ମିଷ୍ଟର ଶଖେ ନାମକ ଜଣେ ବ୍ୟକ୍ତିଙ୍କୁ ଚିଫ୍ କମିଶନର୍‌ରୂପେ ନିଯୁକ୍ତ କରି ତାଙ୍କରି ଜରିଆରେ ମୟୂର-ଭଞ୍ଜର ଶାସନ ଦାୟିତ୍ୱ ନିଜ ହାତକୁ ନେଲେ । ୧୯୪୮ ମସିହା ଜାନୁଆରୀ ମାସ ପହିଲା ତାରିଖ ଦିନ ଓଡ଼ିଶା ସରକାର ମୟୂରଭଞ୍ଜର ଶାସନ କ୍ଷମତା କେନ୍ଦ୍ର ସରକାରଙ୍କ ନିକଟରୁ ଗ୍ରହଣ କଲେ । ଓଡ଼ିଆ ଭାଷାଭାଷୀ ଅନ୍ୟ ଗଡ଼ଜାତଗୁଡ଼ିକ ଓଡ଼ିଶାରେ ମିଶିଯିବାର ଏକ ବର୍ଷ ପରେ ମୟୂରଭଞ୍ଜର ମିଶ୍ରଣ ଓଡ଼ିଶାସହିତ ସମ୍ପନ୍ନ ହେଲା । ଏହି ମିଶ୍ରଣ ପୂର୍ବରୁ ଭାରତ ସରକାରଙ୍କ ସହିତ ମୟୂରଭଞ୍ଜ ସରକାରଙ୍କର ଯେଉଁ ଚୁକ୍ତି ସମ୍ପାଦିତ ହୋଇଥିଲା ସେଥିରେ ମୟୂରଭଞ୍ଜପାଇଁ କେତେକ ସ୍ୱତନ୍ତ୍ର ସୁବିଧା ସୁଯୋଗ ଏବଂ ତତ୍କାଳୀନ ସରକାରୀ କର୍ମଚାରୀମାନଙ୍କ ଚାକିରି ସୁରକ୍ଷାସମ୍ପର୍କରେ କେତେକ ସର୍ତ୍ତ ଲିପିବଦ୍ଧ ହୋଇ ରହିଲା ।

ମିଶ୍ରଣ ପରେ ମୟୂରଭଞ୍ଜ ଓଡ଼ିଶାର ଏକ ଜିଲାରେ ପରିଣତ ହେଲା । ଏହା ପରେ ପରେ ଉତ୍କଳ ପ୍ରାଦେଶିକ କମିଟି ତରଫରୁ ଦୁଇ ଜଣ ନେତୃସ୍ଥାନୀୟ ବ୍ୟକ୍ତି ନନ୍ଦକିଶୋର ଦାସ ଓ ଭାଗବତ ସାହୁ ମୟୂରଭଞ୍ଜ ଆସି ମୟୂରଭଞ୍ଜ ଷ୍ଟେଟ୍ କଂଗ୍ରେସର ସଭାପତି ଓ ସମ୍ପାଦକଙ୍କ ସହ ମୟୂରଭଞ୍ଜରେ ଜିଲା କଂଗ୍ରେସ କମିଟି ଗଠନ ନେଇ ଆଲୋଚନା କଲେ ।

Digitized by srujanika@gmail.com

ସେତେବେଳେ ଗୌରମୋହନ ବାବୁ ଉକ୍ତ କମିଟିରେ ନ ରହିବାପାଇଁ ଇଚ୍ଛା ପ୍ରକାଶ କରିବାରୁ ସେମାନେ ତାଙ୍କୁ ବାଦ୍‌ଦେଇ ଜିଲ୍ଲା କଂଗ୍ରେସ କମିଟି ଗଠନ କରିବେ ନାହିଁ ବୋଲି ଅଡ଼ି ବସିଲେ । ଶେଷରେ ମୟୂରଭଞ୍ଜରେ ପ୍ରଥମ ଜିଲ୍ଲା କଂଗ୍ରେସ କମିଟି ଗଠିତ ହେଲା । ଉକ୍ତ କମିଟିରେ ଶରତ ଚନ୍ଦ୍ର ଦାସ ସଭାପତି, ଗୌରମୋହନ ପ୍ରଧାନ ସମ୍ପାଦକ ଏବଂ ପ୍ରଜାମଣ୍ଡଳର ବରିଷ୍ଠ କର୍ମକର୍ତ୍ତା ହରିଶ୍ଚନ୍ଦ୍ର କୋଷାଧ୍ୟକ୍ଷରୂପେ ମନୋନୀତ ହୋଇଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତ ବର୍ଷ ସ୍ୱାଧୀନତା ଲାଭ କରିବା ପରେ, ତତ୍ପରଦିନ ସକାଳେ ଲୋକେ କୌତୁହଳ ଓ ବିସ୍ମୟରସହିତ ଦେଖିଲେ ଯେ ଯେଉଁ ବ୍ୟକ୍ତିମାନେ ଭାରତ ସ୍ୱାଧୀନ ହେବା ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମର ଘୋର ବିରୁଦ୍ଧାଚରଣ କରି ବ୍ରିଟିଶ ସରକାର ତଥା ରାଜସରକାରଙ୍କର ସପକ୍ଷରେ ରହି କାର୍ଯ୍ୟ କରୁଥିଲେ, ସେହିମାନେ ରାତାରାତି ନିଜର ବେଶ ବଦଳାଇ ସକାଳବେଳକୁ ଧଳା ଖଦଡ଼ ପୋଷାକ ଓ କଂଗ୍ରେସ ଟୋପି ପିନ୍ଧି ସାରିଥିଲେ । ଏହିସବୁ ଲୋକେ ସଦର ଦ୍ୱାର ଛାଡ଼ି ପଛ ଦ୍ୱାର ବାଟେ ପ୍ରାଦେଶିକ କଂଗ୍ରେସ ଅଫିସମାନଙ୍କୁ ଯାଇ ସେଠାରେ ନେତାମାନଙ୍କର ଆନୁଗତ୍ୟ ସ୍ୱୀକାର କରି ପ୍ରତିଦିନ ଶହ ଶହ ସଂଖ୍ୟାରେ କଂଗ୍ରେସ ସଭ୍ୟଭୁକ୍ତ ହେବାକୁ ଲାଗିଲେ । ପଛଦ୍ୱାର ଏଥିପାଇଁ କୁହାଯାଉଛି ଯେ ସେମାନେ ନିୟମାନୁସାରେ ନିଜ ନିଜ ଜିଲ୍ଲା କଂଗ୍ରେସ କମିଟିରେ ସଭ୍ୟ ହେବାର କଥା । କିନ୍ତୁ ତାହା ସେମାନେ କରିଥିଲେ ହୁଏତ ଜିଲ୍ଲା କଂଗ୍ରେସ କମିଟିର ପରିଚାଳକମାନେ ସେମାନଙ୍କର ସ୍ୱରୂପ ଜାଣିଥିବାରୁ ଗ୍ରହଣ କରିବେ ନାହିଁ, ଏହି ଆଶଙ୍କାରେ ସେମାନେ ପ୍ରାଦେଶିକ କଂଗ୍ରେସ କମିଟି ଅଫିସକୁ ଯାଇ ସଭ୍ୟ ହୋଇଥିଲେ । ଏହି ଶ୍ରେଣୀର ସ୍ୱାର୍ଥ ସୁବିଧାବାଦୀ ବହୁବ୍ୟକ୍ତି କଂଗ୍ରେସ ଅନୁଷ୍ଠାନ ଭିତରେ ପ୍ରବେଶ କରିଯିବାରୁ ସେହି-ମାନଙ୍କର ପ୍ରଭାବରେ ଭାରତ ଜାତୀୟ କଂଗ୍ରେସ ଅନୁଷ୍ଠାନରେ ତଥା କଂଗ୍ରେସ ସରକାରରେ ଦ୍ରୁତ ଓ ବ୍ୟାପକ ନୈତିକ ଅଧୋଗତି ଦେଖାଦେଇଛି । ଏହାରି ଫଳରେ ବହୁ ନୀତିବାଦୀ, ଗାନ୍ଧିବାଦୀ ଓ ସ୍ୱାଧୀନତା ସଂଗ୍ରାମୀ କଂଗ୍ରେସରୁ, ଏପରିକି ରାଜନୀତି କ୍ଷେତ୍ରରୁ ମଧ୍ୟ ଦୂରେଇ ଯାଇଛନ୍ତି ।

Digitized by srujanika@gmail.com

ସେତେବେଳେ ଗୌରମୋହନ ବାବୁ ଉକ୍ତ କମିଟିରେ ନ ରହିବାପାଇଁ ଇଚ୍ଛା ପ୍ରକାଶ କରିବାରୁ ସେମାନେ ତାଙ୍କୁ ବାଦ୍‌ଦେଇ ଜିଲ୍ଲା କଂଗ୍ରେସ କମିଟି ଗଠନ କରିବେ ନାହିଁ ବୋଲି ଅଡ଼ି ବସିଲେ । ଶେଷରେ ମୟୂରଭଞ୍ଜରେ ପ୍ରଥମ ଜିଲ୍ଲା କଂଗ୍ରେସ କମିଟି ଗଠିତ ହେଲା । ଉକ୍ତ କମିଟିରେ ଶରତ ଚନ୍ଦ୍ର ଦାସ ସଭାପତି, ଗୌରମୋହନ ପ୍ରଧାନ ସମ୍ପାଦକ ଏବଂ ପ୍ରଜାମଙ୍ଗଳର ବିଶିଷ୍ଟ କର୍ମକର୍ତ୍ତା ହରିଶ୍ଚନ୍ଦ୍ର କୋଷାଧ୍ୟକ୍ଷରୂପେ ମନୋନୀତ ହୋଇଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତ ବର୍ଷ ସ୍ୱାଧୀନତା ଲାଭ କରିବା ପରେ, ତତ୍‌ପରଦିନ ସକାଳେ ଲୋକେ କୌତୁହଳ ଓ ବିସ୍ମୟରସହିତ ଦେଖିଲେ ଯେ ଯେଉଁ ବ୍ୟକ୍ତିମାନେ ଭାରତ ସ୍ୱାଧୀନ ହେବା ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମର ଘୋର ବିରୁଦ୍ଧାଚରଣ କରି ବ୍ରିଟିଶ ସରକାର ତଥା ରାଜସରକାରଙ୍କର ସପକ୍ଷରେ ରହି କାର୍ଯ୍ୟ କରୁଥିଲେ, ସେହିମାନେ ରାତାରାତି ନିଜର ବେଶ ବଦଳାଇ ସକାଳବେଳକୁ ଧୋବ ଖଦଡ଼ ପୋଷାକ ଓ କଂଗ୍ରେସ ଟୋପି ପିନ୍ଧି ସାରିଥିଲେ । ଏହିସବୁ ଲୋକେ ସଦର ଦ୍ୱାର ଛାଡ଼ି ପଛ ଦ୍ୱାର ବାଟେ ପ୍ରାଦେଶିକ କଂଗ୍ରେସ ଅଫିସମାନଙ୍କୁ ଯାଇ ସେଠାରେ ନେତାମାନଙ୍କର ଆନୁଗତ୍ୟ ସ୍ୱୀକାର କରି ପ୍ରତିଦିନ ଶହ ଶହ ସଂଖ୍ୟାରେ କଂଗ୍ରେସ ସଭ୍ୟଭୁକ୍ତ ହେବାକୁ ଲାଗିଲେ । ପଛଦ୍ୱାର ଏଥିପାଇଁ କୁହାଯାଉଛି ଯେ ସେମାନେ ନିୟମାନୁସାରେ ନିଜ ନିଜ ଜିଲ୍ଲା କଂଗ୍ରେସ କମିଟିରେ ସଭ୍ୟ ହେବାର କଥା । କିନ୍ତୁ ତାହା ସେମାନେ କରିଥିଲେ ହୁଏତ ଜିଲ୍ଲା କଂଗ୍ରେସ କମିଟିର ପରିଚାଳକମାନେ ସେମାନଙ୍କର ସ୍ୱରୂପ ଜାଣିଥିବାରୁ ଗ୍ରହଣ କରିବେ ନାହିଁ, ଏହି ଆଶଙ୍କାରେ ସେମାନେ ପ୍ରାଦେଶିକ କଂଗ୍ରେସ କମିଟି ଅଫିସକୁ ଯାଇ ସଭ୍ୟ ହୋଇଥିଲେ । ଏହି ଶ୍ରେଣୀର ସ୍ୱାର୍ଥ ସୁବିଧାବାଦୀ ବହୁବ୍ୟକ୍ତି କଂଗ୍ରେସ ଅନୁଷ୍ଠାନ ଭିତରେ ପ୍ରବେଶ କରିଯିବାରୁ ସେହି-ମାନଙ୍କର ପ୍ରଭାବରେ ଭାରତ ଜାତୀୟ କଂଗ୍ରେସ ଅନୁଷ୍ଠାନରେ ତଥା କଂଗ୍ରେସ ସରକାରରେ ଦ୍ରୁତ ଓ ବ୍ୟାପକ ନୈତିକ ଅଧୋଗତି ଦେଖାଦେଇଛି । ଏହାର ଫଳରେ ବହୁ ନୀତିବାଦୀ, ଗାନ୍ଧିବାଦୀ ଓ ସ୍ୱାଧୀନତା ସଂଗ୍ରାମୀ କଂଗ୍ରେସରୁ, ଏପରିକି ରାଜନୀତି କ୍ଷେତ୍ରରୁ ମଧ୍ୟ ଦୂରେଇ ଯାଇଛନ୍ତି ।

Digitized by srujanika@gmail.com